
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୧୭ ଜୁଲାଇ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 17 JULY 2021
Vol.No. 32 ■ No. 181 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## କରୋନାର ୩ୟ ୱେଭ ରୋକିବାକୁ
# ମୁଖ୍ୟମନ୍ତ୍ରୀମାନଙ୍କୁ ୪-ଟିର ମନ୍ତ୍ର ଦେଲେ ମୋଦି



ନୂଆଦିଲ୍ଲୀ,୧୬/୦୭: ମହାମାରୀ କରୋନାର ସମ୍ଭାବ୍ୟ ତୃତୀୟ ୱେଭ ଦେଶରେ ବ୍ୟାପିବା ପୂର୍ବରୁ ରୋକିବାକୁ ପଡ଼ିବ। ଏଥିପାଇଁ ରାଜ୍ୟ ସରକାର ଗୁଡ଼ିକ ୪-ଟି ଉପରେ କାମ କରିବା ଦରକାର ବୋଲି ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ସମେତ ୬ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଆଜି ଶ୍ରୀ ମୋଦି ଓଡ଼ିଶା, ମହାରାଷ୍ଟ୍ର, କେରଳ, ତାମିଲନାଡୁ, ଆନ୍ଧ୍ର ପ୍ରଦେଶ ଓ କର୍ଣ୍ଣାଟକା ମୁଖ୍ୟମନ୍ତ୍ରୀମାନଙ୍କ ସହ କରୋନା ସ୍ଥିତି ନେଇ ସମୀକ୍ଷା କରିଥିଲେ। ଏହି ସମୟରେ ମୋଦି କହିଛନ୍ତି ଯେ ତୃତୀୟ ୱେଭକୁ ରୋକିବା ଆମ ସମସ୍ତଙ୍କର ପ୍ରଥମ ଦାୟିତ୍ୱ। କେନ୍ଦ୍ର ସରକାର ଜାରି କରିଥିବା ୪ଟି- ଟେଷ୍ଟ, ଟ୍ରାକ, ଟ୍ରିଟ ଓ ଟିକା ଉପରେ ସମସ୍ତଙ୍କୁ ଫୋକସ କରିବାକୁ ପଡ଼ିବ। ଏହାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ହେବ। ତୃତୀୟ ୱେଭକୁ ରୋକିବା ପାଇଁ କଡ଼ା ପଦକ୍ଷେପ ଜରୁରୀ। ଆପଣମାନେ ଭଲ ଭାବେ ଏହାର ଗୁରୁତ୍ୱ ସମ୍ପର୍କରେ ଜାଣିଛନ୍ତି। ତେଣୁ ଏହାକୁ ପାଳନ କରିବାକୁ ହେବ। ୟୁରୋପ ଓ ଏସିଆର କିଛି ଦେଶରେ ସଂକ୍ରମଣ ପୁଣି ବଢୁଛି। ଏହା ଆମ ପାଇଁ ସତର୍କ ଘଣ୍ଟି। ଏହାକୁ ଆମେ ହାଲୁକା ଭାବେ ଆଦୌ ନେବା ନାହିଁ ବୋଲି ମୋଦି କହିଛନ୍ତି। ଟେଷ୍ଟିଂ ବୃଦ୍ଧି କରିବାକୁ ମୋଦି ପରାମର୍ଶ ଦେଇ କହିଛନ୍ତି, ସ୍ଥିତି ଯଦି ନିୟନ୍ତ୍ରଣ ବାହାରକୁ ଚାଲିଯିବ, ତା'ହେଲେ ସମସ୍ତଙ୍କ ପାଇଁ ସମସ୍ୟା ସୃଷ୍ଟି ହେବ। ଆରଟି-ପିସିଆର ଟେଷ୍ଟକୁ ବୃଦ୍ଧି କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏହାଦ୍ୱାରା ହିଁ ଆମେ ସଂକ୍ରମଣକୁ ରୋକିପାରିବା। ଗ୍ରାମାଞ୍ଚଳ ପ୍ରତି ଅଧିକ ଧ୍ୟାନ ଦେବାକୁ ମଧ୍ୟ ମୋଦି କହିଛନ୍ତି। ଏଥିସହ ସାର୍ବଜନୀନ ସ୍ଥାନରେ ଯେମିତି ଭିଡ଼ ନହେବ, ସେଥିପାଇଁ ମଧ୍ୟ ପଦକ୍ଷେପ ନେବାକୁ ସେ ମୁଖ୍ୟମନ୍ତ୍ରୀମାନଙ୍କୁ କହିଛନ୍ତି। ଦ୍ୱିତୀୟ ୱେଭ ବେଳେ ଅମ୍ଳଜାନର ଅଭାବ ଦେଖା ଯାଇଥିଲା। ଏଭଳି ସ୍ଥିତି ପୁଣି ଯେମିତି ନ ଉପୁଜିବ ତା' ଉପରେ ଗୁରୁତ୍ୱ ଦେବାକୁ ମୋଦି ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, କେନ୍ଦ୍ର ସରକାର ସବୁ ରାଜ୍ୟ ପାଇଁ ପିଏସ୍ଏ ଅକ୍ସିଜେନ ପ୍ଲାଣ୍ଟକୁ ଅନୁମତି ଦେଇଛନ୍ତି। ୧୫/୨୦ ଦିନ ଭିତରେ ଏହା ଯେମିତି ପ୍ରତିଷ୍ଠା ହୋଇପାରିବ, ସେଥିପାଇଁ ଜଣେ ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଉ। ଏହାକୁ ଏକ ମିଶନ ଭାବେ ନେଇ ସମସ୍ତେ ଆଗକୁ ବଢ଼ିବା ଦରକାର ବୋଲି ମୋଦି କହିଛନ୍ତି। ସୂଚନାଯୋଗ୍ୟ, ଆଜି ମୋଦି ଯେଉଁ ୬ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହ ଆଲୋଚନା କରିଛି ସେଠାରୁ ଦୈନିକ ମୋଟ ସଂକ୍ରମଣର ୮୦% ଲୋକ ଚିହ୍ନଟ ହେଉଛନ୍ତି। ସେହିପରି ଦେଶର ମୋଟ ମୃତ୍ୟୁସଂଖ୍ୟାରୁ ୮୪% ଏହି ୬ ରାଜ୍ୟରୁ ରେକର୍ଡ କରାଯାଉଛି।

### ବୋଲବମ ଯାତ୍ରାନେଇ ସୁପ୍ରିମକୋର୍ଟଙ୍କ ଶକ୍ତ ନୀତି
## ପୁନଃ ବିଚାର ପାଇଁ ଉତ୍ତରପ୍ରଦେଶ ସରକାରଙ୍କୁ ପରାମର୍ଶ



ନୂଆଦିଲ୍ଲୀ,୧୬/୦୭: କାଉଡିଆ ଯାତ୍ରା ନେଇ ସୁପ୍ରିମକୋର୍ଟ ଓ ଉତରପ୍ରଦେଶ ସରକାରଙ୍କ ମଧ୍ୟରେ ଦେଖିବାକୁ ମିଳିଛି ଦ୍ୱନ୍ଦ । ୟୁପି ସରକାର ରାଜ୍ୟରେ ପ୍ରତିକାତ୍ମକ ଭାବେ ବୋଲବମ ଯାତ୍ରା କରିବା ପାଇଁ ପକ୍ଷ ରଖିବା ପରେ, ଏନେଇ ପୁନଃ ବିଚାର କରିବାକୁ କହିଛନ୍ତି ସୁପ୍ରିମକୋର୍ଟ । ଶ୍ରାବଣରେ ବୋଲବମ ଯାତ୍ରା ପାଇଁ ଉତର ପ୍ରଦେଶ ସରକାର ଦେଇଛନ୍ତି ଅନୁମତି । ୟୁପି ସରକାର କହିଛନ୍ତି ସମସ୍ତ କଟକଣା ଭିତରେ ପ୍ରତିକାତ୍ମକ ଭାବେ କାଉଡିଆ ଯାତ୍ରା ରାଜ୍ୟରେ କରାଯାଇ ପାରିବ । ଫଳରେ ଏହାକୁ ପୁନଃ ବିଚାର କରିବାକୁ ୟୁପି ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ସର୍ବୋଚ୍ଚ ନାୟାଳୟ । ଦେଶରେ କରୋନା ସ୍ଥିତିକୁ ନଜରରେ ରଖି ବୋଲବମ ଯାତ୍ରା ପ୍ରତିକାତ୍ମକ ଭାବେ ନକରିବାକୁ ୟୁପି ସରକାରଙ୍କୁ କୋର୍ଟ କହିଛନ୍ତି । ଏହା ସହିତ ଆସନ୍ତା ୧୯ ତାରିଖ ସୁଦ୍ଧା ନିଜ ପକ୍ଷ ରଖିବାକୁ କହିଛନ୍ତି ସୁପ୍ରିମକୋର୍ଟ । ବିଚାରପତି ଜଷ୍ଟିସ ଆରଏଫ ନରିମନ୍ ଓ ଜଷ୍ଟିସ ବିଆର ଗଭାଇଙ୍କ ଖଣ୍ଡପୀଠ ଏହି ପ୍ରସଙ୍ଗରେ ଶୁଣାଣୀ କରି କହିଛନ୍ତି ମଣିଷ ଜୀବନ ସବୁଠାରୁ ଉପରେ । ସେପଟେ କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ ଅନୁରୋଧ କରିଛନ୍ତି ଯେ, ଦେଶରେ କାଉଡିଆ ଯାତ୍ରାକୁ ଅନୁମତି ଦିଆ ନ ଯାଉ ଏବଂ ଗଙ୍ଗାଜଳର ବ୍ୟବସ୍ଥା ବିଭିନ୍ନ ସ୍ଥାନରେ ଟ୍ୟାଙ୍କର ଯୋଗେ କରାଯାଉ । ଉତର ପ୍ରଦେଶର ପ୍ରତ୍ୟେକ ଗଙ୍ଗା ଘାଟରେ ୧୪୪ ଧାରା ଲାଗୁ କରାଇବାକୁ ସୁପ୍ରିମକୋର୍ଟଙ୍କୁ ଅପିଲ କରିଛନ୍ତି କେନ୍ଦ୍ର ସରକାର । ଶ୍ରାବଣ ମାସରେ କାଉଡିଆଙ୍କ ଭିଡକୁ ନଜରରେ ରଖି ସୁପ୍ରିମକୋର୍ଟ ଉତର ପ୍ରଦେଶ ଓ ଉତରାଖଣ୍ଡ ସରକାରଙ୍କୁ ନିଜ ନିଜ ରାଜ୍ୟରେ ବୋଲବମ ଯାତ୍ରା ଅନୁଷ୍ଠିତ କରିବା କଥା କି ନାହିଁ ସେନେଇ ମତ ମାଗିଥିଲେ ।

## ଆରପାରିରେ ପ୍ରଖ୍ୟାତ ଚଳଚିତ୍ର ଅଭିନେତ୍ରୀ ସୁରେଖା ସୀକରୀ



ନୂଆଦିଲ୍ଲୀ,୧୬/୦୭: ଜାତୀୟ ଚଳଚିତ୍ର ପୁରସ୍କାର ବିଜେତା ଅଭିନେତ୍ରୀ ସୁରେଖା ସୀକରୀଙ୍କର ୭୫ ବର୍ଷ ବୟସରେ ପରଲୋକ ହୋଇଛି । ଦୀର୍ଘଦିନ ହେବ ସେ ରୋଗରେ ପୀଡିତ ହୋଇ ଚିକିତ୍ସାଧିନ ଥିଲେ । ହୃଦଘାତ କାରଣରୁ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଇଛି । ସିରିଅଲ ବାଳିକା ବଧୂ ଓ ଚଳଚିତ୍ର 'ବଧାଇ ହୋ' ରେ ଜେଜେ ମା ଭୂମିକାରେ ଅଭିନୟ କରି ସେ ବେସ୍ ଚର୍ଚ୍ଚାକୁ ଆସିଥିଲେ । ତାଙ୍କ ମୃତ୍ୟୁ ଖବର ପାଇବା ପରେ ପୁରା ବଲିଉଡ ଜଗତରେ ଶୋକର ଛାୟା ଖେଳିଯାଇଛି । ସୁରେଖାଙ୍କ ମ୍ୟାନେଜର ତାଙ୍କ ମୃତ୍ୟୁ ନେଇ ସୂଚନା ଦେଇଛନ୍ତି । ୨୦୧୮ ମସିହାରେ ପ୍ରଥମେ ତାଙ୍କର ବ୍ରେନ୍ ଷ୍ଟ୍ରୋକ ହୋଇଥିଲା ଏହାପରେ ପୁଣି ୨୦୨୦ ମସିହା ସେପ୍ଟେମ୍ବର ମାସରେ ଦ୍ୱିତୀୟ ଥର ବି ଷ୍ଟ୍ରୋକ୍ ହୋଇଥିଲା । ତାଙ୍କୁ ୩ ଥର ବେଷ୍ଟ ସପୋର୍ଟିଂ ଆକ୍ଟ୍ରେସ ଭାବେ ରାଷ୍ଟ୍ରୀୟ ଫିଲ୍ମ ପୁରସ୍କାର ମିଳିଥିଲା ।

## ଗର୍ଭବତୀ ମହିଳାଙ୍କୁ ଟିକାଦାନ ଆରମ୍ଭ



ଭୁବନେଶ୍ୱର,୧୬/୦୭ (ନି.ପ୍ର): ରାଜ୍ୟରେ ଆଜି (ଶୁକ୍ରବାର) ଠାରୁ ଗର୍ଭବତୀ ମହିଳାଙ୍କୁ କରୋନା ଟିକାକରଣ ଆରମ୍ଭ ହୋଇଛି । କୋ-ୱିନ୍ ପୋର୍ଟାଲରେ ଏଥିପାଇଁ ସ୍ୱତନ୍ତ୍ର ଫିଚର ବ୍ୟବସ୍ଥା କରାଯାଇଛି। ତେବେ ପଞ୍ଜିକରଣ ନ କରି ମଧ୍ୟ ସିଧା ଟିକାକେନ୍ଦ୍ରକୁ ଆସି ଗର୍ଭବତୀ ମହିଳା ଟିକା ନେଇପାରିବେ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ କହିଛନ୍ତି। ସେ କହିଛନ୍ତି ଯେ ଗର୍ଭବତୀ ମହିଳାମାନଙ୍କୁ ଟିକା କେନ୍ଦ୍ରକୁ ଆସି ଧାଡ଼ିରେ ଠିଆହେବାକୁ ପଡ଼ିବ ନାହିଁ। ସେମାନଙ୍କୁ ତୁରନ୍ତ ଟିକା ଦିଆଯିବ। ଆଶାଦିଦି ଏ ନେଇ ସେମାନଙ୍କୁ ସହାୟତା କରିବେ। ତେବେ ଘରକୁ ଯାଇ ଟିକା ଦେବାର କୌଣସି ବ୍ୟବସ୍ଥା କରାଯାଇନାହିଁ। ବର୍ଷକୁ ୯ ଲକ୍ଷ ମହିଳା ଗର୍ଭବତୀ ହେବା ନେଇ ପଞ୍ଜିକରଣ କରନ୍ତି, ତେବେ ସେଥିମଧ୍ୟରୁ ପ୍ରଥମେ ସାଢେ ୪ ଲକ୍ଷଙ୍କୁ ଏବେ ଟିକା ପାଇଁ ଠାବ କରାଯାଇପାରିବ।

## ରାଜ୍ୟ ପାଇଁ ୯୫ ପ୍ରତିଶତ ଟିକା ଆବଂଟନ ଦାବି କଲେ ନବୀନ

ଭୁବନେଶ୍ୱର,୧୬/୦୭ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ପାଇଁ ୯୫ ପ୍ରତିଶତ ଟିକା ଆବଂଟନ କରିବାକୁ ଦାବି କରିଛନ୍ତି। ଶୁକ୍ରବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡିଶା ସମେତ ୬ଟି ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଏକ ସମୀକ୍ଷା ବୈଠକରେ ଆଲୋଚନା କରିଥିଲେ। ଉକ୍ତ ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାରେ ଟିକାକରଣ ପ୍ରସଙ୍ଗ ଉଠାଇ ଏହି ଦାବି କରିଥିଲେ। ମୁଖ୍ୟମନ୍ତ୍ରୀ କହିଛନ୍ତି, ଯେ ଟିକାକରଣରେ ଓଡିଶା ବହୁତ ଭଲ ପ୍ରଦର୍ଶନ କରୁଛି ଏବଂ ଆମର ଅପଚୟ ଦେଶରେ ସର୍ବନିମ୍ନ ରହିଛି। ଓଡ଼ିଶାରେ ଘରୋଇ ହସ୍ପିଟାଲ ସଂଖ୍ୟା ବହୁତ କମ୍ ଅଛି। ତେବେ ଘରୋଇ ହସ୍ପିଟାଲକୁ ୨୫ପ୍ରତିଶତ ଟିକା ଆବଂଟନ ବ୍ୟବସ୍ଥା ଥିବାରୁ ଓଡ଼ିଶା କୋଟା କମୁଛି। ଘରୋଇ ହସ୍ପିଟାଲକୁ ୫ପ୍ରତିଶତ ଟିକା ଦେଇ ୯୫ପ୍ରତିଶତ ରାଜ୍ୟ ସରକାରଙ୍କୁ ଦିଆଯାଉ। ଏହା ରାଜ୍ୟରେ ଟିକାକରଣକୁ ବୃଦ୍ଧି କରିବାରେ ସାହାଯ୍ୟ କରିବ ବୋଲି ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀଙ୍କ ସମୀକ୍ଷା ବୈଠକରେ ଦାବି କରିଛନ୍ତି। କରୋନାର ତୃତୀୟ ଲହର ପିଲାଙ୍କ ଉପରେ ଅଧିକ ପ୍ରଭାବ ପକାଇବ ବୋଲି କୁହାଯାଉଥିବା ବେଳେ ୧୨-୧୮ବର୍ଷର ପିଲାଙ୍କ ପାଇଁ ଟିକାକୁ ପ୍ରାଥମିକତା ଦିଆଯାଇ ଯଥାଶୀଘ୍ର ଏହାକୁ କାର୍ଯ୍ୟକାରୀ କରାଯାଉ ବୋଲି ନବୀନ ପଟ୍ଟନାୟକ ପ୍ରସ୍ତାବ ଦେଇଥିଲେ। ଉଲ୍ଲେଖ୍ୟଯୋଗ୍ୟ ଯେ କରୋନା ସ୍ଥିତି ନେଇ ପ୍ରଧାନମନ୍ତ୍ରୀ ମୋଦି ୬ଟି ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଓଡିଶା ସମେତ ତାମିଲନାଡୁ, ଆନ୍ଧ୍ର ପ୍ରଦେଶ, କର୍ଣ୍ଣାଟକ , ମହାରାଷ୍ଟ୍ର ଏବଂ କେରଳ ମୁଖ୍ୟମନ୍ତ୍ରୀ ଏଥିରେ ସାମିଲ ହୋଇଥିଲେ।

## ପ୍ରଦୀପ୍ତ ମହାପାତ୍ରଙ୍କ ଗଳ୍ପ ସଂକଳନ 'ମାଟି ଘୋଡା' ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ

ଭୁବନେଶ୍ୱର,୧୬/୦୭ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ନବୀନ ନିବାସ ଠାରେ ଅବସରପ୍ରାପ୍ତ ପ୍ରଶାସକ ତଥା କଥାକାର ପ୍ରଦୀପ୍ତ ମହାପାତ୍ରଙ୍କ ଗଳ୍ପ ସଂକଳନ 'ମାଟି ଘୋଡା'ର ଲୋକାର୍ପଣ କରିଛନ୍ତି। ମାଟିର ମହକରେ ନିଜକୁ ହଜାଇ ଦେଇଥିବା ପ୍ରଦୀପ୍ତ ତାରି ଭିତରେ ହିଁ ଶାଶ୍ୱତର ସନ୍ଧାନ କରିଛନ୍ତି। ନିଜର ପରିଚୟ ସୃଷ୍ଟି କରିଛନ୍ତି ଓ ନିଜର ଜୀବନାନୁଭୂତିକୁ ସାହିତ୍ୟ ରଙ୍ଗରେ ରଙ୍ଗାଇଛନ୍ତି। ମାଟିର ଘୋଡା ସହିତ ମାଟି ଶିଳଟର ପୃଥିବୀ, ମାଟି ଘଟର ଜୀବନ ଓ ନିଜ ମାଟିର ଗନ୍ଧ ଆଦି ଗଳ୍ପ ସଂକଳନ ଶ୍ରୀ ମହାପାତ୍ରଙ୍କ ଉଜ୍ଜଳ ସାରସ୍ୱତ ପ୍ରତିଭାର ପ୍ରତିଶୃତି ବହନ କରୁଛି । ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କଥାକାର ଶ୍ରୀ ମହାପାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହ ପୁସ୍ତକଟିର ସଫଳତା କାମନା କରିଛନ୍ତି।

## ବିଧାନସଭା ଆବେଦନପତ୍ର କମିଟି ବୈଠକ ଅନୁଷ୍ଠିତ



ଭୁବନେଶ୍ୱର,୧୬/୦୭ (ନି.ପ୍ର): ଓଡ଼ିଶା ବିଧାନସଭାର ଆବେଦନପତ୍ର କମିଟିର ଚତୁର୍ଥ ବୈଠକ ବିଧାନସଭା ପ୍ରକୋଷ୍ଠ ୫୪ରେ ଅନୁଷ୍ଠିତ ହୋଇଯାଇଛି। କମିଟି ଅଧ୍ୟକ୍ଷ ବିଧାୟକ ବଦ୍ରିନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସମ୍ପର୍କିତ ବକେୟା ଥିବା ଆବେଦନ ପତ୍ର ଗୁଡିକ ଉପରେ ଅଦ୍ୟାବଧି ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଉକ୍ତ ବୈଠକରେ ବିଧାୟକ ଅଶ୍ୱିନୀ କୁମାର ପାତ୍ର, ମନୋହର ରନ୍ଧାରୀ, ବିଷ୍ଣୁବ୍ରତ ରାଉତରାୟ, ପ୍ରକାଶ ବେହେରାଙ୍କ ସମେତ ବିଭାଗୀୟ ପଦାଧିକାରୀ ଓ ବିଧାନସଭା ସଚିବ ଦାଶରଥୀ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ ।

## ୨୧ ସୁଦ୍ଧା ବଙ୍ଗୋପସାଗରରେ ଲଘୁଚାପ



ଭୁବନେଶ୍ୱର,୧୬/୦୭ (ନି.ପ୍ର): ଆସନ୍ତା ୨୧ ତାରିଖ ସୁଦ୍ଧା ଉତର ପଶ୍ଚିମ ବଙ୍ଗୋପସାଗର ଓ ସଂଲଗ୍ନ ଅଂଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଅପରପକ୍ଷରେ ରାଜ୍ୟରେ ଆଗାମୀ ଦୁଇଦିନ କାଳବୈଶାଖୀ ସମ୍ଭାବନା ରହିଥିବା ବେଳେ ୧୮ ତାରିଖ ରୁ ୨୧ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ରପକ୍ଷରୁ ଏନେଇ ସତର୍କ ସୂଚନା ଜାରି କରାଯାଇଛି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ କେନ୍ଦୁଝର, ମୟୁରଭଞ୍ଜ, ସୁନ୍ଦରଗଡ଼, କୋରାପୁଟ, ରାୟଗଡ଼ା , ଗଜପତି, ଗଞ୍ଜାମ, କନ୍ଧମାଳ ଓ କଳାହାଣ୍ଡି ଆଦି ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ରହିଛି। ଏହି ୯ଟି ଜିଲ୍ଲାକୁ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୧୭ରୁ ୧୮ ତାରିଖ ମଧ୍ୟରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୁରଭଞ୍ଜ ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ କାଳବୈଶାଖୀ ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

# କେନ୍ଦ୍ର ବିରୋଧରେ ବିଜେଡିର ପ୍ରତିବାଦ ଜୁଲାଇ ୨୦ରେ
## ବାକିଆ ଖାଦ୍ୟ ସବସିଡ୍ ଟଙ୍କା ଦେବା, ବଳକା ଚାଉଳ କିଣିବା ପ୍ରସଙ୍ଗ

ଭୁବନେଶ୍ୱର,୧୬/୦୭ (ନି.ପ୍ର): ଖାଦ୍ୟ ସବ୍‌ସିଡ୍ ବାବଦରେ ଦୀର୍ଘ ଦିନ ଧରି ବାକିଆ ଥିବା ୬୫୭୦ କୋଟି ଟଙ୍କା ପ୍ରଦାନ, ବଳକା ୭ ଲକ୍ଷ ମେଟ୍ରିକ ଟନ୍ ଚାଉଳକୁ କେନ୍ଦ୍ର ସରକାର ଉଠାଇବା ଓ ଖରିଫ ଧାନ ସଂଗ୍ରହ ସମୟ ଅବଧି ସେପ୍ଟେମ୍ବର ୩୦ ତାରିଖକୁ ବୃଦ୍ଧି କରିବା ଆଦି ଦାବି ନେଇ ବିଜେଡି ପକ୍ଷରୁ ଆସନ୍ତା ଜୁଲାଇ ୨୦ ତାରିଖରେ ଭାରତୀୟ ଖାଦ୍ୟ ନିଗମର ଦପ୍ତର ଓ ଗୋଦାମ ସମ୍ମୁଖରେ ପ୍ରତିବାଦ କରାଯିବ । ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜୁ ମହିଳା ଜନତା ଦଳ ସଭାପତି ସ୍ନେହାଙ୍ଗିନୀ ଛୁରିଆ ଓ ଦଳର ସାଧାରଣ ସମ୍ପାଦକ ତଥା ମୁଖପାତ୍ର ଶ୍ରୀମୟୀ ମିଶ୍ର ଏହି ସୂଚନା ଦେଇଛନ୍ତି । ଉଭୟ ନେତ୍ରୀ ଆଜି କହିଛନ୍ତି ଯେ ସତ୍ୟ ଜାଣି ବି ଓଡିଶା ବିଜେପି ମିଥ୍ୟା ଓ ଭିତିହୀନ ବିବୃତି ଦେଇ ରାଜ୍ୟବାସୀଙ୍କୁ ଧାନ କିଣା ସଂକ୍ରାନ୍ତରେ ବିଭ୍ରାନ୍ତ କରିବାରେ ଲାଗିଛି। ଖାଦ୍ୟ ସବସିଡ ବାବଦରେ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ଠାରୁ ଅର୍ଥ ପାଇବାକୁ ଥିବାବେଳେ ଭାରତ ସରକାର ବର୍ତମାନ ସୁଦ୍ଧା ତାହା ପ୍ରଦାନ କରୁନାହାନ୍ତି । ୨୦୨୦-୨୧ ଖରିଫ ଋତୁରେ ଓଡିଶା ସରକାର ଚାଷୀଙ୍କ ଠାରୁ ୪,୪୪୬ କୋଟି ଟଙ୍କାର ୭୭.୩୩ ଲକ୍ଷ ମେଟ୍ରିକ ଟନ ଧାନ ସଂଗ୍ରହ କରିଛନ୍ତି । ଭାରତ ସରକାର ଚଳିତ ଖରିଫ ଋତୁରେ ଖାଦ୍ୟ ସବ୍‌ସିଡ୍ ବାବଦରେ ୩୮୨୪ କୋଟି ଟଙ୍କା ପ୍ରଦାନ କରିଛନ୍ତି ଏବଂ ଭାରତୀୟ ଖାଦ୍ୟ ନିଗମ ୨୯୩୫ କୋଟି ଟଙ୍କା ପାଇଛି । ରାଜ୍ୟର ସବ୍‌ସିଡ ବାବଦରେ ୧୧୧୭ କୋଟି ଟଙ୍କାକୁ ବାଦ୍ ଦେଲେ ଅନାଦେୟ ବ୍ୟାଙ୍କ ଋଣ ବାବଦରେ ୬୫୭୦କୋଟି ଟଙ୍କା ବାକିଆ ପଡି ରହିଛି। ସେହିପରି ଓଡିଶା ନିକଟରେ ଥିବା ବଳକା ପ୍ରାୟ ୨୦ ଲକ୍ଷ ମେଟ୍ରିକ ଟନ୍ ଚାଉଳରୁ କେନ୍ଦ୍ର ସରକାର ମାତ୍ର ୧୩ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଉଠାଇଥିବାବେଳେ ଆଉ ୭ ଲକ୍ଷ ଚାଉଳ ବର୍ତମାନ ସୁଦ୍ଧା ପଡି ରହିଛି । ତୁରନ୍ତ ଏହି ବଳକା ୭ ଲକ୍ଷ

▶▶ପୃଷ୍ଠା ୭

## ରାଜ୍ୟରେ କରୋନାରେ ଆଉ ୬୪ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୧୬/୦୭ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୬୪ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୪୯୨୫ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨୨ ଜଣ ଥିବା ବେଳେ ବରଗଡ ଜିଲ୍ଲାରୁ ୧୦ ଜଣ ମୃତ୍ୟୁବରଣ କରିଛନ୍ତି । ବାଲେଶ୍ୱର ଜିଲ୍ଲାରୁ ୮ଜଣ, ସୁନ୍ଦରଗଡ ଜିଲ୍ଲାରୁ ୭ ଜଣ ମୃତ୍ୟୁବରଣ କରିଛନ୍ତି । ଗଂଜାମ ଜିଲ୍ଲାରୁ ୬ ଜଣ ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି । କନ୍ଧମାଳ ଓ ସମ୍ବଲପୁର ଜିଲ୍ଲାରୁ ୨-୨ ଜଣ ଲେଖାଏ ମୃତ୍ୟୁବରଣ କରିଛନ୍ତି । ବୌଦ୍ଧ କଳାହାଣ୍ଡି, ମୟୁରଭଂଜ, କେନ୍ଦ୍ରାପଡା, ନୂଆପଡା, ପୁରୀ, ରାୟଗଡା ଜିଲ୍ଲାରୁ ଜଣେ ଲେଖାଏ ମୃତ୍ୟୁବରଣ କରିଛନ୍ତି । ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ଯେ ପ୍ରତ୍ୟେକ ଦିନ ଆସୁଥିବା ମୃତ୍ୟୁ ସଂଖ୍ୟା ସେହି ନିର୍ଦ୍ଦିଷ୍ଟ ଦିନର ନୁହେଁ। ବିଭିନ୍ନ ସ୍ତରରେ ଅଡିଟ କରା ଯାଇ ମୃତ୍ୟୁ ସଂଖ୍ୟା ଘୋଷଣା କରା ଯାଉଥିବା ବିଭାଗ ପକ୍ଷରୁ କୁହା ଯାଇଛି ।

## ୨ କେଜି ସୁନା ଜବତ କଲା କମିଶନରେଟ ପୋଲିସ

କଟକ,୧୬/୭ (ନି.ପ୍ର): ୨ କେଜି ସୁନା ଜବତ କରିଛି କମିଶନରେଟ ପୋଲିସ । ପଞ୍ଜାବରୁ ସୁନା ଆଣି ଜିଏସଟି ଫାଙ୍କି ବିକ୍ରୀ କରିବା ବେଳେ ଏହାକୁ ଧରିଛି ପୋଲିସ । ଆଜି ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କଟକ ଡିସିପି ପ୍ରତୀକ ସିଂହ ଏନେଇ ସୂଚନା ଦେଇଛନ୍ତି । ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ । ଆଇନ ଖିଲାପକାରୀଙ୍କୁ କେବଳ ଫାଇନ୍ ହୋଇଛି ବୋଲି ସେ କହିଛନ୍ତି ।

## ମନରେଗା କାମରେ ୩୦୦ ଦିନ କାମ ଯୋଗାଇଦେବା ପାଇଁ ଦାବି

ନୂଆପଡା,୧୬/୭ (ନି.ପ୍ର): ନୂଆପଡା ଜିଲ୍ଲା ଏକ ଦାଦନ ପ୍ରବଣ ଜିଲ୍ଲା ଭାବରେ ପରିଚିତ । କାମ ଧନ୍ଦା ଅଭାବରୁ ପ୍ରତିବର୍ଷ ଲକ୍ଷାଧିକ ଲୋକ ଦାଦନ ଖଟିବା ପାଇଁ ଅନ୍ୟ ରାଜ୍ୟକୁ ଯାଇଥାନ୍ତି । ସେଠାରେ ଅସ୍ୱାସ୍ଥ୍ୟକର ପରିବେଶରେ ରହି ରୋଗାକ୍ରାନ୍ତ ହୋଇଥାନ୍ତି । ଦଲାଲ ଓ ମାଲିକଙ୍କ ଠାରୁ ଅନେକ ନିର୍ଯ୍ୟାତନା ସହି କାମ କରିଥାନ୍ତି । ଯେତେ ଦୁଃଖ କଷ୍ଟ ଆସିଲେ ମଧ୍ୟ ପରିବାର ପ୍ରତିପୋଷଣର ବିକଳ୍ପ ବ୍ୟବସ୍ଥା ନଥିବା ହେତୁ ବାଧ୍ୟ ହୋଇ ସେଠାରେ ପଡି ରହିଥାନ୍ତି । ଭିଟାମାଟିର ମୋହ ସଦାସର୍ବଦା ସେମାନଙ୍କୁ ବ୍ୟତିଥ କରୁଥିଲେ ସୁଦ୍ଧା ପେଟଚାଖଣ୍ଡ ପାଇଁ ସେହି ମୁହଁକୁ ବିସର୍ଜନ ଦେବାକୁ ପଡେ ବୋଲି ସେମାନେ କହନ୍ତି । ସରକାର ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ଯୋଜନା କଲେ ମଧ୍ୟ ସେମାନଙ୍କ ଜୀବନ ଜୀବିକାର ଉନ୍ନତି ହୋଇପାରୁନାହିଁ । ଲୋକଙ୍କ ପାଇଁ ଏକମାତ୍ର ରୋଜଗାରର ମାଧ୍ୟମ ମନରେଗା ହୋଇଥିବା ସ୍ଥଳେ ମାତ୍ର ୧୦୦ ଦିନ କର୍ମ ଯୋଗାଣର ବ୍ୟବସ୍ଥା ଲୋକଙ୍କ ମୌଳିକ ଆବଶ୍ୟକତା ପୂରଣ କରିବାରେ ସହାୟକ ହୋଇପାରୁନାହିଁ । ଗତ ବର୍ଷ ଜିଲାର ପ୍ରତି ଶ୍ରମିକ ପରିବାର ପାଇଁ ୧୦୦ ଦିନର କାର୍ଯ୍ୟ ଦିବସ ଓ ଦୈନିକ ମଜୁରି ୩୦୮ ଟଙ୍କା ଥିବା ବେଳେ ଚଳିତ ବର୍ଷ ୧୦୦ ଦିନ ସହ ଦୈନିକ ମଜୁରୀ ୨୧୫ ଟଙ୍କା ରହିଛି । ଅର୍ଥାତ ଗୋଟିଏ ପରିବାର ବର୍ଷକ ମଧ୍ୟରେ ୧୦୦ ଦିନ କାମ ପାଇଁ ୨୧ ହଜାର ୫୦୦ ଟଙ୍କା ରୋଜଗାର କରିପାରିବ । ଯାହାକି ସମୁଦ୍ର ସଙ୍ଗେ ପାଣି । ନୂଆପଡା ଜିଲ୍ଲାର ଖଡିଆଳ ଅ ଲରେ ଅନେକ ଶ୍ରମିକ ପରିବାର ୧୦୦ ଦିନ କାର୍ଯ୍ୟ ପୁରି ଯାଇଥିବାରୁ ଆଉ କାମ କରି ପାରୁନାହାନ୍ତି ଓ ବେରୋଜଗାରୀ ହୋଇ ବସି ରହିଛନ୍ତି । କରୋନା ପାଇଁ ନା ଲୋକେ ବାହାରକୁ ଯାଇପାରୁଛନ୍ତି ନା ଗାଁ ରେ କାମ ପାଇ ପାରୁଛନ୍ତି । ୧୦୦ ରୁ ୩୦୦ ଦିନ କାମ ଯୋଗାଇବାକୁ ଶ୍ରମିକ ପରିବାର ସହ ଅନେକ ସାମାଜିକ କର୍ମୀ ଦାବୀ କରି ଆସୁଥିଲେ ମଧ୍ୟ ସରକାର ଏପର୍ଯନ୍ତ କୌଣସି ନିଷ୍ପତି ନେଇ ପାରିନାହାନ୍ତି । ଅତିଶିଘ୍ର ଏନେଇ ବିଚାର ନକଲେ ଲୋକେ ପୁଣି ଦଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯିବେ ଏଥିରେ ଦ୍ୱିମତ ନାହିଁ ।

## ଆବଶ୍ୟକ ଠାରୁ କମ୍ ବର୍ଷା : ରୁଆ ବେଉଷଣା କାର୍ଯ୍ୟରେ ବାଧାପ୍ରାପ୍ତ

ନୂଆପଡା,୧୬/୭ (ନି.ପ୍ର): ଜୁଲାଇ ମାସର ୧୫ ଦିନ ଗଲାଣି । ବର୍ଷାର ଦେଖା ନାହିଁ । ଯାହାଫଳରେ ଚିନ୍ତାରେ ଜିଲ୍ଲାର ଚାଷୀକୂଳ । ଜୁନ ମାସ ଆରମ୍ଭରେ ଭଲ ବର୍ଷା ହେବାରୁ ଚାଷୀକୂଳଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା । ଚାଷୀ ମାନେ ଧାର କରଜ କରି ବିହନ ସଂଗ୍ରହ କରି ଜମିରେ ଧାନ ବୁଣିବା ସହିତ ତଳି ପକାଇଥିଲେ । ଅନେକ ସ୍ଥାନରେ ଧାନ ବୁଣିବା ଓ ତଳି ପକାଇବାର ଏକମାସରୁ ଉର୍ଦ୍ଧ୍ୱ ହୋଇଯାଇଛି । ଅନେକ ସ୍ଥାନରେ ତଳି ରୋଇବା ପାଇଁ ପ୍ରସ୍ତୁତ ହୋଇ ରହିଛି । କିନ୍ତୁ ବର୍ଷା ଦାଉ ସାଜିଛି । ଜୁଲାଇ ମାସରେ ଆବଶ୍ୟକତା ଠାରୁ ଢେର କମ ବର୍ଷା ହୋଇଛି । ଯାହାଫଳରେ ଜମି ଗୁଡିକ ସୁଖିଲା ପଡିଥିବାରୁ ରୁଆ ବେଉଷଣା କାର୍ଯ୍ୟରେ ବାଧାପ୍ରାପ୍ତ ଦେଖା ଦେଇଛି । ଗତ କେତେ ବର୍ଷ ହେଲା ନୂଆପଡା ଜିଲ୍ଲା ସମେତ ଖଡିଆଳ ଅ ଲରେ ଗଜା ମରୁଡି ତ କେତେ ବେଳେ ସମ୍ପୂର୍ଣ୍ଣ ମରୁଡି ହେଉଥିବାରୁ ଚାଷୀଙ୍କ ମେରୁଦଣ୍ଡ ଦୋହଳି ପଡିଛି । ଧାନ ଅମଳ ହେଲେ ମଧ୍ୟ ଧାନ ବିକ୍ରୟ ହୋଇ ନ ପାରି ଚାଷୀ କମ ଦାମରେ ଦଲାଲ ମାନଙ୍କୁ ବିକ୍ରୟ କରିଦେବା ପାଇଁ ବାଧ୍ୟ ହେଉଛନ୍ତି । ଚାଷୀ ସବୁ ବେଳେ ବେସାହାରା ହୋଇପଡିଛି । ବର୍ତ୍ତମାନ ପରିସ୍ଥିତିରେ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଚାଷୀଙ୍କ ସମସ୍ୟାକୁ ଅନୁଧ୍ୟାନ କରି ଚାଷୀଙ୍କୁ ଆବଶ୍ୟକ ସହାୟତା ଯୋଗାଇ ଦେବାକୁ କୃଷକ ଶକ୍ତ ସଙ୍ଗଠନର ଆବାହକ ସଞ୍ଜୟ ତିୱାରୀ ଅନୁରୋଧ କରିଛନ୍ତି ।

## ଜବତ ଚୋରି ବାଇକ ଆଣିବାକୁ ଧର୍ମଶାଳା ପୁଲିସ ନାରାଜ : ଏସପିଙ୍କ ଦ୍ୱାରସ୍ଥ ହେଲେ ବାଇକ ମାଲିକ

କୋରାଇ,୧୬/୭ (ନି.ପ୍ର): ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଅରେଇକଣା ଗ୍ରାମର ଶରତ ଜେନାଙ୍କ ପୁଅ ସୁବ୍ରତ ୨୦୨୦ ମସିହା ଅକ୍ଟୋବର ୧୯ ତାରିଖ ଚଣ୍ଡିଖୋଲରୁ ଘରକୁ ଫେରୁଥିବା ବେଳେ କଂଟିଗଡିଆ ନିକଟରେ ୨ଟି ବାଇକରେ ୪ଜଣ ଦୃର୍ବୃତ ଆସି ତାଙ୍କୁ ମରଣାନ୍ତକ ଆକ୍ରମଣ କରି ବାଇକ ଛଡାଇ ନେଇଥିଲେ । ଏନେଇ ସୁବ୍ରତ ଧର୍ମଶାଳା ଥାନାରେ ଅକ୍ଟୋବର ୨୦ ତାରିଖ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ୪୨୫/୨୦ ରୁଜୁ କରିଥିଲା । କିନ୍ତୁ ଏଫଜେଡଏସ ବାଇକର ( ଓଡି୦୪ଏଲ ୯୭୯୭) କୌଣସି ସନ୍ଧାନ ମିଳିନଥିଲା । ୨୦୨୧ ମସିହା ଏପ୍ରିଲ ୨୮ ତାରିଖ କଟକ ଚାଉଳିଆଗଂଜ ଥାନାରୁ ସୁବ୍ରତଙ୍କ ନିକଟକୁ ଫୋନ ଆସିଥିଲା । ତାଙ୍କ ବାଇକଟି ଜବତ ହୋଇ ଥାନାରେ ଥିବା ସୂଚନା ଦିଆଯାଇଥିଲା । ସୁବ୍ରତ ଚାଉଳିଆ ଗଂଜ ଥାନାକୁ ଯାଇ ଗାଡିଟିକୁ ଚିହ୍ନଟ କରିଥିଲେ । ମାତ୍ର ଧର୍ମଶାଳା ଥାନାରେ ମାମଲା ହୋଇଥିବାରୁ ଧର୍ମଶାଳା ପୁଲିସ ଗାଡିଟିକୁ ଆଣି ସବୁତ୍ରକୁ ହସ୍ତାନ୍ତର କରିବେ ବୋଲି ସୂଚନା ଦେଇଥିଲେ । ଏହା ପରେ ସୁବ୍ରତ ଧର୍ମଶାଳା ଥାନାଧିକାରୀଙ୍କୁ ଭେଟି ସମସ୍ତ ବିଷୟ ଜଣାଇଥିଲା । ମାତ୍ର ଧର୍ମଶାଳା ପୁଲିସ ଆଜିକାଲି କହି ବାରମ୍ବାର ଦୌଡାଉଥିଲେ ମଧ୍ୟ ଜବତ ଗାଡିକୁ ଆଣୁ ନାହାନ୍ତି । ଫଳରେ ବାଧ୍ୟହୋଇ ବାଇକଟିକୁ ପାଇବାକୁ ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି ସୁବ୍ରତ ।

## ଫିରିଙ୍ଗିଆ ବ୍ଲକରେ ୧୧୭ ଜଣଙ୍କୁ ବିଭିନ୍ନ ଭତ୍ତା ବଂଟନ

କନ୍ଧମାଳ,୧୫ ଜୁଲାଇ (ହି.ସ.)- କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ସଭାଗୃହରେ ଭତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମୀରଞ୍ଜନ ମହନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଫିରିଙ୍ଗିଆ ବ୍ଲକ ଅଂଚଳର ୧୧୭ ଜଣଙ୍କୁ ଭତା ବଣ୍ଟନ କରିଥିଲେ । ଏଥିରେ ଫିରିଙ୍ଗିଆ ପଂଚାୟତ ସମିତି ଅଧ୍ୟକ୍ଷ ଲାଲନନ୍ଦ ପ୍ରଧାନ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମୌତ୍ରୀ ସତ୍‌ପଥି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏଥିରେ ବ୍ଲକର ଅନ୍ୟାନ ପଂଚାୟତ ର ସରପଂଚ ଓ ସମିତି ସଭ୍ୟମାନେ ଉପସ୍ଥିତ ଥିଲେ । ଏହି କର୍ଯ୍ୟକ୍ରମରେ ସମୁଦାୟ ୧୧୭ ଜଣ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ଭତା ପ୍ରଦନ କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୮୫ ଜଣଙ୍କୁ ବାର୍ଧକ୍ୟ ଭତା,୨୧ଜଣଙ୍କୁ ବିଧବା ଭତା,୯ଜଣଙ୍କୁ ବିକଳାଙ୍ଗ ଭତା,୨ଜଣଙ୍କୁ ସ୍ୱମୀ ପରିତ୍ୟକ୍ତା ଭତା ପ୍ରଦନ କରାଯାଇଥିଲା ।

## କୁଡୁମୁଲୁଗୁମ୍ମାରେ ନୂତନ ଏଟିଏମ ସେବା ଆରମ୍ଭ

ମାଲକାନଗିରି,୧୬/୭ (ନି.ପ୍ର): ଗ୍ରାମିଣ ଅଂଚଳ ଗୁଡିକରେ ରାଷ୍ଟ୍ରାୟାତ ବ୍ୟାଙ୍କ ଓ ବିଭିନ୍ନ ଆର୍ଥିକ ସଂସ୍ଥା ଗୁଡ଼ିକ ସେମାନଙ୍କ ଏ.ଟି.ଏମ ସେବା ଯୋଗାଇଦେବାକୁ ତତ୍ପର ହୋଇ ଉଠିଛନ୍ତି । ଏହି କ୍ରମରେ ଆଜି କୁଡୁମୁଲୁଗୁମ୍ମାର ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଅବସ୍ଥିତ ଏକ ଷ୍ଟଲ ଗୃହରେ ଏ.ଟି.ଏମ ସେବାର ଶୁଭ ଉଦଘାଟନ ହୋଇଯାଇଛି । ଉଦଘାଟନ କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ବିଧାୟକ ପ୍ରତିନିଧି ସାଧୁ ହନ୍ତାଳ, ପୋଲିସ ଅଧିକାରୀ ଗିରୀଶ ଚନ୍ଦ୍ର ମହାରଣା ଓ ପୂର୍ବତନ ସରପଂଚ ଗୋପୀ ପାଙ୍ଗି ଯୋଗ ଦେଇଥିଲା ବେଳେ ଗ୍ରାମର ଗଣେଶ ପ୍ରସାଦ ଦାଶ, ଯୁଗଳ କିଶୋର ସ୍ୱାଇଁ, ସୁଜିତ ପଟ୍ଟନାୟକ, ଭଗବାନ ସାହୁ, ହୃଷୀକେଶ ସେଠି, ହିମାଂଶୁ ସ୍ୱାଇଁ ଓ ଶରତ ଖରା ପ୍ରମୁଖ ଉପସ୍ଥିତ ଥିଲେ । ପୁରୋହିତ ଶରତ ମିଶ୍ର ପୂଜାର୍ଚ୍ଚନା କରିବା ପରେ ଅତିଥି ମାନେ ଫିତା କାଟି ଉଦଘାଟିତ କରିଛନ୍ତି ଓ ପ୍ରଥମେ ବ୍ୟକ୍ତି ଭାବେ ପୋଲିସ ଅଧିକାରୀ ଶ୍ରୀ ମହାରଣା ନିଜ ଏ.ଟି.ଏମ କାର୍ଡ ବ୍ୟବହାର କରି ଟଙ୍କା ଉଠାଇଥିଲେ । ଉକ୍ତ ସେବା ଆରମ୍ଭ ହେବା ଫଳରେ ଅଂଚଳର ଜନସାଧାରଣ ଉପକୃତ ହେବା ସହ ବ୍ୟାଙ୍କ ଗୁଡିକରେ ଅଯଥା ଗହଳିକୁ ରୋକିବା ସହଜ ହେବ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

## ଦେଢ଼ ଲକ୍ଷ ଟଙ୍କାର ଆସ୍କା ଫର୍ଟି ମଦ ଜବତ: ଏକ ଗିରଫ

ଖୋର୍ଦ୍ଧା,୧୬/୭ (ନି.ପ୍ର): ଶିଳ୍ପାଂଚଳ ଫାଣ୍ଡି ପୁଲିସ ଜେମାଦେଇ ଗାଁ ରେ ଚଢ଼ାଉ କରି ୧୭୫୦ ବୋତଲ ଆସ୍କା ଫର୍ଟି ଓ ୩୦୦ ଲିଟର ରନ୍ଧା ମଦ ଜବତ କରିବା ସହ ଜଣକୁ ଗିରଫ କରିଛି । ଗିରଫ ଜଣକ ହେଲେ ଜେମାଦେଇ ଗାଁ ର ପର୍ଶୁରାମ ପାତ୍ର(୪୦) ।ପୁଲିସ ସୂଚନା ମୁତାବକ ଗୁରୁବାର ସକାଳେ ବିଶେଷ ସୂତ୍ରରୁ ଖବର ପାଇ ଶିଳ୍ପାଂଚଳ ଫାଣ୍ଡି ଅଧିକାରୀ ଦିଗ ବିଜୟ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ଟିମ ଜେମାଦେଇ ଗାଁ ର ପର୍ଶୁରାମଙ୍କ ଘରେ ଚଢ଼ାଉ କରିଥିଲେ । ଚଢ଼ାଉ ସମୟରେ ପୁଲିସ ଦେଢ଼ ଲକ୍ଷ ଟଙ୍କାର ଆସ୍କା ୪୦ ଓ ଦେଶୀ ରନ୍ଧା ମଦ ଜବତ କରିଥିବା ପୁଲିସ ସୂଚନା ଦେଇଛି ।

## ଗୋଚର ଜମିରେ ପାଚେରୀ ନିର୍ମାଣକୁ ବିରୋଧ : ବିଡିଓଙ୍କ ନିକଟରେ ଅଭିଯୋଗ

ଧର୍ମଶାଳା,୧୬/୭ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ଅତଲାପୁର ପଂଚାୟତର ମୂଳାପାଳ-ହରିପୁର ଗ୍ରାମ୍ୟ ଉନ୍ନୟନ ରାସ୍ତା ପାର୍ଶ୍ୱସ୍ଥ କବରସ୍ଥାନ ସୀମାରେ ପାଚେରୀ ନିର୍ମାଣ କରାଯାଉଛି । ଉକ୍ତ ବେଆଇନ ନିର୍ମାଣକୁ ଗ୍ରାମବାସୀଙ୍କ ପକ୍ଷରୁ ରସୁଲପୁର ବିଡିଓ, ରସୁଲପୁର ତହସିଲଦାର, ଯାଜପୁର ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଛି । ନିର୍ମାଣ ଆଳରେ ଗ୍ରାମର ସଂରକ୍ଷିତ ଗୋଚର ଜମି ଜବର ଦଖଲକୁ ବନ୍ଦ କରିବା ପାଇଁ ଗ୍ରାମବାସୀ ଶରତ କୁମାର ସାହୁ, ମଧୁସୂଦନ ସାହୁ, ରବିନ୍ଦ୍ର ପୃଷ୍ଟିଙ୍କ ସମେତ ବହୁ ଗ୍ରାମବାସୀ ଦାବି କରିଛନ୍ତି । ଉକ୍ତ ବେଆଇନ ନିର୍ମାଣକୁ ପ୍ରଶାସନ ବନ୍ଦ କରିବାରେ ବିଫଳ ହେଲେ ଗ୍ରାମବାସୀ କୋର୍ଟର ଆଶ୍ରୟ ନେବେ ବୋଲି ଚେତାବନୀ ଦେଇଛନ୍ତି । ଘଟଣାରୁ ପ୍ରକାଶ ଯେ ୨୦୧୯-୨୦ ଆର୍ଥିକ ବର୍ଷରେ ପଂଚାୟତର ମୁସଲିମ ବସ୍ତିର କବରସ୍ଥାନ ସୀମାରେ ପାଚେରୀ ନିର୍ମାଣ ପାଇଁ ସ୍ୱତନ୍ତ୍ର ଉନ୍ନୟନ ପାଣ୍ଠି ରୁ୫ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି । ଉକ୍ତ ନିର୍ମାଣ କାର୍ଯ୍ୟ ପାଇଁ ବିଭାଗୀୟ ଅଧିକାରୀଙ୍କ ନାଁରେ କାର୍ଯ୍ୟାଦେଶ ରହିଛି । ପାଚେରୀ ନିର୍ମାଣ ପୂର୍ବରୁ ବିଭାଗୀୟ ଅଧିକାରୀ ଜମିଜମା ସଂପର୍କିତ କାଗଜା ସଂଗ୍ରହ କରିନାହାଁନ୍ତି । ଉକ୍ତ ପ୍ରକଳ୍ପ ପାଇଁ ଫାଇଲ କାର୍ଯ୍ୟ ସଂପୂର୍ଣ୍ଣ ହୋଇନାହିଁ । ହେଲେ ନିର୍ମାଣ କାର୍ଯ୍ୟ ଅଧାଅଧି ସରିଲାଣି । ବିଭାଗୀୟ ଅଧିକାରୀଙ୍କ ନାଁରେ କାର୍ଯ୍ୟାଦେଶ ଥାଇ ଗାଁର କିଛି ଯୁବକ ନିର୍ମାଣ କାର୍ଯ୍ୟକୁ ପରିଚାଳନା କରୁଛନ୍ତି । ରାଜନୈତିକ ବ୍ୟକ୍ତିଙ୍କ ହାତବାରିସ ସାଜିଥିବା ଏହି ଯୁବକମାନଙ୍କ ସଂପୃକ୍ତି ଯୋଗୁଁ ନିର୍ମାଣ କାର୍ଯ୍ୟ ନିମ୍ନମାନର ହେବା ନେଇ ଗ୍ରାମବାସୀ ସନ୍ଦେହ ପ୍ରକଟ କରିଛନ୍ତି । ତେବେ ବିଧି ମୁତାବକ ନିର୍ମାଣ କାର୍ଯ୍ୟ ଆରମ୍ଭ ପୂର୍ବରୁ ବ୍ଲକ ପ୍ରଶାସନ ପକ୍ଷରୁ ତହସିଲରୁ ଜମିଜମା ସଂପର୍କିତ ମାନଚିତ୍ର ସଂଗ୍ରହ କରିବାକୁ ସେମାନେ ଦାବି କରିଛନ୍ତି । ତା ନହେଲେ ଗ୍ରାମବାସୀଙ୍କ ପକ୍ଷରୁ ଏହାକୁ ଦୃଢ ଭାବରେ ବିରୋଧ କରାଯିବ ବୋଲି କୁହାଯାଇଛି । ଏ ଦିଗରେ ରସୁଲପୁର ବିଡିଓ ଉମାକାନ୍ତ ପରିଡାଙ୍କୁ ପଚାରିବାରୁ ସେ ଗ୍ରାମବାସୀଙ୍କ ଅଭିଯୋଗ ପାଇଛନ୍ତି ।

## ଟିମ୍ ହ୍ୟୁମାନିଟି କନ୍ଧମାଳର ପ୍ରଚେଷ୍ଟାରେ ପୁଣି ଚାଲିବାକୁ ସକ୍ଷମ ହୋଇଛନ୍ତି ସୋନାଲୀ

କନ୍ଧମାଳ,୧୬/୭ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ନୂଆପଦର ପଂଚାୟତ ଅନ୍ତର୍ଗତ ବରପଡା ଗ୍ରାମର ସୋନାଲୀ ସାହାଣୀ,କୌଣସି କାରଣ ବଶତଃ ଦେହର ଜଂଘ ଅଂଶ ଗଭୀର ଭାବରେ ପୋଡି ଯାଇଥିଲା । ଚିକିତ୍ସା ପାଇଁ ପରିବାର ଲୋକେ ପ୍ରଥମେ ଫୁଲବାଣୀ ଏବଂ ପରେ ବ୍ରହ୍ମପୁର ଯାଇ ଚିକିତ୍ସା କରାଇଥିଲେ । ଡାକ୍ତର ପ୍ଲାଷ୍ଟିକ ସର୍ଜରୀ ହେବା କଥା କହିଥିଲେ । ସେଥିପାଇଁ ଅର୍ଥ ତାଙ୍କ ପରିବାର ପାଇଁ ବାଧକ ସାଜିଥିଲା । ଶେଷରେ ନିରୁପାୟ ହୋଇ ପୁନଃ ନିଜ ଗ୍ରାମକୁ ଫେରି ଆସିଥିଲେ । କୌଣସି ସୁତ୍ରୁ ଖବର ପାଇ ତାଙ୍କ ପିତା ଟିମ୍ ହ୍ୟୁମାନିଟ୍ କନ୍ଧମାଳକୁ ନିଜ ଅସହାୟ ଝିଅ ସୋନାଲୀ ବିଷୟରେ ଜଣାଇଥିଲେ । ଖବର ପାଇ ଟିମ୍ ସଦସ୍ୟ ତୁରନ୍ତ ଉକ୍ତ ବ୍ୟକ୍ତିଙ୍କ ଘରେ ପହଂଚି ଥିଲେ । ଏବଂ ସମସ୍ତ ବିଷୟ ପଚାରି ବୁଝି ସୋନାଲୀଙ୍କ ଉପଯୁକ୍ତ ଚିକିତ୍ସା କରାଇବା ପାଇଁ ପ୍ରତିଶୃତି ଦେଇଥିଲେ । ଟିମ୍ ତରଫରୁ ପ୍ରାଥମିକ ଅବସ୍ଥାରେ କିଛି ଔଷଧ ବ୍ୟବସ୍ଥା କରାଯାଇଥିଲା । ତତ୍ପରେ ଟିମ୍ ତରଫରୁ ସମସ୍ତ ସଦସ୍ୟ ସଦସ୍ୟାଙ୍କ ଦ୍ୱାରା ଆର୍ଥିକ ସାହାଯ୍ୟ ପାଇଁ ଏକ ମିଳିତ ଉଦ୍ୟମ କରାଯାଇଥିଲା ।ଜିଲ୍ଲା ପ୍ରଶାସନ ଜିଲ୍ଲାର ଆପାତ କାଳୀନ ଅଫିସର, ବହୁ ମାନ୍ୟଗଣ ବ୍ୟକ୍ତି ବିଶେଷ କନ୍ଧମାଳ ଜିଲ୍ଲା ଜନସାଧାରଣ ତଥା ରାଜ୍ୟ ବାହାରୁ ବହୁତ ଆର୍ଥିକ ସହାୟତା ଆସି ପହଂଚିଥିଲା । ଟିମ୍‌ର ପ୍ରଚେଷ୍ଟା ଦ୍ୱାରା କିଛିଦିନ ଭିତରେ ହିଁ ସୋନାଲୀଙ୍କୁ ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଥିଲା । ଦୁଇଦିନ ପରେ ପରବର୍ତି ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସ ମେଡିକାଲରେ ଭର୍ତି କରାଗଲା । ଏହି ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ପାଇଁ ଟିମର ସମସ୍ତ ସଦସ୍ୟ ସଦସ୍ୟା ଆପ୍ରାଣ ଉଦ୍ୟମ ଜାରି ରଖିଥିଲେ । ତନ୍ମଧ୍ୟରୁ ଭି.ଜଗନ୍ନାଥ ରାଜୁ, ହିମାଂଶୁ ନାୟକ, ପ୍ରଶାନ୍ତ ସେନାପତି, ଆଲୋକ କୁମାର ବିଶୋୟୀ,ପ୍ରଫୁଲ କୁମାର ପୃଷ୍ଟି, ଅନୁପ ବିକ୍ରମ ପାତ୍ର, ସାଇରାମ ପାତ୍ର, ସସ୍ମିତା ସାହୁ, ସାଇ ପ୍ରସାଦ ପାଢ଼ୀ ପ୍ରମୁଖ ଆରମ୍ଭ ଦିନଠାରୁ ଭୁବନେଶ୍ୱର ନେବା ପର୍ଯ୍ୟନ୍ତ ନିରନ୍ତର ଚେଷ୍ଟା ଜାରି ରଖିଥିଲେ । ଅନ୍ୟ ଜଣେ ଟିମ୍ ଉପଦେଷ୍ଟା ତଥା ବରିଷ୍ଠ ଆଇନଜୀବୀ ରମେଶ ଚନ୍ଦ୍ର ମହାନ୍ତି (ବନ ଭାଇ) ଯାହାଙ୍କ ପାଇଁ ଆଜି ଭୁବନେଶ୍ୱର ଏମ୍ସ ହସପିଟାଲର ଏକ ବିଶିଷ୍ଟ ଡାକ୍ତରଙ୍କ ସହ ଯୋଗାଯୋଗ କରି କେମିତି ସବୁଭଲରେ ଯାଥା ଶିଘ୍ର ପ୍ଲାଷ୍ଟିକ ସର୍ଜରୀର ଚିକିତ୍ସା ହୋଇପାରିବ ସେନେଇ ପୁରା ଦାୟୀତ୍ୱ ସହ ସୋନାଲୀଙ୍କ ଚିକିତ୍ସା କରାଇଥିଲେ । ଉଭୟଙ୍କ ଇଚ୍ଛା ଆଉ ନିରନ୍ତର ଆନ୍ତରିକ ଉଦ୍ୟମ ଜାରି ରହିଥିଲା କେମିତି ଏ ଉଦ୍ୟମ ସଫଳ ହେବ ।ଚିକିତ୍ସା କରିଥିବା ସେହି ତିନି ଡାକ୍ତରଙ୍କ ସହଯୋଗ ପାଇଁ ଟିମ ହ୍ୟୁମାନିଟି କନ୍ଧମାଳର ଏହି ଉଦ୍ୟମ ଆଜି ସମ୍ପୂର୍ଣ୍ଣ ଭାବେ ସଫଳ ହୋଇଛି । ବର୍ତମାନ ସୋନାଲୀ ପୂର୍ବପରି ଚାଲିବାକୁ ସକ୍ଷମ ହୋଇପାରିଛନ୍ତି ।ଟିମ୍ ହ୍ୟମାନିଟି ସଦସ୍ୟ ସଦସ୍ୟା ସେହି ଡାକ୍ତରଙ୍କ ପାଖରେ ଚୀର ଋଣୀ ବୋଲି ଟିମ୍ ଆବାହକ ଭି. ଲୋକନାଥ ରାଜୁ ସୁଚନା ଦେଇଛନ୍ତି ।

## ସିନ୍ଧିଗୁଡା ଗ୍ରାମରେ ମହୋଲ୍ଲା କ୍ଲାସ ଆରମ୍ଭ

ମାଲକାନଗିରି,୧୬/୭ (ନି.ପ୍ର): କରୋନା କାଳରେ ସାରା ରାଜ୍ୟରେ ସ୍କୁଲ ଓ କଲେଜରେ ପାଠପଢ଼ା ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଛି । ଶିକ୍ଷା ବିଭାଗ ଦ୍ୱାରା ଆରମ୍ଭ କରାଯାଇଥିବା ଅନଲାଇନ କ୍ଲାସ ଏତେଟା ଫଳପ୍ରଦ ହୋଇପାରି ନାହିଁ । କାରଣ ଗ୍ରାମାଂଚଳରେ ଭିତିଭୂମିର ଅଭାବ ରହିଛି । ଏଭଳି ପରିସ୍ଥିତିରେ ମାଲକାନଗିରି ଜିଲ୍ଲାର ଖଇରପୁଟ ବ୍ଲକ ଅନ୍ତର୍ଗତ ରାସବେଡ଼ା ପଂଚାୟତ ସିନ୍ଧିଗୁଡା ଗ୍ରାମରେ ପ୍ରୟୋଗାତ୍ମକ ଭାବେ ଆରମ୍ଭ ହୋଇଛି ମହୋଲ୍ଲା କ୍ଲାସ । ଉକ୍ତ ଗାଆଁଠାରୁ ଅଳ୍ପ ଦୂରରେ ରହୁଥିବା ବାଲିଗୁଡାର ଶିକ୍ଷୟିତ୍ରୀ ଯମୁନା ମୁଦୁଲୀଙ୍କ ନିଜସ୍ୱ ପ୍ରୟାସ କ୍ରମେ ପିଲାମାନଙ୍କୁ ପାଠ ପଢ଼ାଇବା ଆରମ୍ଭ କରିଛନ୍ତି । କରୋନାର ସମସ୍ତ ନିୟମ ଓ କଟକଣା ପାଳନ କରାଯିବା ସହ ପାଠପଢ଼ା ଆରମ୍ଭ ହୋଇଛି । ପିଲାମାନେ ତିନି ଫୁଟ ଅନ୍ତରରେ ବସିବା ସହ ମୁହଁରେ ମାସ୍କ ଲଗାଇ ପାଠ ପଢୁଥିବା ଦେଖିବାକୁ ମିଳିଛି । ଶିକ୍ଷୟିତ୍ରୀ ଯମୁନା ପିଲାଙ୍କ ସହ କିଛି ହସ କଥା କହି ପାଠ ପଢ଼ାଉଥିବା ବେଳେ ବିଭିନ୍ନ ଗୀତ ଓ ଗପ ମାଧମରେ ଶିକ୍ଷାଦାନ କରୁଛନ୍ତି । ଏଭଳି ଶିକ୍ଷାଦାନ ପ୍ରଣାଳୀକୁ ଲାଗୁ କରାଗଲେ ପିଲାମାନଙ୍କ ପାଖରେ ଶିକ୍ଷା ଗ୍ରହଣ ପାଇଁ ଆଗ୍ରହ ଦେଖାଦେବ ଓ ଏହାର ସୁଫଳ ମଧ ତୁରନ୍ତ ମିଳିବ ।

## ରାଜନୈତିକ ପ୍ରବଞ୍ଚନା ସତ୍ତ୍ୱେ ବି ସୁରେନ୍ଦ୍ର ମିଶ୍ର ଲୋକଙ୍କ ହୃଦୟର ନେତା ଥିଲେ

ଧର୍ମଶାଳା,୧୬/୭ (ନି.ପ୍ର): ବିଜୁ ଆଦର୍ଶର ମହାନ ପ୍ରବକ୍ତା, ସଂଗାମୀ ସୁରେନ୍ଦ୍ର ମିଶ୍ର ଜଣେ ନିଷ୍ପାପର, ନିର୍ଭୀକ, ଦକ୍ଷ ରାଜନେତା ଥିଲେ । ରାଜନୀତିରୁ ନୀତି, ଆଦର୍ଶ, ସେବା ଏବଂ ଦଳ ପାଇଁ ତ୍ୟାଗକୁ ଆଉ ଗୁରୁତ୍ୱ ଦିଆଯାଉ ନଥିବାରୁ ସୁରେନ୍ଦ୍ର ମିଶ୍ରଙ୍କୁ ଉପଯୁକ୍ତ ମର୍ଯ୍ୟାଦା ମିଳି ନଥିଲେ ମଧ୍ୟ ଜୀବନର ଶେଷ ନିଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ ନିଜର ସ୍ୱାଭିମାନକୁ ରକ୍ଷା କରିଥିଲେ । ସମସ୍ତ ପକ୍ରାର ରାଜେନୈତିକ ପ୍ରବଂଚନା ସତ୍ୱେ ତାଙ୍କର ବ୍ୟକ୍ତିତ୍ୱ ହିଁ ତାଙ୍କୁ ଲୋକଙ୍କ ନେତାର ମର୍ଯ୍ୟାଦା ପ୍ରଦାନ କରିଥିଲା । ରାଜନୀତିରୁ ନୀତି ଏବଂ ସ୍ୱାଭିମାନ ଦୂରେଇ ଯାଉଥିବା ବେଳେ ସୁରେନ୍ଦ୍ର ମିଶ୍ର ଏ କ୍ଷେତ୍ରରେ ପରପିଢୀ ପାଇଁ ଏକ ଦୃଷ୍ଟାନ୍ତ ଏବଂ ପ୍ରେରଣା ହୋଇ ରହିବେ ବୋଲି ଗଡମଧୁପୁରରେ ତାଙ୍କର ଦ୍ୱାଦଶକ୍ରିୟା ଏବଂ ସ୍ମୃତିସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ମତ ପ୍ରକାଶ କରିଥିଲେ । ମଧୁପୁରଗଡର ପୂର୍ବତନ ସରପଂଚ ବରିଷ୍ଠ ବି.ଜେ.ଡି ନେତା ସୁରେନ୍ଦ୍ର ମିଶ୍ରଙ୍କ ଶ୍ରଦ୍ଧାଞ୍ଜଳୀ ସଭା ତାଙ୍କର ନିଜ ଗ୍ରାମ ଯାଜପୁର ଜିଲ୍ଲାର ଧର୍ମଶାଳା ବ୍ଲକର ଗଡମଧୁପୁରରେ ବୁଧବାର ଅନୁଷ୍ଠିତ ହୋଇ ଯାଇଛି । ସୁରେନ୍ଦ୍ର ମିଶ୍ରଙ୍କ ସ୍ମୃତି କମିଟି ତରଫରୁ ସଭାପତି ସତୀଶ ବିଶ୍ୱାଳଙ୍କ ଅ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଯାଜପୁର ଏମ.ପି ଶର୍ମିଷ୍ଠା ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁରେନ୍ଦ୍ର ମିଶ୍ରଙ୍କ ରାଜନୈତିକ ଜୀବନ ଅନୁକରଣୀୟ ବୋଲି କହିଥିଲେ । ଏଥିରେ ପୂର୍ବତନ ବିଧାୟକ ରବି ଲାବନ୍ୟ ଯୋଗଦେଇ ସୁରେନ୍ଦ୍ର ମିଶ୍ର ଜଣେ ସତସାହସୀ ନେତା ଥିଲେ ବୋଲି କହିଥିଲେ । ପଂଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ ଯୋଗଦେଇ ସୁରେନ୍ଦ୍ର ମିଶ୍ରଙ୍କ ପରଲୋକରେ ଧର୍ମଶାଳା ଜଣେ ଲଢୁଆ ନେତାଙ୍କୁ ହରାଇଲା ବୋଲି କହିଥିଲେ । ଯାଜପୁର ବିଜୁ ଜନତା ଦଳର ମହାସଚିବ ପ୍ରୀୟନାଥ ମହାପାତ୍ର, ବି.ଜେ.ଡି ନେତା ଜଳଧର ସାହୁ, କମାଗଡ ସରପଂଚ ମନୋରଂଜନ ପ୍ରଧାନ, ଶ୍ରମିକ ନେତା ନୃସିଂହ ମିଶ୍ର, ଦିଲ୍ଲିପ ବରାଳ, ଅବସରପ୍ରାପ୍ତ ଶିକ୍ଷକ ଦେବେନ୍ଦ ଜେନାମଣୀ, ଗୋପାଳ ମହାରଣା ପ୍ରମୁଖ ଅତୀତରେ କଂଗ୍ରେସ ଶାସନ ସମୟରେ ବିଜୁବାବୁ ବିରୋଧୀ ଦଳରେ ଥିବା ବେଳେ ସୁରେନ୍ଦ୍ର ମିଶ୍ର ଏବଂ ସଂଗଠକ ସନ୍ତୋଷ ବିଶ୍ୱାଳଙ୍କ ରଜେନୈତିକ ଯୋଡି ଏହି ଅଂଚଳର ବିଜୁପ୍ରେମୀ ଲୋକ ମାନଙ୍କ ବଡ ସାମର୍ଥ୍ୟ ଥିଲା ବୋଲି କହିଥିଲେ ।

## ୟାର ଅନୁଷ୍ଠାନ ପକ୍ଷରୁ ଶୁଖିଲା ଖାଦ୍ୟ ବଂଟନ

ନୂଆପଡା,୧୬/୭ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ କେନ୍ଦୁପାଟି ପ ାୟତର କେନ୍ଦୁଗୁଡା ଗ୍ରାମ ଠାରେ କରୋନା ସଚେତନତା ସହ ଶୁଖିଲା ଖାଦ୍ୟ ବ ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଜିମ ପ୍ରେମଜୀ ଫାଉଣ୍ଡେସନ ସହାୟତାରେ ୟାର ଅନୁଷ୍ଠାନ ତରଫରୁ କରନଡବା, ସମାଟପଦର ଓ କେନ୍ଦୁଗୁଡାର ୧୬୦ ଜଣ ପରିବାରଙ୍କୁ ସୁଖିଲା ଖାଦ୍ୟ ବ ନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ୟାର ଅନୁଷ୍ଠାନର ସଭାପତି ମହେନ୍ଦ୍ର ଯୋଷୀ, ସମ୍ପାଦକ ହରିଦାସ ପଟେଲ ପରିଚାଳନା କରିଥିଲେ । ଖଡିଆଳ ବିଡିଓ ନାରାୟଣ ସାହୁ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଲୋକ ମାନଙ୍କୁ ସାମାଜିକ ଦୂରତା ପାଳନ, ମାକ୍ସ ବ୍ୟବହାର କରିବା ସହିତ ବାରମ୍ବାର ହାତ ଧୋଇବା ପାଇଁ ସଚେତନ କରିଥିଲେ । କାର୍ଯ୍ୟକ୍ରମକୁ ଅରୁଣ ବିଶ୍ୱାଳ, ପ୍ରତାପ ମାଝୀ ଓ ବଳିୟାର ସିଂ ମାଝୀ ସହଯୋଗ କରିଥିଲେ । ଏ ଅବସରରେ ପରିବେଶ ସୁରକ୍ଷା ନିମନ୍ତେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ଜଙ୍ଗଲ କମିଟି କେନ୍ଦୁଗୁଡାକୁ ବନ ମହୋତ୍ସବ ଅବସରରେ ବିଜୁ ପଟ୍ଟନାୟକ ପୁରସ୍କାରରେ ସମ୍ବର୍ଦ୍ଧିତ କରାଯାଇଥିବାରୁ ୟାର ଅନୁଷ୍ଠାନ ତରଫରୁ ମଧ୍ୟ ଉକ୍ତ କେନ୍ଦୁଗୁଡା ଜଙ୍ଗଲ କମିଟିକୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।

## ବସ ପଛରେ ଟ୍ରକ ଧକ୍କା: ଟ୍ରକ ଚାଳକ ଗୁରୁତର

କୋରାଇ,୧୬/୭ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ମହାବୀର କଲୋନୀ ସମ୍ମୁଖ ବା ଓଭରବ୍ରିଜ ଆରମ୍ଭରେ ବୁଧବାର ବିଳମ୍ବିତ ରାତ୍ରୀରେ ବସ ପଛରେ ଟକ୍ର ଧକ୍କା ଦେବା ଫଳରେ ଟ୍ରକ ଚାଳକ ଗୁରୁତର ଆହତ ହୋଇଛନ୍ତି । ସ୍ଥାନୀୟ ଲୋକମାନେ ଚାଳକକୁ ବାହାର କରି ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ପ୍ରକାଶଯେ ଭଦ୍ରକ ପଟୁ କଟକ ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହି ବସ ପାଣିକୋଇଲି ଓଭରବ୍ରିଜ ଆରମ୍ଭରେ ହଠାତ ବ୍ରେକ ମାରିଦେବାରୁ ତାର ପଛପଟୁ ଆସୁଥିବା ଏକ ଟ୍ରକ ଦ୍ରୁତଗତିରେ ଧକ୍କା ମାରିଥିଲା । ଫଳରେ ଟ୍ରକଟିର ଆଗ ଚୁରମାର ହେବା ସହ ଡ୍ରାଇଭର ଆହତ ହୋଇ ଗାଡି ଭିତରେ ଚାପି ହୋଇ ରହିଥିଲା । ସ୍ଥାନୀୟ ଲୋକମାନେ ତାକୁ ଉଦ୍ଧାର କାରି ଯାଜପୁର ସଦର ମହକୁମା ଡାକ୍ତରଖାନା ଖାନାକୁ ପଠାଇଥିଲେ । ଘଟଣାସ୍ଥଳେ ପୁଲିସ ପହଂଚି ଗାଡି ଦୁଇଟିକୁ ଜବତ କରିଥିଲା । ପରେ ବସଟି ଯାତ୍ରୀ ନେଇ ଯାଇଥିବା ବେଳେ ଟ୍ରକଟି ରାସ୍ତା କଡକୁ ଗଡି ପଡିରହିଛି ।

## ୪୧ କିଗ୍ରା ଗଞ୍ଜେଇ ଜବତ : ବାଇକ ସହ ଦୁଇ ଗିରଫ

କନ୍ଧମାଳ,୧୬/୭ (ନି.ପ୍ର): କନ୍ଧମାଳ ଜିଲ୍ଲା ଗୋଛାପଡ଼ା ଥାନା ପୋଲିସ ଗୋଟିଏ ବାଇକ ଯୋଗେ ବାହାରକୁ ଚାଲାଣ ହେଉଥିବାବେଳେ ୪୧ କିଗ୍ରା ଗଞ୍ଜେଇ ଜବତ କରିବା ସହିତ ଗୋଛାପଡା ଅଂଚଳର ୨ ଜଣ ଗଞ୍ଜେଇ ମାଫିଆଙ୍କୁ ଗିରଫ କରିଛି । ସୂଚନା ଅନୁସାରେ ଗୋଛାପଡ଼ା ଥାନା ପୋଲିସ ପାଟ୍ରୋଲିଙ୍ଗ ବେଳେ ଏକ ବାଇକ(ଓଡି-୦୨ ଡି-୧୬୦୧)ରେ ଦୁଇଜଣ ଗଞ୍ଜେଇ ନେଇ ମୁସେଲିପଙ୍ଗାରୁ ଫୁଲବାଣୀ ଆଡକୁ ଯାଉଥିବା ଜଣିପାରି ଗାଡିକୁ ଅଟକାଇ ତଲାସି କରିବାବପରେ ସେଥିରୁ ୪୧ କିଗ୍ରା ଗଞ୍ଜେଇ ମିଳିଥିଲା । ପୋଲିସ ଏହି ଗଞ୍ଜେଇକୁ ଜବତ କରିବା ସହିତ ବାଇକରେ ଥିବା ମୁସେଲିପଙ୍ଗା ଦାଂଶପାଳି ଗ୍ରାମର ଚନ୍ଦନ ଦିଗାଲ ଏବଂ ସଲାଗୁଡା ଅଂଚଳର ଟୁନା ଦିଗାଲଙ୍କୁ ଗିରଫ କରିଛି ପୋଲିସ । ଏହି ସଂକ୍ରନ୍ତରେ ଗୋଛାପଡା ଥାନାରେ ଏକ ମାମଲା ୫୧/୨୧ ରୁଜୁ କରି ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରିଥିବା ନେଇ ଆଜି ଗୋଛାପଡା ଥାନା ଅଧିକାରୀ ରଞ୍ଜିତ କୁମାର ମୁନୀ ସୂଚନା ଦେଇଛନ୍ତି । ଗୋଛାପଡା ଥାନାରେ ଏକ ନ୫୧/୨୦୨୧ ମାମଲା ରୁଜୁ କରାଯାଇ ୨ଜଣ କୁ କୋର୍ଟ ଚାଲାଣ କରାଯାଇଥିବା ଗୋଛାପଡ଼ା ଥାନାଅଧିକାରୀ ଶ୍ରୀ ରଞ୍ଜିତ କୁମାର ମୁନୀ ସୁଚନା ଦେଇଛନ୍ତି ।

## ଧର୍ମଶାଳା ମିଡିଆ କ୍ଲବର ଭର୍ଚୁଆଲ ବୈଠକ

ଧର୍ମଶାଳା,୧୬/୭ (ନି.ପ୍ର): ସମାଜ ଗଠନରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଗଠନମୂଳକ ସମ୍ବାଦ ପରିବେଷଣ ଅନେକ ସମୟରେ ସମାଜକୁ ଦିଗଦର୍ଶନ ଦେବା ସହ ଏହାର ମୂଲ୍ୟବୋଧକୁ ବଢାଇ ଦେଇଥାଏ ବୋଲି ଯାଜପୁର ଜିଲା ଧର୍ମଶାଳା ମିଡିଆ କ୍ଲବର ଭର୍ଚୁଆଲ ବୈଠକରେ ମତ ପ୍ରକାଶ ପାଇଛି । ମିଡିଆ କ୍ଲବର ସଭାପତି ବିମଳ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଭର୍ଚୁଆଲ ବୈଠକରେ ସମାଜ ଗଠନରେ ଗଣମାଧ୍ୟମ ଭୂମିକା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । କ୍ଲବର ଉପସଭାପତିବସନ୍ତ କୁମାର ନାୟକ,ସାଧରଣ ସମ୍ପାଦକ ଆନନ୍ଦ ମହାରଣା,ସହ-ସମ୍ପାଦକ ଦିଲଦାର ଚାନ୍ଦ,କୋଷାଧ୍ୟକ୍ଷ ସେକ୍ ଆଲାଉଦ୍ଦିନ ଓ ସୋସିଆଲ ମିଡିଆ ସଂଯୋଜକ ସୁଶାନ୍ତ ସାହୁ ପ୍ରମୁଖ ଗଣମାଧ୍ୟମର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ସଭ୍ୟ ଅୟସକାନ୍ତ ରାଉତ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ଦୀପକ ଦାସ,ସୁଶାନ୍ତ ଗୋଚ୍ଛାୟତ,ସୁଶାନ୍ତ ନାୟକ,ଚିନ୍ମୟ ନାୟକ,ଅଶୋକ କୁମାର ଦାସ ପ୍ରମୁଖ ଏହି ବୈଠକରେ ଯୋଗ ଦେଇଥିଲେ । ଆଗାମୀ ଦିନରେ ବୃକ୍ଷରୋପଣ ସହ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ହାତକୁ ନେବା ପାଇଁ କ୍ଲବର ସଦସ୍ୟମାନେ ମତ ପ୍ରକାଶ କରିଥିଲେ । ଶେଷରେ ଚିନ୍ମୟ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ବୁଲି ଆସନ୍ତୁ ସମ୍ବଲପୁର

ପଶ୍ଚିମ ଓଡ଼ିଶାର ପ୍ରାଣକେନ୍ଦ୍ର ତଥା ଶିକ୍ଷା, ସ୍ୱାସ୍ଥ୍ୟ ଓ ବ୍ୟବସାୟିକ କେନ୍ଦ୍ର ସମ୍ବଲପୁରରେ ରହିଛି ୫ଶହ ବର୍ଷ ପୁରୁଣା ସମଲେଶ୍ୱରୀ ମନ୍ଦିର । ସମ୍ବଲ୍ପୁର ଦେଇ ଯାଉଥିବା ବା ସମ୍ବଲପୁର ଆସିଥିବା ରାଜନୈତିକ ନେତା, ସରକାରୀ ଅଧିକାରୀ, ପର୍ଯ୍ୟଟକଟିଏ ବି ହୁଅନ୍ତୁ ନା କାହିଁକି ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ସମଲେଶ୍ୱରୀଙ୍କୁ ଦର୍ଶନ ନକରି ଫେରନ୍ତି ନାହିଁ । ସମ୍ବଲପୁରୀ ବସ୍ତ୍ର ବିଶ୍ୱ ବିଦିତ । ସମ୍ବଲପୁରକୁ ଆସୁଥିବା ପର୍ଯ୍ୟଟକ ଏଠାରୁ ସମ୍ବଲପୁରୀ ଶାଢ଼ି ଓ ଅନ୍ୟାନ୍ୟ ବସ୍ତ୍ର କିଣିବା ପସନ୍ଦ କରନ୍ତି । ଏଠାରେ ବିଶ୍ୱ ପ୍ରସିଦ୍ଧ ହୀରାକୁଦ ନଦୀବନ୍ଧ ସହିତ ରହିଛି ବୁଢ଼ାରଜା ପାହାଡ଼, ଡେବ୍ରିଗଡ଼/ ଉଷାକୋଠି ଅଭୟାରଣ୍ୟ, ହୁମା ବକ୍ର ମନ୍ଦିର, ଘଣ୍ଟେଶ୍ୱରୀ ପୀଠ, ଡେବ୍ରିଗଡ଼ ଅଭୟାରଣ୍ୟ, ଭୀମମଣ୍ଡଳୀ ପରି ବହୁ ଦର୍ଶନୀୟ ସ୍ଥାନ ।



## ହୀରାକୁଦ ବନ୍ଧ

ସମ୍ବଲପୁରରୁ ମାତ୍ର ୧୬ କିଲୋମିଟର ଦୂରରେ ମହାନଦୀ ଉପରେ ରହିଛି ବିଶ୍ୱର ଦୀର୍ଘତମ ମାଟି ବନ୍ଧ । ୭୪୬ ବର୍ଗ କିଲୋମିଟର ପରିସୀମାରେ ଏହି ଡ୍ୟାମ ରହିଛି । ଡାଇକ ଉପରେ ପ୍ରାୟ ୨୧ କିଲୋମିଟରର ରାସ୍ତା ରହିଛି । ଏହି ନଦୀବନ୍ଧର ଉତ୍ତରପଟେ ଗାନ୍ଧୀ ମିନାର ଓ ଦକ୍ଷିଣ ପଟେ ଜବାହର ମିନାର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ । ଜବାହର ଉଦ୍ୟାନରୁ ଗାନ୍ଧୀ ମିନାରକୁ ଏବେ ରୋପୱେ' ସୁବିଧା କରାଯାଇଛି । ହୀରାକୁଦ ଡ୍ୟାମରେ ଫଟୋ ଉଠାଇବା ମନା ଥିବାବେଳେ ପର୍ଯ୍ୟଟକଙ୍କୁ ହୀରାକୁଦ ସୁରକ୍ଷା ଏଜେନ୍ସିଠାରୁ ଅନୁମତି ନେବାକୁ ପଡ଼ିଥାଏ ।



## ଉଷାକୋଠି ଅଭୟାରଣ୍ୟ

ସମ୍ବଲପୁରରୁ ପ୍ରାୟ ୪୮ କିଲୋମିଟର ଦୂର ବଡ଼ରମାରେ ରହିଛି ଉଷାକୋଠି ଅଭୟାରଣ୍ୟ । ସେଠାରେ ପ୍ରାୟ ସମସ୍ତ ପ୍ରକାର ବନ୍ୟପ୍ରାଣୀ ରହିଛନ୍ତି । ଅଭୟାରଣ୍ୟ ଭିତରେ ଥିବା ୱାଚ ଟାୱାରରୁ ପର୍ଯ୍ୟଟକ ଦେଖିବା ସହ ବଡ଼ ରମା ଫରେଷ୍ଟ ରେଞ୍ଜ ଅଫିସରଙ୍କଠାରୁ ଭିତରକୁ ଯିବା ପାଇଁ ଅନୁମତି ମିଳିଥାଏ । ଅକ୍ଟୋବରରୁ ଏପ୍ରିଲ ମାସ ମଧ୍ୟରେ ଏହି ଅଭୟାରଣ୍ୟକୁ ଯିବା ପାଇଁ ଶ୍ରେଷ୍ଠ ସମୟ । ଯାନବାହାନ ଓ କ୍ୟାମେରା ସକାଶେ ସ୍ୱତନ୍ତ୍ରଦେୟ ଦେବାକୁ ହୋଇଥାଏ ।

## ହୁମା ବକ୍ର ମନ୍ଦିର :

ସମ୍ବଲପୁରରୁ ୩୨ କିଲୋମିଟର ଦୂର ହୁମାଠାରେ ରହିଛି ପ୍ରସିଦ୍ଧ ବକ୍ର ମନ୍ଦିର । ମହାଦେବବାବାଙ୍କ ଏହି ମନ୍ଦିର ମହାନଦୀ ତଟ ଦେଶରେ ରହିଥିବାବେଳେ ଏଠାରେ 'କୁଡ଼ୋ' ମାଛ ରହିଛନ୍ତି । କୁଡ଼ୋ ମାଛକୁ ଭଗବାନଙ୍କ ପ୍ରତୀକ ରୂପେ ସେମାନଙ୍କୁ ଖାଦ୍ୟ ଦେଲେ ପୁଣ୍ୟ ହୁଏ ବୋଲି ବିଶ୍ୱାସ ରହିଛି । ସମ୍ବଲପୁରରୁ ଏଠାକୁ ନିୟମିତ ସିଟି ବସ ସୁବିଧା ରହିଛି ।



## ଘଣ୍ଟେଶ୍ୱରୀ ପୀଠ

ସମ୍ବଲପୁରରୁ ପ୍ରାୟ ୩୫ କିଲୋମିଟର ଦୂରରେ ରହିଛି ଦେବୀ ଘଣ୍ଟେଶ୍ୱରୀଙ୍କ ପୀଠ । ହୀରାକୁଦ ଶକ୍ତି ଉତ୍ପାଦନ କେନ୍ଦ୍ରର ଦ୍ୱିତୀୟ ପର୍ଯ୍ୟାୟ ଥିବା ଚିପିଲିମାର ଏହି ଦେବୀଙ୍କଠାରେ ଘଣ୍ଟା ଲାଗି କଲେ ମନୋସ୍କାମନା ପୂର୍ଣ୍ଣ ହୁଏ ବୋଲି ବିଶ୍ୱାସ ରହିଛି । ଏଠାକୁ ନିୟମିତ ସିଟି ବସ ସୁବିଧା ରହିଛି ।



## ଡେବ୍ରିଗଡ଼ ଅଭୟାରଣ୍ୟ

ହୀରାକୁଦ ଡ୍ୟାମ ଅଞ୍ଚଳରେ ଥିବା ଡେବ୍ରିଗଡ଼ ଅଭୟାରଣ୍ୟ ୩୫୩ ବର୍ଗ କିଲୋମିଟର ପରିସୀମାରେ ରହିଛି । ଏହାର ରାଜସ୍ୱ ଜିଲ୍ଲା ବରଗଡ଼ ହୋଇଥିବା ବେଳେ ସମ୍ବଲପୁରରୁ ଏହା ପ୍ରାୟ ୪୦ କିଲୋମିଟର ଦୂର । ସେଠାରେ ପ୍ରାୟ ସମସ୍ତ ପ୍ରକାର ବନ୍ୟପ୍ରାଣୀ ରହିଛନ୍ତି । ରାତ୍ରି ରହଣି ସକାଶେ ଏଠାରେ ଓଟିଡିସି କଟେଜ ବ୍ୟବସ୍ଥା ମଧ୍ୟ ରହିଛି ।



## ବୁର୍ଲା ପ୍ଲାନେଟୋରିଅମ

ସମ୍ବଲପୁରରୁ ମାତ୍ର ୧୨ କିଲୋମିଟର ଦୂର ବୁର୍ଲା ସହରରେ ରହିଛି ଓଡ଼ିଶାର ଦ୍ୱିତୀୟ ପ୍ଲାନେଟୋରିଅମ । ପୂର୍ବତନ ରାଷ୍ଟ୍ରପତି ତଥା ବିଶିଷ୍ଟ ବୈଜ୍ଞାନିକ ଡ. ଏପିଜେ ଅବଦୁଲ କଲାମଙ୍କ ନାମରେ ଏହା ନାମିତ ହୋଇଛି । ଏହା ସହିତ ରହିଛି ସାଇନ୍ସ ଇଭୋଲ୍ୟୁସନ ପାର୍କ ।





## ଗୁଦଗୁଦା ଜଳପ୍ରପାତ

ସମ୍ବଲପୁରରୁ ପ୍ରାୟ ୧୧୭ କିଲୋମିଟର ଦୂର କୁଚିଣ୍ଡା ଉପଖଣ୍ଡରେ ରହିଛି ଗୁଦଗୁଦା ଜଳପ୍ରପାତ । ଏହି ବଣ ଜଙ୍ଗଲଘେରା ପ୍ରାକୃତିକ ଜଳପ୍ରପାତ ଦେଖିବାକୁ ବର୍ଷର ସବୁ ସମୟରେ ପର୍ଯ୍ୟଟକ ଯାଉଥିଲେ ହେଁ ଡିସେମ୍ବର ଜାନୁଆରୀ ମାସରେ ପିକନିକ ଦଳ ଭିଡ଼ ଜମେଇଥାନ୍ତି । ସମ୍ବଲପୁରରୁ କୁଚିଣ୍ଡା ଦେଇ କୁସୁମୀ ପର୍ଯ୍ୟନ୍ତ ବସ ସେବା ରହିଥିବା ବେଳେ ପରବର୍ତ୍ତୀ ୧୦କିଲୋମିଟର ଅନ୍ୟ ଯାନବାହାନ ଯୋଗେ ଯିବାକୁ ପଡ଼ିଥାଏ ।

# ସୁସ୍ଥତାର ଉପାୟ

**ନିୟମିତ ଭାବେ ଘର କାମ କଲେ ମଧ୍ୟ ଜଣେ ବ୍ୟକ୍ତି ସୁସ୍ଥ ଜୀବନ ଅତିବାହିତ କରିପାରିବ । ତନ୍ମଧ୍ୟରୁ କେତେକ ଉପାୟ:**

* ନିୟମିତ ନିଜ ଘରର ବିଛଣାକୁ ନିଜେ ସଜାଡ଼ନ୍ତୁ । ପରୀକ୍ଷାରୁ ଜଣାପଡ଼ିଛି, ବିଛଣା ସଜାଡ଼ିଲେ ୧୫ମିନିଟ୍‌ରେ ୬୫ କ୍ୟାଲୋରୀ ଖର୍ଚ୍ଚ ହୁଏ । ଦେଢ଼ କିମି ଚାଲିବା ସହ ଏହାକୁ ତୁଳନା କରାଯାଉଛି ।
* ଘର ପୋଛା କାମ ନିଜେ କଲେ ୩୦ମିନିଟରେ ୧୪୫ କ୍ୟାଲୋରୀ ଖର୍ଚ୍ଚ ହୋଇଥାଏ । ଟ୍ରେଡମିଲରେ ୧୫ମିନିଟ୍ ଦୌଡ଼ିବା ସହ ଏହା ତୁଳନୀୟ ।
* ବାସନ ମାଜିଲେ ୧୫ମିନିଟ୍ ୫୬୦ କ୍ୟାଲୋରୀ ଖର୍ଚ୍ଚ ହୁଏ । ୨୫୦୦ ମିଟର ସନ୍ତରଣ କରିବା ସହ ବିଶେଷଜ୍ଞ ଏହାକୁ ତୁଳନା କରିଛନ୍ତି ।
* ୱାଶିଂ ମେସନରେ ଲୁଗା ସଫା ନ କରି ନିଜେ କପଡ଼ାକୁ ସଫା କରନ୍ତୁ । ଏପରି କଲେ ୬୦ ମିନିଟରେ ୮୫ କ୍ୟାଲୋରୀ ଅପଚୟ ହୋଇଥାଏ ।
* ପରିବା କାଟିବା ଏରୋବିକ୍ସ ବ୍ୟାୟାମ ପରି କାମ କରିଥାଏ ।
* ଘର ବଗିଚାରେ କାମ କରିବା ଅନ୍ୟତମ ସରଳ ଉପାୟ । ଏପରି କଲେ ୬୦ ମିନଟରେ ୨୫୦ କ୍ୟାଲୋରୀ ଖର୍ଚ୍ଚ ହୁଏ ।
* ସାଇକେଲ ଚଳାଇବା ସହ ଘର ଝଡ଼ାଝଡ଼ି କରିବାକୁ ତୁଳନା କରାଯାଇଛି । ଏହା କଲେ ୩୦ ମିନିଟରେ ୧୮୦ କ୍ୟାଲୋରୀ ଖର୍ଚ୍ଚ ହୁଏ ।







# ଧନିଆ ପତ୍ରର ଉପକାରିତା



- ଦୁଇ ଚାମଚ ଧନିଆ ପତ୍ର ରସ ସହ, ଅଳ୍ପ ମିଶ୍ରି ଏବଂ ଅଧଗ୍ଲାସ ପାଣି ମିଶାଇ ଏହାକୁ ସକାଳେ ଏବଂ ସନ୍ଧ୍ୟାରେ ପିଅନ୍ତୁ । ଏହା ଦ୍ୱାରା ଦୁର୍ବଳ ଲାଗିବା ଏବଂ ମୁଣ୍ଡ ବୁଲାଇବା ଭଳି ସମସ୍ୟା ଦୂର ହୋଇଥାଏ । ଦହି ପାଣିରେ ଧନିଆ ରସ ମିଶାଇ ପିଇଲେ ଏହା ହଜମ ପ୍ରକ୍ରିୟା ସହଜ ହେବାରେ ସାହାଯ୍ୟ କରେ ।
- ଅଧ ଗ୍ଲାସ ପାଣିରେ ଦୁଇ ଚାମଚ ଧନିଆ ପେଷ୍ଟ ମିଶାଇ ପିଇଲେ ପେଟକଟା ବନ୍ଦ ହୋଇଯାଏ ।
- ଧନିଆ ପତ୍ର ପେଷ୍ଟ ବଡ଼ କଳାଦାଗ ହୋଇଥିବା ସ୍ଥାନରେ ପ୍ରତିଦିନ ଲଗାଇଲେ ଦାଗ ଛାଡ଼ିଯାଏ ।
- ପ୍ରତିଦିନ କେଶରେ ଧନିଆ ରସ ଲଗାଇଲେ କେଶ ଉପୁଡ଼ିବା ସମସ୍ୟା ଦୂର ହୋଇଥାଏ ।
- ଧନିଆରେ ଭିଟାମିନ- ଏର ମାତ୍ରା ଅଧିକ ଥାଏ । ପ୍ରତିଦିନ ଏହାକୁ ଖାଦ୍ୟରେ ବ୍ୟବହାର କରିବା ଉଚିତ । ଏହା ଦ୍ୱାରା ଦୃଷ୍ଟିଶକ୍ତି ବଢ଼ିଥାଏ । ଗୋଟେ ଚାମଚ ଧନିଆ ରସ ସହ ଅଳ୍ପ ହଳଦୀ ମିଶାଇ ପ୍ରତିଦିନ ତ୍ୱଚାରେ ଲଗାଇଲେ ତ୍ୱଚାରେ ଭାଙ୍ଗ ପଡ଼ିବା, କଳାଦାଗ ଭଳି ସମସ୍ୟା ଦୂର ହୋଇଥାଏ । ଧନିଆ ପତ୍ର ରସ ପିଇଲେ ଟାଇଫଏଡ ରୋଗରୁ ଆରାମ ମିଳେ ।
- ଧନିଆ ପତ୍ର ରସରେ ମିଶ୍ରି ମିଶେଇ ପେଷ୍ଟ ପ୍ରସ୍ତୁତ କରି ଏହାକୁ ପ୍ରତିଦିନ ସକାଳେ ଏବଂ ସନ୍ଧ୍ୟାରେ ପାଣିରେ ମିଶେଇ ପିଇଲେ ନିଦ୍ରାହିନତା ସମସ୍ୟା ଦୂର ହୋଇଥାଏ ।
- ଧନିଆ ରସରେ ମିଶ୍ରି ମିଶେଇ ପେଷ୍ଟ ପ୍ରସ୍ତୁତ କରି ଏହାକୁ ପ୍ରତିଦିନ ଖାଇଲେ କାଶ, କଫ ଭଳି ସମସ୍ୟାରୁ ଆରାମ ମିଳିଥାଏ ।



# ସବୁଠୁ ଛୋଟ ବ୍ଲାକହୋଲ୍

ବ୍ଲାକହୋଲ ସର୍ବାଧିକ ବିଶାଳ, ଶକ୍ତିଶାଳୀ ଓ ରହସ୍ୟମୟ ବସ୍ତୁ ବୋଲି ଥିବା ମହାକାଶ ବିଜ୍ଞାନୀଙ୍କ ଧାରଣାକୁ ବଦଳାଇଛି ଏହି ଆବିଷ୍କାର । କ୍ଷୁଦ୍ର ନକ୍ଷତ୍ରପୁଞ୍ଜ , ନଜିସି ୪୩୯୫ କେନ୍ଦ୍ରରେ ଥିବା ଏକ ବ୍ଲାକହୋଲକୁ ମାପିବା ପରେ ବୈଜ୍ଞାନିକ ଦଳ ଆଶ୍ଚର୍ଯ୍ୟ ହୋଇଛନ୍ତି । ପୂର୍ବ ଧାରଣା ଅପେକ୍ଷା ଏହି ବ୍ଲାକହୋଲଟି ୪୦ ଗୁଣ ଛୋଟ । ସୂର୍ଯ୍ୟ ଘନତ୍ୱର ଏହା ୧୦ ହଜାର ଗୁଣ । ତେଣୁ ସେତେଅଧିକ ଛୋଟ ମଧ୍ୟ ହୋଇନପାରେ । ତେବେ ଛୋଟ ନକ୍ଷତ୍ରପୁଞ୍ଜରେ ଥିବା ବ୍ଲାକହୋଲଗୁଡ଼ିକ ବିଷୟରେ ଅଧିକ ଅଧ୍ୟନ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଯୋଗାଇବ ବୋଲି ସେମାନେ କହିଛନ୍ତି । ନକ୍ଷତ୍ରପୁଞ୍ଜ ମଧ୍ୟ ଭାଗରେ ଅବସ୍ଥାନ କରୁଥିବା ଗୋଟିଏ ଅତି ବିଶାଳ ବ୍ଲାକହୋଲ ଛାୟା ପଥ ଭଳି କି ତା'ଠୁ ବଡ଼, ସେ ବିଷୟରେ ବୁଝିବା ବର୍ତ୍ତମାନର ବିଷୟ । ପ୍ରତି ନକ୍ଷତ୍ର ପୁଞ୍ଜରେ ବ୍ଲାକହୋଲ ଅଛି କି ନାହିଁ, ତାହା ମଧ୍ୟ ଏପର୍ଯ୍ୟନ୍ତ ସ୍ୱଷ୍ଟ ହୋଇନାହିଁ । ଏହି ନୂଆ ଆବିଷ୍କାର ବ୍ଲାକହୋଲ ତାଲିକାରେ ସାମିଲ ହୋଇ ଅଧିକ ତଥ୍ୟ ପ୍ରଦାନ କରିବା ବୋଲି ମିଶିଗାନ ୟୁନିଭର୍ସିଟିର ମହାକାଶ ବିଜ୍ଞାନୀ ଏଲିନା ଗାଲୋ କହିଛନ୍ତି ।



# ଖାଦ୍ୟପ୍ରତି ସତର୍କତା

ଖାଦ୍ୟ ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି ଯେ ଅଧିକ ଲୁଣି ଖାଦ୍ୟ ଖାଇବା ସ୍ୱାସ୍ଥ୍ୟ ପାଇଁ ହାନିକାରକ । ତେବେ କେବଳ ଲୁଣ ନୁହେଁ, ଅନ୍ୟ ଖାଦ୍ୟ ମଧ୍ୟ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇଥାଏ । ଚିନି ଖାଇବା ଉପରେ ନିୟନ୍ତ୍ରଣ କରନ୍ତୁ । ଅଧିକ ପରିମାଣର ଚିନି ଖାଇଲେ ଚିଡ଼ଚିଡ଼ା ଲାଗିବା, ବିରକ୍ତି ଲାଗିବା, ମୋଟାପଣ, ଶ୍ୱାସ ବଢ଼ିବାର ଆଶଙ୍କା ରହିଛି ।

ଲୁଣରେ ସୋଡ଼ିୟମ ମାତ୍ରା ଅଧିକ ଥିବାରୁ ତାହା ରକ୍ତଚାପ, ହୃଦଘାତ ଓ କର୍କଟର ଆଶଙ୍କା ବଢ଼ାଇଥାଏ । ବଜାରରେ ମିଳୁଥିବା ଲୁଣିଆ ଟିପ୍ସଠାରୁ ଯଥା ସମ୍ଭବ ଦୂରେଇ ରହନ୍ତୁ ।

ମଇଦାରେ ଫାଇବର ଆଦୌ ନାହିଁ । ମଇଦାଜାତୀୟ ଖାଦ୍ୟ ଖାଇଲେ ତାହା ସହଜରେ ହଜମ ହୋଇନଥାଏ ଏଥିରେ ଥିବା ବ୍ଲିଚିଙ୍ଗ ତତ୍ତ୍ୱ କାରଣରୁ ହୃଦଘାତର ଆଶଙ୍କା ବଢ଼େ ।

ମୃଦୁ ପାନୀୟରେ ଥିବା କାର୍ବୋହାଇଡ୍ରେଟ୍ ଓ ଅନ୍ୟାନ୍ୟ ତତ୍ତ୍ୱ ସ୍ମୃତି ଶକ୍ତି ହ୍ରାସ କରେ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ପୁରଣାର ପୁନରାବୃତ୍ତି....

ଭାରତ ଓ ଚୀନ୍ ମଧରେ ସୀମା ବିବାଦ ସମସ୍ୟା ବେଶ୍ ପୁରୁଣା ଏବଂ ଏହି ସମସ୍ୟାକୁ ନେଇ ଅତୀତରେ ଏକ ସୀମା ଯୁଦ୍ଧ ମଧ ଲାଗିସାରିଛି । କିନ୍ତୁ ଗତବର୍ଷ ଲଦାଖରେ ସୃଷ୍ଟ ସୀମା ବିବାଦର ନିଆଁ ଏବେସୁଦ୍ଧା କୁହୁଳି ଚାଲିଛି ଏବଂ ବହୁସ୍ତରୀୟ ଆଲୋଚନା ମାଧମରେ ଉଭୟ ଦେଶର ସାମରିକ ଏବଂ କୂଟନୈତିକ ଅଧିକାରୀମାନେ ଏହାକୁ ଶାନ୍ତ କରିବାରେ ସକ୍ଷମ ହୋଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ସମାଧାନ ବାହାରିବା ଏତେଟା ସହଜ ନୁହେଁ । ତାହା କେବଳ ଭାରତ-ଚୀନ ନୁହେଁ, କୌଣସି ରାଷ୍ଟ୍ର ପକ୍ଷେ ମଧ ସହଜସାଧ ନୁହେଁ । କିନ୍ତୁ ଇତିମଧରେ ପୂର୍ବାଞ୍ଚଳ କ୍ଷେତ୍ରରେ ସୀମାନ୍ତକୁ ଲାଗି କେତେକ ସ୍ଥାନରେ ପିପୁଲ୍ସ ଲିବେରେସନ୍ ଆର୍ମି ପକ୍ଷରୁ ସ୍ଥାୟୀ ଶିବିରମାନ ନିର୍ମାଣ କରାଯାଉଥିବା ଖବରରେ ଭାରତ ତୀବ୍ର ପ୍ରତିକ୍ରିୟା ବ୍ୟକ୍ତ କରିଛି । କେବଳ ପ୍ରତିକ୍ରିୟା ବ୍ୟକ୍ତ ନୁହେଁ, ନିକଟରେ ଦୁସାନ୍ବେଠାରେ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ.ଜୟଶଙ୍କର ଏବଂ ସେ ଦେଶର ବୈଦେଶିକ ମନ୍ତ୍ରୀ ୟାଙ୍ଗ୍ ୟି'ଙ୍କ ମଧରେ କଥାବାର୍ତ୍ତା ବେଳେ ଏହି ପ୍ରସଙ୍ଗ ମଧ ଉଠିଛି । ଭାରତ ପକ୍ଷରୁ ଚୀନକୁ ସିଧାସଳଖ ଭାବେ ଜଣାଇ ଦିଆଯାଇଛି ଯେ ଏକତରଫା ଭାବେ ବାସ୍ତବ ନିୟନ୍ତ୍ରଣ ରେଖା (ଏଲଏସି)କୁ ବଦଳାଯିବା କଦାପି ଭାରତ ପକ୍ଷେ ଗ୍ରହଣୀୟ ନୁହେଁ । ଭାରତର ଏଭଳି ପ୍ରତିକ୍ରିୟା ଯେତିକି ବାସ୍ତବଧର୍ମୀ ସେତିକି ଯୁକ୍ତିଯୁକ୍ତ । ଏପରିକି ଭାରତ ଯଦି ସେପରି କରେ ଚୀନ୍ ମଧ ତାହାକୁ କଦାପି ଗ୍ରହଣ କରିବ ନାହିଁ । ତେଣୁ ପୂର୍ବ ଲଦାଖର ନାକୁ-ଲା ଘାଟି ଏବଂ ସିକିମ ତଥା ଅରୁଣାଚଳ ପ୍ରଦେଶ ଭଳି ରାଜ୍ୟ ସୀମାନ୍ତରେ ଚୀନ୍ ସେନାଙ୍କ ଶିବିର ନିର୍ମାଣ ଏବଂ ଅଧିକ ସେନା ଓ ଅସ୍ତ୍ରଶସ୍ତ୍ର ଠୁଳ ଚୀନର ବିସ୍ତାରବାଦ ଚିନ୍ତାଧାରାକୁ ପୁଣିଥରେ ପ୍ରମାଣିତ କରିଛି । ଗତବର୍ଷ ଜୁନ୍ ମାସରେ ଲଦାଖରେ ଉଭୟ ଦେଶର ସେନାଙ୍କ ମଧରେ ଯେଉଁ ରକ୍ତାକ୍ତ ସଂଘର୍ଷ ଘଟିଥିଲା ତାହା କେବଳ ଦୁଇ ଦେଶକୁ ସାମରିକଭାବେ ପରସ୍ପରର ସମ୍ମୁଖୀନ କରାଇନଥିଲା, ଅପରନ୍ତୁ ଏହାକୁ ନେଇ ଏକ ସୀମିତ ସୀମାଯୁଦ୍ଧ ଲାଗିପାରେ ବୋଲି ମଧ ସମସ୍ତେ ଆଶଙ୍କା ପ୍ରକଟ କରୁଥିଲେ । କିନ୍ତୁ କୂଟନୈତିକ ଓ ସେନା କମାଣ୍ଡରସ୍ତରୀୟ ଆଲୋଚନା ଜରିଆରେ ଏହାକୁ ପ୍ରଶମିତ କରାଯିବା ବେଳେ ଉଭୟପକ୍ଷ ସହମତ ପ୍ରକଟ କରିଥିଲେ ଯେ, ଭବିଷ୍ୟତରେ ଏଭଳି ଘଟଣାକୁ ଏଡ଼ାଇବା ନିମନ୍ତେ ପ୍ରୟାସ କରିବେ । ପୁଣି ଏକତରଫା ଭାବେ ଏଲଏସିକୁ ପରିବର୍ତ୍ତନ କରିବା ନିମନ୍ତେ କୌଣସି ପକ୍ଷ ଉଦ୍ୟମ କରିବେ ନାହିଁ । ଭାରତର ଏହି ପ୍ରସ୍ତାବକୁ ଚୀନ ସେତେବେଳେ ସଂପୂର୍ଣ୍ଣ ରୂପେ ସ୍ୱୀକାର କରିଥିବାବେଳେ ଏବେ ପୁଣି ଥରେ ସେହି ଖୋଇ ଦୋହରାଇବା ପଛରେ କି କାରଣ ରହିଛି ତାହା ବିଚାର୍ଯ୍ୟ । ତିବ୍ବତୀୟ ଧର୍ମଗୁରୁ ଦଲାଇ ଲାମାଙ୍କ ଜନ୍ମଜୟନ୍ତୀ ପାଳନ କରାଇ ନଦେବାକୁ ନେଇ ଚୀନ ଯେତେବେଳେ ସେଠାକୁ ଅଧିକ ସଂଖ୍ୟକ ସେନା ପ୍ରେରଣ କଲା, ସେତେବେଳେ କେବଳ ଭାରତ ନୁହେଁ, ସମଗ୍ର ବିଶ୍ୱ ଚୀନର ଏହି କାର୍ଯ୍ୟକୁ ସମାଲୋଚନା କଲେ । ଭାରତ ମଧ ସେଥିରେ ସ୍ୱର ମିଳାଇବା ସ୍ୱାଭାବିକ । କାରଣ ୧୯୫୦ ଦଶକଠାରୁ ତିବ୍ବତକୁ ନେଇ ଭାରତ ଆଭିମୁଖ୍ୟ ସ୍ପଷ୍ଟ । କେବଳ ସ୍ପଷ୍ଟ ନୁହେଁ, ଦଲାଲମାନଙ୍କୁ ଭାରତ ରାଜନୈତିକ ଆଶ୍ରୟ ମଧ ପ୍ରଦାନ କରିଛି । ତେଣୁ ଚୀନ୍‌ର ତିବ୍ବତ ଅକ୍ତିଆରକୁ କୌଣସିମତେ ଭାରତ ସ୍ୱୀକାର କରେ ନାହିଁ । ଏବେ ଭାରତ ସେହି ଉକ୍ତିକୁ ଦୋହରାଇବାବେଳେ ତାହା ଚୀନ୍‌କୁ ବାଧୁଛି । ଚୀନ କମ୍ୟୁନିଷ୍ଟ ପାର୍ଟି ତା'ର ଶହେବର୍ଷ ପୂର୍ତ୍ତି ପାଳନ କରୁଥିବାବେଳେ ପିଏଲଏ ସି ଜିନପିଙ୍ଗଙ୍କୁ ଏକ ବଡ଼ ଉପହାର ଦେବାକୁ ପ୍ରୟାସୀ । ତାହା ଭାରତ ବିପକ୍ଷରେ ସୀମା ଅତିକ୍ରମଣ ହେଉ ଅବା ଅନ୍ୟ ଯେକୌଣସି ଭାବେ ହେଉ । କରୋନା ଭୂତାଣୁ ପ୍ରସାରଣ କରି ଚୀନ ଏବେ ସାରା ବିଶ୍ୱରେ ଯେଉଁ ଅପଯଶ ଅର୍ଜନ କରିଛି ସେଥିରୁ ଉଦ୍ଧାର ପାଇବା ସକାଶେ ଉପାୟ ଖୋଜିବାରେ ବ୍ୟସ୍ତ । ସେଥିରେ ଭାରତ ସହ ସୀମା ବିବାଦକୁ ଜାରି ରଖିବା ଏକ ବିରାଟ ଅସ୍ତ୍ର ହେବା ପରି ପ୍ରତୀୟମାନ ହୁଏ । କାରଣ ବିଗତ କିଛିବର୍ଷ ଭିତରେ ଭାରତ ଚୀନ ବିରୋଧରେ ଯେଉଁ ଆର୍ଥିକ-କୂଟନୈତିକ ଅସ୍ତ୍ର ପ୍ରୟୋଗ କରିଛି ସେଥିରେ ଚୀନ ବ୍ୟତିବ୍ୟସ୍ତ ହୋଇପଡ଼ିଛି । ତେଣୁ ପ୍ରତିଶୋଧର ଜ୍ୱାଳାରେ ସୀମାନ୍ତକୁ ଅଶାନ୍ତ କରି ଭାରତ ଉପରେ ଦାଉ ସାଧିବା ବେଜିଂ ନେତୃବର୍ଗ ଏବଂ ପିଏଲଏ ପାଇଁ ଏକ ସାଧନ ପାଲଟିଛି । ଏଥିରେ କ୍ଷେତ୍ରୀୟ ଓ ବୈଶ୍ୱିକ ଶାନ୍ତି ଓ ସ୍ଥିରତା ଯେ କ୍ଷୁର୍ଣ୍ଣ ହେଉଛି, ତାହା ବୁଝିବାକୁ ଚୀନ୍ ପ୍ରସ୍ତୁତ ନୁହେଁ ।

## କବିତା କୋଣାର୍କ



### ଏଇ ତ ସ୍ୱର୍ଗ...

ଗୌରୀ ମେହେର

ସ୍ୱର୍ଗ ବୋଲି କିଛି ଅଛି କି ସ୍ୱତନ୍ତ୍ର ସ୍ଥାନ
ଯଉଁଠି କେବଳ ସୁଖ, ସ୍ୱାଛନ୍ଦର
ହୁଏ ମିଳନ,
ନାହିଁ ଯନ୍ତ୍ରଣା, ଦୁଃଖ, ରୋଗ,
ବ୍ୟାଧି, ପୀଡା ମାନ,
ଝଲକିତ ଖାଲି ଶାନ୍ତି,
ଆନନ୍ଦର ସଂଯୋଗ
ତ କଉଁଠି ସେ ସ୍ୱର୍ଗ ?

ପ୍ରଭାତ ସୁରୁଜ ବିଛେ
ସୁନେଲି କୀରଣ,
ସଂଜର ଜହ୍ନ, ଜୌସ୍ନାରେ ଭିଜାଇଦିଏ
ତନମନ,
ଗୋଧୁଳି, କାକର, ତୁଷାର, ପୁଲକିତ
କରେ ମନ ପ୍ରାଣ,
ସ୍ମୃତି ଭରା ଖାଲି ଦିଶୁଥାଏ
ସତେ ମାର୍ଗ ଏଇତ ସ୍ୱର୍ଗ,
ପୂଜା, ପର୍ବ, ସାଧନ, ଭଜନ,
ଜଣାଣ,
ପ୍ରଫୁଲ୍ଲିତ କରେ ମନ ଜଗାର
ରୂପଲାବଣ୍ୟ,
ଭକ୍ତି ଅନୁରାଗେ ପ୍ରାଣ ହୁଏ
ଆକର୍ଷଣ,
ଶ୍ରଦ୍ଧା ସୁମନରେ ଭରିଯାଏ
ମୋର ଭାଗ୍ୟ
ଏଇତ ସ୍ୱର୍ଗ
ବନ୍ଧୁ ପରିଜନ ସ୍ନେହ,
ପ୍ରେମର ପ୍ରାଚୁର୍ଯ୍ୟ,
ପଶୁ,ପକ୍ଷୀ, ବନ, ଝରଣା, ବୃକ୍ଷ
ରାଶିର ସଂଯୋଗ,
ଆତ୍ମୀୟତା ଭରିଦିଏ ଜୀବନେ ଭରି
ସୁର ଲୟ,
ଏତେ ସୁଖ ଦେଖି ଦୁଃଖ ଆପେ ହୁଏ
ଭାଗ ଭାଗ ଏଇତ ସ୍ୱର୍ଗ
ହଁ ଏଇତ ସ୍ୱର୍ଗ,
ଏଇତ ସ୍ୱର୍ଗ ।

+ ଗମ୍ଭାରୀଗୁଡା
ନୂଆପଡା

# ବିଶ୍ୱ ନ୍ୟାୟ ଦିବସ



ଇଂ. ବିଦ୍ୟାଧର ପଣ୍ଡା

ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟହେଲା ଅନ୍ତରାଷ୍ଟ୍ରୀୟ ଅପରାଧିକ ନ୍ୟାୟଏବଂ ନ୍ୟାୟାଳୟ ବିଷୟରେ ଜନ ସଚେତନତା ଜାଗ୍ରତ କରେଇବା । ଶହେକୋଡିଏ ଦେଶର ପ୍ରତିନିଧି ରୋମ୍ ସହରରେ ଏକ ସାଧାରଣ ଆନ୍ତର୍ଜାତୀୟ ନ୍ୟାୟ ନିୟମ ଯାହାକୁ "ରୋମ୍ ଷ୍ଟାଚ୍ୟୁର୍" କୁହାଯାଏ, ସେଥିରେ ୧୯୯୮ ମସିହା ଜୁଲାଇ ୧୭ ତାରିଖରେ ହସ୍ତାକ୍ଷର କରିବା ପରଠାରୁଏହି ଦିବସ ପାଳିତ ହୋଇଆସୁଛି । ସତରେ କ'ଣ ଏହି ଦିବସ ପାଳନ କରିବାରେ ଆମକୁବିଶ୍ୱରେ ନ୍ୟାୟ ମିଳିଯାଉଛି ! ତା' ନୁହେଁ କିନ୍ତୁ ଅନ୍ତରାଷ୍ଟ୍ରୀୟ ଅପରାଧ ପାଇଁ ନ୍ୟାୟର କିଛି ଗୋଟାଏ ବନ୍ଦୋବସ୍ତ ଏବଂ ନ୍ୟାୟାଳୟ ବ୍ୟବସ୍ଥା ଅଛି ବୋଲି ଜାଣିହେଉଛି । ସେଗୁଡିକର ଦକ୍ଷତା ଉପରେ ହଜାର ପ୍ରଶ୍ନ ଚିହ୍ନ ଅଙ୍କା ଯାଇପାରେ, ତଥାପି ଗୋଟିଏ ସଂସ୍ଥା ରହିଛି । ସାଧାରଣଲୋକଙ୍କ ମନରେ ଏ ବିଷୟରେ ଅସୁମାରି ପ୍ରଶ୍ନ ଜନ୍ମନେବା ସ୍ୱଭାବିକ କଥା । ଆମେ ଦେଖୁଛେ ଏକାଧିକ ଲୋକଭାରତରୁ ଋଣ ନେଇ ବ୍ୟାଙ୍କଗୁଡିକୁ ଠକି କେମିତି ବିଦେଶରେ ଅୟେସ୍ କରୁଛନ୍ତି ! କେବଳ ବ୍ୟାଙ୍କଋଣ ବିଷୟରେ ନୁହେଁ, ଗୁଲସନ୍ ଗ୍ରୋବର୍ ପରି କିଛି ସିନେ ତାରକା ମାନଙ୍କର ହତ୍ୟାରେ ପରୋକ୍ଷ ପ୍ରତ୍ୟେକ୍ଷ ଭାବରେ ଜଡିତ ଅପରାଧି ଭାରତ ବାହାରକୁ ଲୁଚିକି ପଳେଇଗଲା ପରେ ସେଠାକାର ସ୍ଥାୟୀ ବାସିନ୍ଦା ହୋଇ ଉପଯୁକ୍ତ ଦଣ୍ଡବିଧାନରୁ ବଂଚିତ ରହିବାକୁ ସମର୍ଥ ହେଉଛନ୍ତି । ତେଣୁ ସବୁ ନିୟମ କେବଳ ସାଧାରଣ ନାଗରିକଙ୍କ ପାଇଁ ଲାଗୁ, ବଡବଡ ଲୋକଙ୍କ ପାଇଁ ନ୍ୟାୟର ଦଉଡିଟା ଛୋଟିଆ ହେବାର ଅଗଣିତ ଦୃଷ୍ଟାନ୍ତ ଅତିତରେ ଥିଲା, ଏବେ ବି ଅଛି ଏବଂ ଭବିଷ୍ୟତରେ ମଧ ରହିବ । ଆମର ସବୁଠାରୁ ପ୍ରିୟ ସରଳ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୁର ଶାସ୍ତ୍ରୀ ତାସ୍କେଂଟ୍ ଯାଇଥିଲେ ପାକିସ୍ତାନ୍‌ସହ ଯୁଦ୍ଧ ବିରାମ ଘୋଷଣା କରି ଶାନ୍ତି ଚୁକ୍ତି କରିବା ଉଦ୍ଦେଶ୍ୟରେ ଏକ ସୁସ୍ଥ ଶରୀର ନେଇ କିନ୍ତୁ ହଠାତ୍ ଆମେ ଶୁଣିଲେ ଯେ ସେ ମୃତ୍ୟୁ ବରଣ କରିଛନ୍ତି । ସେହି ଘଟଣାର ପ୍ରକୃତ ତଥ୍ୟ ଏପର୍ଯ୍ୟନ୍ତ ସଠିକ୍ ଭାବରେ କେହି ଜାଣନ୍ତିନି । ଅନ୍ତରାଷ୍ଟ୍ରୀୟ କ୍ଷେତ୍ରରେ ଭାରତପରିକା ସର୍ବବୃହତ ଗଣତନ୍ତ୍ର ରାଷ୍ଟ୍ରର ପ୍ରଧାନମନ୍ତ୍ରୀଙ୍କର ବିଦେଶ ମାଟିରେଏଭଳି ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ହେବା କ'ଣ ଛୋଟିଆ କଥା !

ଏହି ଦିନରେ ଆମ ଆଖିକୁ ଯେଉଁଟା ଅନ୍ୟାୟ ଦେଖାଯାଉଛି, ତା ବିଷୟରେ ସ୍ୱର ଉତ୍ତୋଳନ କରିଏହି ଦିବସଟିକୁ ପାଳନ କଲେ ଭଲ ହୁଅନ୍ତା ବୋଲି ମୋର ନିଜି ମତ ।ସେ ବିଷୟ ସ୍ଥାନିୟ, ଜାତୀୟ କିମ୍ବା ଆନ୍ତର୍ଜାତୀୟ ବି ହୋଇପାରେ । ଅନ୍ୟାୟ ତ ଅନ୍ୟାୟ, ଯେଉଁଠି ହେଉନା କାହିଁକି । ଦୋଷୀ ତ ଦଣ୍ଡ ପାଇବା ଅନିବାର୍ଯ୍ୟ । ଆମ ରାଇଜରେ ବି ଏମିତି ଅନେକ ଘଟଣା ଆପଣମାନଙ୍କୁ ଆନ୍ଦୋଳିତ କରିଥାଏ ପାରେ, ସେମିତି କେତେ ଘଟିଛି ଏବଂ ନିତିଦିନ ଘଟୁଛି ମଧ । ଅନେକ ନ୍ୟାୟାଳୟର ଦଣ୍ଡାଦେଶ ଆସୁଛି ଯେଉଁଥିରେ ଜନସାଧାରଣ ସନ୍ତୁଷ୍ଟ ନୁହଁନ୍ତି । ଆପଣ ନିଜ କଥା କୁହନ୍ତୁ ? ଆପଣଙ୍କ ହିସାବରେ କୁନ୍ଦୁଲି ପିଡିତା କ'ଣ ନ୍ୟାୟ ପାଇଛି ? ପିପିଲି ଗଣଦୁଷ୍କର୍ମ ମାମଲାଉପରେ ନ୍ୟାୟଳୟର ବିଚ୍ରର କ'ଣ ପକ୍ଷପାତ ରହିତ ଉଚିତ୍ ବିଚ୍ରର ଥିଲା ? ମାହାଙ୍ଗା ଡବଲମର୍ଡର୍ ବିଷୟରେ ମୃତକଙ୍କ ପରିବାର ନ୍ୟାୟ ପାଇବା ଆଜିକା ଯୁଗରେ କ'ଣ ସହଜ କଥା ? ଏମିତି ରାଜଧାନୀରେ ବି ଅନେକହତ୍ୟାକୁ ଆତ୍ମହତ୍ୟାରୂପ ଦିଆଯାଇ କେସ୍ ରଫାଦଫା କରି ଦିଆଯାଉଛି । ତେଣୁ ନ୍ୟାୟ କମି ଏବଂ ଅନ୍ୟାୟର ପରିସିମା ନ୍ୟାୟଠାରୁ ଢେର୍ ଅଧିକ ।ରାଜ୍ୟବାହାରକୁ ଗଲେ ସୁଶାନ୍ତ ସିଂ ରାଜ୍‌ପୁତ୍ , ତାଙ୍କର ନିଜି ସହାୟିକା ଝିଅର ମାମଲା କଣ ଠିକ୍ ତଦନ୍ତ ହୋଇ ପ୍ରକୃତ ତଥ୍ୟ ପଦାକୁ ଆସିଲା ! ଅର୍ଣ୍ଣବ ଗୋସ୍ୱାମୀ ଓ ଉଦ୍ଧବ ଠାକରେ ଝଗଡା ଭିତରେଏସବୁ ଘଟଣାର ପ୍ରମୁଖତା ମିଳେଇ ପାଣି ଫଟକିଗଲା । ପରିବାର ହତାଶ ହୋଇ ଶେଷରେ ଚୁପ୍ ରହିବାକୁ ବାଧ ହେଲେ । ବାଡ ଯଦି ଫସଲ ଖାଇଲା ତେବେ ମାଳି କଣ ବା କରିପାରିବ ! ସେମିତି ସୁନନ୍ଦା ପୁଷ୍କର ଏବଂ ଶ୍ରୀଦେବୀ ମୃତ୍ୟୁରହସ୍ୟ କେବେ ବି ଉଜାଗର ହୋଇ ନପାରେ । ଏଥିରେ ବଡବଡ ଲୋକ ସଂପ୍ଲିଷ୍ଟ ଅଛନ୍ତି ଯେତେବେଳେ ନ୍ୟାୟ ପାଇବା କାଠିକର ପାଠ । ବେଳେବେଳେ ନ୍ୟାୟଟିକୁ ନ୍ୟାୟାଳୟରୁ କିଣିବାକୁ ପଡେ, ସେଥିପାଇଁ ପୁଞ୍ଜି ଦରକାର । ତେଣୁ ଯାହାହେଲାଣି ତ ହୋଇଗଲା, ଆଉ କଣ ଫେରିବ ! ଏମିତି ମନକୁ ବୁଝେଇ ଚୁପ୍‌ଚାପ୍ ବସିଗଲେ ଗଲା, କିଏ ଅତିତକୁ ଘାଂଟି ସମୟ ନଷ୍ଟ କରୁଛି !

ପ୍ରକୃତରେ ଏସବୁ ବହୁତ କଷ୍ଟଦାୟକ । ଏମିତି ଦେଖିବାକୁଗଲେ ଗ୍ଲରିଆଡେ ଅନ୍ୟାୟ । ଏତେଦିନ ଧରି ଆମେ ନଗଡାକୁ ଭୁଲି ଯାଇ ସେମାନଙ୍କୁ ମୁଖ୍ୟଧାରାରୁ ଦୂରରେ ରଖିବାକୁ କଣ ନ୍ୟାୟ କହି ପାରିବା ? ସଂଗଠିତ ଉପାୟରେ ଦୁର୍ନିତି କରି ସରକାରି ପାଣ୍ଠି ଚଳୁକରିବା କଣ ଅନ୍ୟାୟ ନୁହେଁ ! ଏବେ କରୋନାସମୟରେ ରୋଗୀଙ୍କ ନାଁରେ କୋଟିକୋଟିଟଙ୍କାର ଯେଉଁ ଦୁର୍ନିତି ହୋଇଛି, ସେସବୁ ତଦନ୍ତ ଫଳାଫଳରେ ସତ ବାହାରିବା କଣ ଏତେ ସହଜ ! ଆଦୌ ନୁହେଁ । ବିଗତ ତାଲାବନ୍ଦି ଦିନମାନଙ୍କରେ ସାଇପଡିଶାରେ ଅନେକହିଂସା ଦେଖିବାକୁ ମିଳିଛି ଏବଂ ଘରୋଇହିଂସାର ମାତ୍ରା ଅନେକ ପରିମାଣରେ ଦିନୁଦିନ ବଢି ଗ୍ଲଲିଛି । ତଥାପି ମଣିଷ ନ୍ୟାୟ ଆଶାରେ ପୃଥିବୀରେ ବଂଚିବାର ପ୍ରଚେଷ୍ଟା ଜାରି ରଖିବା ଭିତରେଏପରି ଏକ ଦିନକୁ ବିଶ୍ୱ ନ୍ୟାୟ ଦିବସରୂପରେ ପାଳନ କରି ସାକାରତ୍ମକ ସଂଦେଶ ଦେବା ସଙ୍ଗେସଙ୍ଗେ ସମାଜର ମନୋବଳ ମଧ ବୃଦ୍ଧି ହେବାରେ ସହାୟକ ହେଉଛି । ତେଣୁ ଗ୍ଲଲନ୍ତୁ ଏହି ଦିନଟିକୁ ପାଳିବା ଏବଂ ନିଜ ଦୃଷ୍ଟିରେ ଆସୁଥିବା କିଛି ଅନ୍ୟାୟ ଘଟଣାକୁ ଉଜାଗର କରି ପିଡିତ ପିଡିତାଙ୍କୁ ନ୍ୟାୟ ମିଳିବା ପାଇଁ ସ୍ୱର ଉତ୍ତୋଳନ କରିବା ।

+ ଏମ୍ ଟେକ୍, ଏଲ୍ ଏଲ୍ ବି.
ଫଂଚଶଖା ନଗର, ଖଣ୍ଡଗିରି,
ଭୁବନେଶ୍ୱର-୭୫୧୦୧୯

# ରହସ୍ୟ ଘେରରେ କରୋନା ଭୂତାଣୁ



ଡକ୍ଟର ଲକ୍ଷ୍ମଣ ସାହୁ

ଆମେ ଚାହୁଁ ଯୁଦ୍ଧ ନୁହେଁ ଶାନ୍ତି, ଧ୍ୱଂସ ନୁହେଁ ସୃଷ୍ଟି, ମୃତ୍ୟୁ ନୁହେଁ ଜୀବନ । କିନ୍ତୁ ବିଶ୍ୱ ଇତିହାସ କହେ, ଏହି ପୃଥିବୀରେ ଯୁଦ୍ଧ କେବେ ବି ଶେଷ ହୋଇନାହିଁ । ଆମେ ଶାନ୍ତି ପାଇଁ ଅଧିକ ଇଚ୍ଛା କରୁ, ହେଲେ ଶାନ୍ତି କେବେ ଫେରି ନାହିଁ, ଏତେ ବଡ ବିଶ୍ୱ ଏବେ ଅତି କ୍ଷୁଦ୍ର ମନେ ହେଲେବି କେଉଁଠି ନା କେଉଁଠି ପ୍ରତ୍ୟେକଟି ମୁହୂର୍ତ୍ତରେ ଯୁଦ୍ଧର ରଣ ହୁଙ୍କାର ପ୍ରତୀତ ହେଉଛି । ଦୁନିଆର ଯେତିକି ଯୁଦ୍ଧ ଚାଲିଛି ତାକୁ କୌଣସି ପ୍ରକାର ରୋକିବା ସମ୍ଭବ ହୋଇ ନାହିଁ । ଯୁଦ୍ଧରେ ବେଳେବେଳେ ବୋମା ଏବଂ କ୍ଷେପଣାସ୍ତ୍ର ନିକ୍ଷେପ କରାଯାଏ, ବେଳେବେଳେ ଗୁପ୍ତ ଗରିଲା ଶୈଳୀରେ ଯୁଦ୍ଧ ହୁଏ, ଅର୍ଥାତ୍ ଅତର୍କିତ ଭାବେ ଶତ୍ରୁ ପକ୍ଷକୁ ଆକ୍ରମଣ କରାଯାଏ । ସାଂପ୍ରତିକ ସମୟରେ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ପ୍ରଗତି ଫଳରେ ନୂତନ ପ୍ରକାରର ଅସ୍ତ୍ରଶସ୍ତ୍ର ତିଆରି ହେବାରେ ଲାଗିଛି । ଏହା ନିଆଁରେ ଅଧିକ ଘିଅ ଯୋଗାଇବା ଭଳି କାମ କଲା । ଉଦାହରଣ ସ୍ୱରୂପ, ମାଇକ୍ରୋୱେଭ୍ ତରଙ୍ଗ, ସାଇବର ଯୁଦ୍ଧ ଏବଂ ଜୈବିକ ଯୁଦ୍ଧ ଇତ୍ୟାଦି । କୁହାଯାଏ ଯେ ପ୍ରାୟ ଶହେ ବର୍ଷ ପୂର୍ବେ ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଜର୍ମାନ ସୈନିକମାନେ ଏହାର ପ୍ରୟୋଗ କରିଥିଲେ । ଆଥେକ୍ସ ଗ୍ରନ୍ଥିର ଜୀବାଣୁ ନେଇ ଏହି ପରୀକ୍ଷଣ ବ୍ୟବହୃତ ହୋଇଥିଲା । ଏହା କେବଳ ବିକଶିତ ନୂଆ ଜୈବିକ ଅସ୍ତ୍ରର ନମୁନା ଥିଲା । ଏହି ମାମଲା କରୋନା ଜୀବାଣୁଙ୍କ ଉତ୍ପତ୍ତି ବିଷୟରେ ଧାରଣା ଦେଇଥାଏ । ଗତ ଦେଢ ବର୍ଷ ଧରି ସମଗ୍ର ବିଶ୍ୱ ଭିତରେ ଯେଉଁ ଆଲୋଚନା ଚାଲିଛି, କରୋନା ଜୀବାଣୁ କେଉଁଠୁ ଆସିଲା ତାହାର ସଠିକ୍ ପ୍ରମାଣ ମିଳିନାହିଁ । ସନ୍ଦେହ ଘେରରେ ଥିବା ଚୀନ୍‌କୁ ନେଇ ବିଭିନ୍ନ ଦେଶରେ ଆଲୋଚନା ହୋଇଛି । ବିଶେଷ କରି ଚାଇନାରେ ଥିବା ବିଜ୍ଞାନଗାର ଲାବୋରେଟୋରୀକୁ ପ୍ରବେଶ କରି କେବଳ ପ୍ରତ୍ୟକ୍ଷ ଭାବେ ତଦନ୍ତ କରିବା ସହଜ ନୁହେଁ । ତାହାର ଠୋସ୍ ପ୍ରମାଣ ପାଇଁ ମିଳିତ ଜାତିସଂଘ ଆଗେଇ ଆସିବା ଦରକାର । ଏଠାରେ ଏକ ଆମେରିକୀୟ ରିପୋର୍ଟରେ କୁହାଯାଇଛି ଯେ ଯେତେବେଳେ ଚୀନ୍ ନିଜେ କରୋନା ଜୀବାଣୁ ପ୍ରଥମ ମାମଲା ପଞ୍ଜୀକୃତ କରିଥିଲା, ଏହାର ଏକ ମାସ ପୂର୍ବରୁ ଭାଇରୋଲୋଜି ଲ୍ୟାବ୍ର ଅନୁସନ୍ଧାନକାରୀମାନେ ଏହି ଜୀବାଣୁରେ ଆକ୍ରାନ୍ତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ । ଏହି ପରିପ୍ରେକ୍ଷୀରେ ଆମେରିକାର ବିଡେନ ପ୍ରଶାସନ ଏହାର ଅନୁସନ୍ଧାନକୁ ନେଇ ଜିଦ୍ ଧରିଛି, ତାହା ନିଶ୍ଚିତ ସ୍ୱାଗତ ଯୋଗ୍ୟ । ବିଶ୍ୱ ନିଶ୍ଚୟ ଜାଣିବ ଯେ ଏହି ମାରାତ୍ମକ ଜୀବାଣୁର ଉତ୍ପତ୍ତି ପଛରେ ଚୀନ୍‌ର ହାତ ଅଛି ନା ନାହିଁ ?

କେବଳ ଆମେରିକା ନୁହେଁ, ଏହି ପ୍ରଶ୍ନ ଆଜି ସମଗ୍ର ବିଶ୍ୱରେ ସମସ୍ତଙ୍କ ମନରେ ଘୁରି ବୁଲୁଛି । ସତକଥା ହେଉଛି ଏହି ଜୀବାଣୁ ଦ୍ୱାରା ହୋଇଥିବା ମହାମାରୀ ପଛରେ ଚୀନ୍ ସଂପୂର୍ଣ୍ଣ ସଂପୃକ୍ତ ଅଛି । ସେ ନିଜକୁ ଏକ ସୁପର ପାୱାର ଭାବରେ ପ୍ରତିଷ୍ଠିତ କରିବାପାଇଁ ଚାହିଁଛି ? ତେଣୁ କରୋନା ଜୀବାଣୁ ଆକାରରେ ଜୈବିକ ଯୁଦ୍ଧ ଆରମ୍ଭ କରିଛି, ଯାହା ଦ୍ୱାରା ସେ ଅତ୍ୟନ୍ତ ସହଜରେ ଆର୍ଥିକ ଦୃଷ୍ଟିରୁ ସୁରକ୍ଷିତ ଓ ସୁଦୃଢ ହୋଇ ନିଜର ପ୍ରାଧାନ୍ୟ ପ୍ରତିଷ୍ଠା କରିପାରିବ । ଏଭଳି ଆଲୋଚନା ଓ ଆଶଙ୍କା ଅନେକ, କିନ୍ତୁ ସର୍ବଶେଷ ପରିବର୍ତ୍ତନ 'ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ'ରୁ ହୋଇପାରେ । ଆମେରିକାର ରିପୋର୍ଟକୁ ଉଦ୍ଧୃତ କରି 'ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ'ରେ ଏହା ବିଚାର କରାଯାଉଛି । ଏପରି ଏକ ବିଶ୍ୱସ୍ତରୀୟ ମହାମାରୀ ଅଛି କି ନାହିଁ, ଏହା ଉପରେ ଏକ ଚୁକ୍ତି ପ୍ରସ୍ତୁତ ହୋଇପାରେ, ଯେଉଁଥିରେ ବିଶ୍ୱ ଜୈବିକ ଯୁଦ୍ଧ କରିବାକୁ ଭୟ କରେ । ଉପଯୁକ୍ତ ପ୍ରମାଣ ପ୍ରମାଣିତ ହେଲେ ତାହାକୁ ଦୃଢ଼ତା ସହ ପ୍ରତିରୋଧ କରାଯିବା ସହିତ ଦୋଷୀ ଦେଶକୁ କଠୋର ଦଣ୍ଡରେ ଦଣ୍ଡିତ କରାଯାଇପାରିବ । ପରେ ଦେଶଗୁଡ଼ିକ କୋଭିଡ -୧୯ ପରି ଭୟଙ୍କର ମହାମାରୀକୁ ଏଡାଇବାକୁ ଚେଷ୍ଟା କରିବେ ।

ସନ୍ଦେହ ଘେରରେ ଥିବା ଦୋଷଯୁକ୍ତ ଦେଶ ଚୀନ୍‌କୁ ଆଇନଗତ ଭାବରେ ଉତ୍ତରଦାୟୀ କରାଯିବ । କିନ୍ତୁ ଏହି ସମ୍ପୂର୍ଣ୍ଣ କାର୍ଯ୍ୟ ପନ୍ଥା କରିବା ପଛରେ ପ୍ରକୃତ ପ୍ରଶ୍ନ ହେଉଛି ଚୀନ୍ କରୋନାର ମୂଳ ଦେଶ କି ନୁହେଁ, ଏବଂ ସେ ତା'ର କୁତ୍ସିତ ମନକୁ ବିଶ୍ୱ ଉପରେ ଏହି ଜୈବିକ ଯୁଦ୍ଧ ଲଗାଇବା ପାଇଁ ବ୍ୟବହାର କରିଅଛି କି ନାହିଁ ? ଯଦିଓ ଚୀନ୍ ଉପରେ ଆରମ୍ଭରୁ ଟ୍ରମ୍ପ ସନ୍ଦେହ ପ୍ରକଟ କରିଥିଲେ । କହିବାକୁ ଗଲେ ଚୀନ୍ ଉପରେ ସନ୍ଦେହ କରୁଥିବା ବିଶେଷ ବ୍ୟକ୍ତିଙ୍କ ମଧ୍ୟରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଗରେ ଥିଲେ । ସେ ରାଷ୍ଟ୍ରପତି ଥିବାବେଳେ ତାଙ୍କର ଏକ ଟୁଇଟ୍‌ରେ କରୋନାଙ୍କୁ ଚାଇନାର ଜୀବାଣୁ ବୋଲି କହି ସିଧାସଳଖ ଏଥିପାଇଁ ଦାୟୀ କରିଛନ୍ତି । ତାଙ୍କ ବ୍ୟତୀତ ତତ୍କାଳୀନ ବୈଦେଶିକ ସଚିବ ମାଇକ ପମ୍ପି ମଧ ଏହାକୁ 'ୱୁହାନ ଜୀବାଣୁ' ବୋଲି କହିଥିଲେ । ଏହାକୁ ଚାଇନାର ଜୀବାଣୁ ବୋଲି କହି ଟ୍ରମ୍ପ ପ୍ରଶାସନର ଅର୍ଥ ହେଉଛି ଯେ ଆମେରିକା ଉପରେ ପ୍ରତିଶୋଧ ନେବା ପାଇଁ ଚୀନ୍ ତା'ର ଲାବୋରେଟୋରୀରେ ଏହି ଜୀବାଣୁ ଉତ୍ପାଦନ କରିଛି, କିନ୍ତୁ ଏହାକୁ ନିୟନ୍ତ୍ରଣ କରିପାରି ନାହିଁ । ଏଭଳି ପରିସ୍ଥିତିରେ ଅନିୟନ୍ତ୍ରିତ ଚାଇନିଜ୍ ଜୀବାଣୁ ସାରା ବିଶ୍ୱରେ ବ୍ୟାପିଗଲା । ଏହି ଜୀବାଣୁ ନାମକରଣକୁ ନେଇ ଚୀନ୍ ସରକାର ଅତ୍ୟଧିକ କ୍ରୋଧିତ ହୋଇଥିଲେ । ପ୍ରତିବାଦ ସ୍ୱରୂପ ଚୀନ୍?ର ସମସ୍ତ ଇଣ୍ଟରନେଟ୍ ମିଡିଆ ପ୍ଲାଟଫର୍ମରେ ଭିନ୍ନ ରୂପରେ ଖବର ପ୍ରସାରଣ କରାଗଲା । ସେଥିରେ ଦର୍ଶାଇ ଦିଆଗଲା ଯେ ପ୍ରକୃତରେ ଏହି ଜୀବାଣୁ ଉତ୍ପାଦନ ପଛରେ ଆମେରିକାର ହାତ ଅଛି । ଏହି ଅଭିଯୋଗ ଅନୁଯାୟୀ, ଆମେରିକାର ମିଲିଟାରୀ ଜର୍ମ ଯୁଦ୍ଧ କାର୍ଯ୍ୟକ୍ରମ ମାଧ୍ୟମରେ କରୋନା ଦ୍ୱାରା ସୃଷ୍ଟି ହୋଇଥିବା ମହାମାରୀ ବ୍ୟାପିଛି । ତେବେ କରୋନା ଜୀବାଣୁକୁ ନେଇ ଆମେରିକା ଏବଂ ଚୀନ୍ ମଧ୍ୟରେ ଥିବା କଥା କଟାକଟି ସମଗ୍ର ବିଶ୍ୱକୁ କେବଳ ବିସ୍ମୟ କରିନାହିଁ, ବରଂ ସନ୍ଦେହ ଘେରରେ ପକାଇଛି । ଏହି ଦୁଇ ଦେଶ ପରସ୍ପର ଠାରୁ ସର୍ବୋଚ୍ଚ ଯୁଦ୍ଧ ପରାକ୍ରମଶାଳୀ ଶୀର୍ଷରେ ରହିବାର ପ୍ରତିଯୋଗିତା ମନୋଭାବ ଦେଖାଯାଏ । ଅନ୍ୟ ଅର୍ଥରେ କୁହାଯାଇପାରେ ଯେ ଏହି ଦୁଇ ଦେଶ ମଧ୍ୟରେ ଏକ ସୁପର ପାୱାର ଭାବରେ ନିଜକୁ ବଜାୟ ରଖିବା ପାଇଁ ଏହି ଜୈବିକ ଯୁଦ୍ଧ ଘଟିଛି, ଯାହା ମହାମାରୀର କରାଳ ରୂପ ଧାରଣ କରିଛି ।

ଆମେରିକା ତାର ନୂତନ ଦାବି ଆଧାରରେ ଚାଇନାରେ ଖୋଳତାଡ଼ କରିଛି । ଆମେରିକାର ବୈଦେଶିକ ବିଭାଗ ଗ୍ରହଣ କରିଥିବା ଗୁପ୍ତଚର ଦସ୍ତାବିଜକୁ ଉଦ୍ଧୃତ କରି ଗଣମାଧ୍ୟମ ରିପୋର୍ଟରେ କୁହାଯାଇଛି ଯେ ଚୀନ୍ କରୋନା ଜୀବାଣୁର ପିତା । ଏହି ଗୁପ୍ତଚର ଦଲିଲଗୁଡ଼ିକର ଉତ୍ସ ହେଉଛି ବ୍ରିଟିଶ ଖବରକାଗଜ 'ଦି ସନ୍' ଯାହା 'ଅଷ୍ଟ୍ରେଲୀୟ'କୁ ଉଦ୍ଧୃତ କରିଛି ଆମେରିକାର ବୈଦେଶିକ ବିଭାଗ । ଏହି ଭୂତାଣୁ ଚୀନ୍‌ର ସମ୍ପୃକ୍ତି ସମ୍ପର୍କରେ ବିସ୍ଫୋରକ ସୂଚନା ମିଳିଛି । ସୂଚନା ଅନୁଯାୟୀ, କରୋନା ଜୀବାଣୁ ମାଧ୍ୟମରେ ବିଶ୍ୱର ଆର୍ଥିକ ସ୍ଥିତିକୁ କିଭଳି ବିନାଶ କରାଯାଇପାରିବ ଏବଂ ଚୀନ୍‌ର ସର୍ବୋଚ୍ଚତା କିପରି ପ୍ରତିଷ୍ଠିତ ହୋଇପାରିବ ସେ ସବୁ ନେଇ ପି.ଏଲ ଓ୍ୱାନି ଚୀନ୍ ସେନାର କମାଣ୍ଡର ଭ୍ରାନ୍ତ ଭବିଷ୍ୟବାଣୀ କରୁଥିଲେ । ରିପୋର୍ଟ ଅନୁଯାୟୀ, ୨୦୧୫ ମସିହାରେ ନିଜେ ଚୀନ୍ ସେନାର କମାଣ୍ଡର ତୃତୀୟ ବିଶ୍ୱଯୁଦ୍ଧକୁ ଆଶା କରୁଥିଲେ, ଯାହା ଜୈବିକ ଅସ୍ତ୍ର ସହିତ ଲଢିବାକୁ ହେବ । ଏହିସବୁ ତଥ୍ୟ ନିର୍ଦ୍ଦିଷ୍ଟ ଦଲିଲଗୁଡ଼ିକରେ ଉଲ୍ଲେଖ କରାଯାଇଛିଯେ, ଏହି ଭୂତାଣୁ କୃତ୍ରିମ ରୂପରେ ରୂପାନ୍ତରିତ ହୋଇପାରିବ ଏବଂ ଏହାକୁ ମନୁଷ୍ୟ ଶରୀରରେ ରୋଗ ସୃଷ୍ଟି କରୁଥିବା ଜୀବାଣୁରେ ପରିଣତ କରାଯାଇପାରେ । ଏହା ପରେ ଏହାକୁ ଏକ ଅସ୍ତ୍ର ଭାବରେ ବ୍ୟବହାର କରାଯାଇପାରିବ, ଯାହାକୁ ବିଶ୍ୱର କୌଣସି ବ୍ୟକ୍ତି ପୂର୍ବରୁ କେବେ ଦେଖି ନଥିବ । ଜୈବିକ ଯୁଦ୍ଧର ଇତିହାସ କଥା ଇତିହାସରେ ମଧ୍ୟ ଉଲ୍ଲେଖ ଅଛି । ଐତିହାସିକ ତଥ୍ୟ ଦର୍ଶାଏ ଯେ ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ ମେସୋପୋଟାମିଆର ଆସୁର ସାମ୍ରାଜ୍ୟର ଲୋକମାନେ କୂପରେ ଭରି ରହିଥିବା ପାନୀୟ ଜଳରେ ଏକ ପ୍ରକାର ବିଷାକ୍ତ ଫଙ୍ଗସ୍ ପକାଇ ଶତ୍ରୁ ସୈନିକମାନଙ୍କୁ ହତ୍ୟା କରୁଥିଲେ । ୟୁରୋପୀୟ ଇତିହାସ ଅନୁଯାୟୀ ତୁର୍କୀ ଏବଂ ମୋଙ୍ଗୋଲ ସାମ୍ରାଜ୍ୟରେ ଏଭଳି ସଂକ୍ରମିତ ପ୍ରାଣୀଗୁଡିକ ଉପରେ ତଥ୍ୟ ମିଳିଥିଲା । ସେମାନେ ଶତ୍ରୁ ରାଜ୍ୟର ଜଳରେ ପଶୁମାନଙ୍କ ପଚା ଶରୀର ନିକ୍ଷେପ କରିଥିଲେ, ଯାହା ଶତ୍ରୁମାନଙ୍କ ଶରୀରରେ ସଂକ୍ରମିତ ହୋଇଥିଲା ।

ପ୍ରଥମ ବିଶ୍ୱଯୁଦ୍ଧ ସମୟରେ (୧୯୧୪- ୧୯୧୮) ଜର୍ମାନ ସୈନିକମାନେ ଆଧୁନିକ ପ୍ରଣାଳୀରେ ପ୍ରଥମ କରି ଯୁଦ୍ଧରେ ଆନ୍ଥ୍ରାକ୍ସ ଭଳି ଜୀବାଣୁକୁ ଜୈବିକ ଅସ୍ତ୍ର ବ୍ୟବହାର କରିଥିଲେ । ଏଭଳି ଉପାୟ ମାଧ୍ୟମରେ ଯଦି ଆମେରିକା ଠାରୁ ବାଣିଜ୍ୟ ଯୁଦ୍ଧରେ ପଛରେ ପଡ଼ିଯିବା ଆଶଙ୍କା ନେଇ ଚାଇନା କରୋନା ଭାଇରସ ବ୍ୟବହାର କରି ଆମେରିକାକୁ ଶିକ୍ଷା ଦେବାପାଇଁ ଚାହେଁ, ତେବେ ଏହି ଆଶଙ୍କା ଉପରେ ଅଧିକ ସନ୍ଦେହ ନାହିଁ । କେବଳ ଆମେରିକା ନୁହେଁ, ଚୀନ୍ ମଧ୍ୟ ନିଜର ଏସୀୟ ପ୍ରତିଦ୍ୱନ୍ଦ୍ୱୀ ଭାରତକୁ ଲଦାଖ ସୀମାରେ କରୋନା ଜୀବାଣୁ ଆକାରରେ ଏକ ଅଦୃଶ୍ୟ ଯୁଦ୍ଧରେ ଜଡିତ ରଖିବାକୁ ଚାହୁଁଛି । କିନ୍ତୁ ଚୀନ୍ ଏସବୁ କେଉଁଠୁ ଆରମ୍ଭ କଲା ପ୍ରଶ୍ନର ଉତ୍ତରରେ କେବଳ ଉହାନରେ ଲାବୋରେଟୋରୀକୁ ଦେଖାଯାଇଛି । ଚୀନ୍ କ'ଣ ସତ କହିବ ? ଉଲ୍ଲେଖଥାଉ କି, ଚୀନ୍ ଦ୍ୱାରା ଏହା ନିଶ୍ଚିତ ହେବା ଆବଶ୍ୟକ ଯେ ଏହି ଜୀବାଣୁ ୱୁହାନ୍ ତାଜା ସାମୁଦ୍ରିକ ଖାଦ୍ୟ ବଜାରରୁ ଉତ୍ପନ୍ନ ହୋଇଥିଲା ଏବଂ ଏହାର ଉତ୍ପତ୍ତି ହେଉଛି ବ୍ୟାଟ୍ସ ଏବଂ ସାପର ମାଂସରୁ ପ୍ରସ୍ତୁତ ଏକ ଖାଦ୍ୟ କିମ୍ବା ଉହାନର ସେହି ଲାବୋରେଟୋରୀ (ପ୍ରୟୋଗଶାଳା)ର କିଛି ଅବଦାନ ରହିଛି । ବିପଜ୍ଜନକ ଜୀବାଣୁରେ ବ୍ୟବହୃତ ହୁଏ । କିନ୍ତୁ ୱୁହାନର ଏକ ବାୟୋ ଲ୍ୟାବ ପି. ଫୋର୍ ବିଷୟରେ ବିଶ୍ୱବ୍ୟାପୀ ସନ୍ଦେହର ଆଉ ଏକ କାରଣ ଅଛି । ଦାବି କରାଯାଇଛି ଯେ ଯେତେବେଳେ ନିଉମୋନିଆର ପ୍ରଥମ ମାମଲା ଉହାନରେ ଦେଖାଗଲା, ସେତେବେଳେ ଏହାର କିଛି ଦିନ ପୂର୍ବରୁ ଚୀନ୍‌ର ଉପରାଷ୍ଟ୍ରପତି ୱାଙ୍ଗ କିଶାନ ଚୁପଚାପ୍ ସେଠାରେ ପହଞ୍ଚିଥିଲେ । ଜୈବିକ ଅସ୍ତ୍ର ଯୋଜନାର ଅଗ୍ରଗତି ଦେଖିବାକୁ ୱାଙ୍ଗ ସେଠାରେ ଉପସ୍ଥିତ ଥିବା ଦାବି କରାଯାଇଛି ।

ଏହି ପରିପ୍ରେକ୍ଷୀରେ, ଜୈବିକ ଅସ୍ତ୍ର/ ଜୈବିକ ବୋରଫେଭର ଉପରେ ଅଧ୍ୟୟନ କରାଯାଇଛି । ଇସ୍ରାଏଲର ଜଣେ ପୂର୍ବତନ ସାମରିକ ଗୁପ୍ତଚର ଅଧିକାରୀ ଦାବି କରିଛନ୍ତି ଯେ ଚୀନ୍‌ର ନିଜସ୍ୱ ଲ୍ୟାବରେ କରୋନା ଜୀବାଣୁ ପ୍ରସ୍ତୁତ ହୋଇଛି । କେତେକ ବିଶେଷଜ୍ଞ ମଧ୍ୟ ଆଶଙ୍କା କରୁଛନ୍ତି ଯେ ଚୀନ୍ ଜାଣିଶୁଣି କରୋନା ଜୀବାଣୁ ଲିକ୍ କରୁଛି । କିନ୍ତୁ ଏହି ଲିକେଜ୍ ଦ୍ୱାରା ହୋଇଥିବା କ୍ଷୟକ୍ଷତି ବିଷୟରେ ସେମାନଙ୍କର କୌଣସି ଧାରଣା ନାହିଁ, ତେଣୁ ଚୀନ୍ ବର୍ତ୍ତମାନ ସମଗ୍ର ମାମଲାକୁ ଘୋଡାଇବାକୁ ଚେଷ୍ଟା କରୁଛି ଏହା ନିଃସନ୍ଦେହ...!!!

ଉ+ ଓଡିଆ ଭାଷା ଓ
ସାହିତ୍ୟ ବିଭାଗୀୟ ମୁଖ୍ୟ
ମହାନଦୀବିହାର ମହିଳା
ସ୍ନାତକ ମହାବିଦ୍ୟାଳୟ, କଟକ -୪
ମୋ: ୯୦୪୦୧୫୧୪୭୫

## କବିତା କୋଣାର୍କ

### ଉଦ୍ଧାରକର ସଂସାରକୁ...

ଦୁଷ୍ମନ୍ତ ବେହେରା



ଦୁଃଖୀ ଟିଏ କଲ ଜଗବନ୍ଧୁ ଜଗତବନ୍ଧୁ
ଦୁଃଖ ଦେଖି କି ହସୁଛ
ମୋ ଜୀବ ଜୀବନ ଆସୁଛି ଯାଉଛି
ତୁମେ କି ବୁଝିବ କଷ୍ଟ !!

ଜନମ ଦେଲୁ ରେ ଲୁହବି ଦେଲୁରେ
ଭସେଇ ଦେଲୁ ସଂସାରେ
ମୁଁ ଏଡେ ହୀନିମାନ ପ୍ରାଣୀ ଟିଏ ହାତ
ଯୋଡି କି ମାଗେ ଉଦ୍ଧାର !!

ଦୁଃଖୀ ଭକ୍ତ ଟିଏ ଡାକୁଛି ତତେରେ
ସଂସାର କୁ ଉଦ୍ଧାର କର
ଶୁଭୁନାହିଁ କି ବନ୍ଧୁ ଦେଉଳେ ବସିଛୁ
ସଂସାର ଦୁଃଖ ଶୁଭେ ନାହିଁ !!

ମୁଁ ଏମିତି ହାତ ପତାଉଥିବି ଦୁନିଆରେ
ଦୁଃଖ ହେଉ ନାହିଁ ତତେ
ସଂସାର ଦୁଃଖ ରେ ହସୁଛୁ ଜଗବନ୍ଧୁ
ବଡ ଦେଉଳ ରେ ବସି !!

ମୋର ଧନ ଜନ ଲୋଡା ନାହିଁ ରେ
ବିପଦ ରୁ ଉଦ୍ଧାର କର
ବଡ ପଣ ନେଇ ବସି ହସିଲେ ଦୁନିଆ
ଦୁଃଖ ରେ ଭାସି ରେ ଯିବ !!

କ'ଣ ହେଲା ବନ୍ଧୁ ଜଗତ ଦୁଃଖ ରେ
ଲୁହ ବହୁଥିବ ତୁମେ
କେମିତି ଯାତ୍ରା କରିବ ଆସଟିକେ
ଦେଉଳରୁ ମାଟି କୁ ଓହ୍ଲାଇ !!

ଜାଣିପାରିବ ଜଗତଜନଙ୍କ ଦିନ
ସରିଯାଏ
ଦୁଃଖ ସରେ ନାହିଁ ଲୁହରେ
ଓଠ ଭିଜୁଥାଏ ଉଦ୍ଧାର କର ଉଦ୍ଧାର
କର
ଜଗବନ୍ଧୁ ଏ ଧରା ଦୁଃଖ ରୁ ......

+ ରାସୋଳ-ମୁଣ୍ଡିଆପଷି
ଢେଙ୍କାନାଳ
ମୋ: ୯୯୩୭୬୫୨୫୦୪

### ମହାଲକ୍ଷ୍ମୀଙ୍କ ଚିଠି...

ରମାକାନ୍ତ ଦାସ



ଆହେ ଲୀଳାମୟ ତୁମେ
ଏକି ଲୀଳା କଲ
ମତେ ଏକା ଛାଡି ତୁମେ
ରଥେ ଚାଲିଗଲ ।।
ବଡଭାଇ ଓ ସୁଭଦ୍ରାଙ୍କୁ
ସାଥେ ନେଇ
ରଥେ ବସି ଚାଲିଗଲ
ମତେ ଛାଡ଼ିଦେଇ ।।
ତୁମ ବିନା ଏ ଶ୍ରୀକ୍ଷେତ୍ର
ଲଗାଇ ଯେ ଶୂନ୍ୟ
କୌଣସି କାର୍ଯ୍ୟରେ ମୋର
ଲାଗେ ନାହିଁ ମନ ।।
ଷାଠିଏପଉଠି ମୁଁ
କା ପାଇଁ ରାନ୍ଧିବି
ରତ୍ନସିଂହାସନ ମୁଁ
କା ପାଇଁ ସଜାଇବି ।।
ମୋ ହାତରନ୍ଧା ମତେ
ସ୍ୱାଦ ଲାଗେ ନାହିଁ
ବଡଖାଉଟିଆ ତୁମେ
ଦୂରେ ଅଛ ରହି ।।
ଝରକା ପାଖରେ ବସି
ଚାହେଁ ବଡଦାଣ୍ଡକୁ
କେବେ ଆସିବ ତୁମେ
ଦେଖିବି ତୁମକୁ ।।
ତୁମ କଥା ଭାବି ଭାବି
ଲୁହ ଯାଏ ଝରି
କେବେ ଫେରିବ ତୁମେ
ଆହେ ଶ୍ରୀ ହରି ।।
ମାଉସୀ ମା ଘରୁ କେବେ
ଫେରିବ ମଣିମା
ଅପେକ୍ଷାରେ ରହିଲି
ତୁମ ପ୍ରିୟତମା ।।

+ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର
ମୋ : ୯୬୬୮୮୧୫୩୬୯







କାର୍ତ୍ତିକ ସାଇଁ

## ମିନା ଅପାଙ୍କ ରାମାୟଣ ଟୁଙ୍ଗି (୫)

# ସୂର୍ଯ୍ୟବଂଶ ଓ ତ୍ରିଶଙ୍କୁଙ୍କ କଥା



(ପୂର୍ବ ପ୍ରକାଶିତ ଉତ୍ତାରୁ)

ପିଲାମାନେ ରାମାୟଣ କଥା ଶୁଣିବାକୁ ପାଠାଗାରାରେ ପହଂଚି ଯାଇଥିଲେ। ମିନା ଅପା ବି ଠିକ୍ ସମୟରେ ସେଠାରେ ପହଂଚିଗଲେ। ସଂଗେ ସଂଗେ ରାମାୟଣ କଥା ଆରମ୍ଭ ହେଲା।

ପ୍ରଥମେ ମିନାଅପା ସୁଯୋଗ ଦେଲେ ପିଲାଙ୍କୁ- କିଛି ପ୍ରଶ୍ନ ଅଛିତ ପଚାର। ମାତ୍ର ସେଦିନ କାହାର କିଛି ପ୍ରଶ୍ନ ନଥିଲା। ସମସ୍ତେ ସୂର୍ଯ୍ୟବଂଶର ରାଜାଙ୍କ କଥା ଶୁଣିବାକୁ ଆଗ୍ରହୀ ଥିଲେ।

ମିନା ଅପା ତାଙ୍କ କଥା ଆରମ୍ଭ କଲେ।

ପିଲାମାନେ, ରାମଙ୍କ କଥା ଆରମ୍ଭ କରିବା ଆଗରୁ ଆମେ ତାଙ୍କ ବଂଶଧରଙ୍କ କଥା ଜାଣିବା ଦରକାର। ଆମ ପୁରାଣ ଓ ଶାସ୍ତ୍ର ବହୁତ ଆଗରୁ ଲେଖା ହୋଇଛି। ଇତିହାସ ତ ଏଇ ଦୁଇ ହଜାର ବର୍ଷର କଥା କୁହେ। ପୁରାଣ ହଜାର ହଜାର ବର୍ଷ ତଳର କାହାଣୀ କୁହେ। ଇତିହାସରେ ଆମେ ରାଜା ରାଜୁଡ଼ାଙ୍କ କଥା ପଢ଼ିଲା ବେଳେ ତାଙ୍କ ବଂଶ ବିବରଣୀ ପଢୁ। ଠିକ୍ ସେହିପରି ପୁରାଣରେ ଯାହା ବହୁତ ଆଗରୁ ଲେଖା ହୋଇଛି। ରାଜା, ମୁନି ଋଷି ଓ ମହାପୁରୁଷ, ଭଗବାନଙ୍କ ଅବତାରଙ୍କ କଥା ସହିତ ସେମାନଙ୍କ ବଂଶ ବିବରଣୀ ମଧ୍ୟ ପଢ଼ିବାକୁ ମିଳେ।

ପୁରାଣ ଅନୁସାରେ ମନୁ ଥିଲେ ସୂର୍ଯ୍ୟଙ୍କ ପୁତ୍ର। ମନୁ ପ୍ରଜା ସୃଷ୍ଟି କରିଥିଲେ ଯାହାଙ୍କୁ ମାନବ କୁହାଗଲା। ସେ ସମୟରେ ମଣିଷମାନେ ହଜାର ହଜାର ବର୍ଷ ବଂଚୁଥିଲେ। ମନୁଙ୍କ ପୁତ୍ର ଥିଲେ ଇକ୍ଷାକୁ। ଇକ୍ଷାକୁ ଅଯୋଧ୍ୟାର ପ୍ରଥମ ରାଜା ଥିଲେ। ସୂର୍ଯ୍ୟବଂଶକୁ ଇକ୍ଷାକୁ ବଂଶ ବୋଲି କିଛି ପୁରାଣକାର କୁହନ୍ତି।

ପିଲାମାନେ, ସେଇ ବଂଶର ଜଣେ ରାଜା ଥିଲେ ତ୍ରିଶଂକୁ। ତ୍ରିଶଂକୁ ବଳିଷ୍ଠ ରାଜା ପୃଥୁଙ୍କ ପୁତ୍ର ଥିଲେ।

ପୁରାଣ ଅନୁସାରେ ପୃଥୁଙ୍କ ଆଗରୁ ପୃଥିବୀ ମଣିଷଙ୍କୁ ଫଳମୂଳ ଓ ଅନ୍ୟାନ୍ୟ ଖାଦ୍ୟ ପଦାର୍ଥ ଦେଉନଥିଲା। ପୃଥୁଙ୍କ ପ୍ରଚେଷ୍ଟା ଫଳରେ ପୃଥିବୀ ଶସ୍ୟ, ଫଳମୂଳ ଆଦି ହେଲା। ସେଥିଲାଗି ଏହାର ନାମ ପୃଥିବୀ।

ଆମେ ଏବେ ପୃଥୁଙ୍କ ପୁତ୍ର ତ୍ରିଶଂକୁଙ୍କ ଚମତ୍କାର କଥା ଶୁଣିବା।

ତ୍ରିଶଂକୁ ଅଯୋଧ୍ୟାର ରାଜା ହେଲେ। ତାଙ୍କ ମନକୁ ଗୋଟେ ବିଚିତ୍ର ଚିନ୍ତା ଆସିଲା। ସେ ସ୍ୱଦେହରେ ସ୍ୱର୍ଗକୁ ଯିବାକଥା ଚିନ୍ତା କଲେ। ସେଥିଲାଗି ସେ ତାଙ୍କ କୁଳଗୁରୁ ବଶିଷ୍ଠଙ୍କ ପାଖକୁ ଗଲେ ଓ ପ୍ରାର୍ଥନା କଲେ- ହେ ଗୁରୁ ଶ୍ରେଷ୍ଠ, ଆପଣ ଏପରି କିଛି ଯଜ୍ଞ କରନ୍ତୁ ଯାହା ଦ୍ୱାରା ମୁଁ ସ୍ୱଦେହରେ ସ୍ୱର୍ଗକୁ ଯାଇପାରିବି।

ତାଙ୍କ କଥା ଶୁଣି ବଶିଷ୍ଠ ଆଶ୍ଚର୍ଯ୍ୟ ହେଲେ ଓ ତ୍ରିଶଙ୍କୁଙ୍କୁ ବୁଝାଇଲେ- ହେ ରାଜନ, ମଣିଷ ପାଇଁ ଏହା ସମ୍ଭବ ନୁହେଁ। ତେଣୁ ଏଥିରୁ କ୍ଷାନ୍ତ ହୁଅ।

କୁଳଗୁରୁ ବଶିଷ୍ଠଙ୍କ କଥା ତ୍ରିଶଙ୍କୁଙ୍କ ମନକୁ ପାଇଲାନି। ସେ ବଶିଷ୍ଠଙ୍କ ପୁତ୍ରମାନଙ୍କୁ ଅନୁରୋଧଦ କଲେ- ଆପଣମାନେ କିଛି କରନ୍ତୁ। ତ୍ରିଶଙ୍କୁଙ୍କ ଅନୁରୋଧରେ ବଶିଷ୍ଠଙ୍କ ପୁତ୍ରମାନେ ରାଗିଗଲେ ଓ କହିଲେ ହେ ପାପୀ ରାଜା- ତମେ ତମ ଗୁରୁଙ୍କ କଥାକୁ ଅବଜ୍ଞା କରୁଛ। ତୁମେ ଚାଣ୍ଡାଳ ହୋଇଯାଅ।

ମୁନିପୁତ୍ର ମାନଙ୍କ ଅଭିଶାପ ପାଇ ତ୍ରିଶଙ୍କୁ ଚଣ୍ଡାଳ ହୋଇ ବଣ ଜଂଗଲରେ ବୁଲିଲେ। ସେ ଥରେ ବିଶ୍ୱାମିତ୍ର ଋଷିଙ୍କ ଆଶ୍ରମରେ ପହଂଚିଲେ। ବିଶ୍ୱାମିତ୍ର ତାଙ୍କୁ ଦେଖି ଚିହ୍ନି ପାରିଲେ ଓ ତାଙ୍କ ଅବସ୍ଥାର କାରଣ ଜାଣି ପାରିଲେ। ତ୍ରିଶଂକୁ ଦୁଃଖରେ ତାଙ୍କ କାହାଣୀ କହିଲେ।

ବିଶ୍ୱାମିତ୍ର ଓ ବଶିଷ୍ଠଙ୍କ ମଧ୍ୟରେ ବିଭିନ୍ନ କାରଣରୁ ଶତ୍ରୁତା ଥିଲା ଓ ସେମାନେ ପରସ୍ପରଠାରୁ ଦୂରେଇ ରହୁଥିଲେ। ବିଶ୍ୱାମିତ୍ର ବେଶି ପ୍ରତିଯୋଗୀ ଥିଲେ। ତେଣୁ ସବୁ କ୍ଷେତ୍ରରେ ସେ ନିଜର ଶ୍ରେଷ୍ଠତ୍ୱ ପ୍ରତିଷ୍ଠା କରିବା ଚାହୁଁଥିଲେ।

ତ୍ରିଶଂକୁଙ୍କୁ ସ୍ୱଦେହରେ ସ୍ୱର୍ଗକୁ ଯିବାକୁ ବାରଣ କଲେ ବଶିଷ୍ଠ। ବିଶ୍ୱାମିତ୍ର କହିଲେ ସେ ତ୍ରିଶଙ୍କୁଙ୍କ ଲାଗି ଯଜ୍ଞ କରିବେ ଓ ତାଙ୍କୁ ସ୍ୱଦେହରେ ସ୍ୱର୍ଗକୁ ପଠାଇବେ। ତ୍ରିଂଶଙ୍କୁ ବହୁତ ଖୁସି ହେଲେ। ବିଶ୍ୱାମିତ୍ର ଋଷିଙ୍କ ଏକା ଜିଦ୍- ସେ ଯଜ୍ଞ କରି ତ୍ରିଶଂକୁଙ୍କୁ ସ୍ୱର୍ଗକୁ ପଠାଇ ବଶିଷ୍ଠଙ୍କୁ ଏ କଥା ଜଣେଇ ଦେବେ ଯେ ସେ ଯାହା ନକରି ପାରିବେ, ବିଶ୍ୱାମିତ୍ର ତା କରି ପାରିବେ। ବିଶ୍ୱାମିତ୍ରଙ୍କ ଅହମିକା ତାଙ୍କ ଠିକ୍ ବିଚାର ନେବାରେ ସାହାଯ୍ୟ କରୁ ନଥିଲା।

ବିଶ୍ୱାମିତ୍ର ଋଷି ସଙ୍ଗେ ସଙ୍ଗେ ନିଜ ପୁତ୍ର ଓ ଶିଷ୍ୟମାନଙ୍କ ଯଜ୍ଞ କାମରେ ଲଗେଇ ଦେଲେ। ବିଭିନ୍ନ ଆଶ୍ରମରୁ ମୁନି ଋଷି ମାନଙ୍କୁ ନିମନ୍ତ୍ରଣ ଦିଆଗଲା। ସେ ସମୟରେ ସବୁ ମୁନି ଋଷି ବିଶ୍ୱାମିତ୍ରଙ୍କ କୋପ କଥା ଜାଣିଥିଲେ। ତେଣୁ ଅନେକ ଋଷି ଡରି କରି ଯଜ୍ଞ ଲାଗି ଆସି ବିଶ୍ୱାମିତ୍ରଙ୍କ ଆଶ୍ରମରେ ପହଂଚିଲେ।

ବିଶ୍ୱାମିତ୍ର ଋଷିଙ୍କ ଆଶ୍ରମରେ ଯଜ୍ଞ ଆରମ୍ଭ ହେଲା।

ନିଜ ତପ ବଳରେ ବିଶ୍ୱାମିତ୍ର ଋଷି ରାଜା ତ୍ରିଂଶକୁଙ୍କୁ ସ୍ୱର୍ଗକୁ ପଠାଇବା ଆରମ୍ଭ କଲେ। ତ୍ରିଶଂକୁ ସ୍ୱଦେହରେ ସ୍ୱର୍ଗକୁ ଯାତ୍ରା ଆରମ୍ଭ କଲେ।

ଏ ସବୁ କଥା ଦେବତା ଓ ତାଙ୍କ ରାଜା ଇନ୍ଦ୍ର ଦେଖିଲେ। ଜଣେ ମାନବ ସ୍ୱଦେହରେ ସ୍ୱର୍ଗରେ ପ୍ରବେଶ କରିବ- ଏକଥା ସେମାନଙ୍କ ପାଇଁ ଗ୍ରହଣୀୟ ନଥିଲା। ତେଣୁ ଇନ୍ଦ୍ର ସଂଗେ ସଂଗେ ନିଜ ଶକ୍ତିର ପ୍ରୟୋଗ କଲେ ଓ ତ୍ରିଶଂକୁଙ୍କ ପୃଥିବୀ ଆଡ଼କୁ ଫେରାଇ ଦେଲେ। ତ୍ରିଶଂକୁଙ୍କ ମୁଣ୍ଡ ପୃଥିବୀ ଆଡ଼କୁ ଥିଲା ଓ ଗୋଡ଼ ସ୍ୱର୍ଗ ଆଡ଼କୁ। ତ୍ରିଶଂକୁ ବିକଳରେ ଚିତ୍କାର କରି ବିଶ୍ୱାମିତ୍ରଙ୍କୁ ତାଙ୍କ ପତନ କଥା କହିଲେ।

ବିଶ୍ୱାମିତ୍ର ତ୍ରିଶଂକଙ୍କୁ ଆଉ ଉପରକୁ ନେଇ ପାରିଲେନି, ମାତ୍ର ନିଜର ତପ ବଳର ପ୍ରୟୋଗ କରି ତାଙ୍କ ସ୍ୱର୍ଗ ଓ ପୃଥିବୀର ମଝି ମଝିଆ ଜାଗାରେ ରଖିଲେ ଯାହକୁ ତ୍ରିଶଂକୁଙ୍କ ସ୍ୱର୍ଗ ବୋଲି କୁହାଯାଏ। ବିଶ୍ୱାମିତ୍ର ନିଜ ଶକ୍ତିର ପ୍ରୟୋଗ କରି ଆଉ ଏକ ସୃଷ୍ଟିର ସର୍ଜନା କଲେ ଓ ସେଠାରେ ତ୍ରିଶଂକୁ ସ୍ୱଦେହରେ ରହିଲେ।

ପିଲାମାନେ, ଆଜିକାଲି ଆମର ମହାକାଶ ଷ୍ଟେସନ ବା ସ୍ପେସ୍ ଷ୍ଟେସିନ ଥିବା କଥା ଜାଣିଥିବ। ଯେଉଁଠି ମହାକାଶ ଯାତ୍ରୀମାନେ ରହି ଗବେଷଣା କରୁଛନ୍ତି। ସେ ସବୁ ବି ଠିକ୍ ତ୍ରିଶଂକୁଙ୍କ ସ୍ୱର୍ଗ ପରି। ସମୟ ହୋଇଯାଇଥିଲା। ପିଲାମାନେ ମିନା ଅପାଙ୍କୁ ଧନ୍ୟବାଦ ଦେଇ ଘରକୁ ଫେରିଥିଲେ।

(କ୍ରମଶଃ)

+ମୋ: ୯୯୮୦୩୦୦୭୫୧

---

ପିଲାଙ୍କ ଉପନ୍ୟାସ : ଭାଗ-୧୨

ପୀତାମ୍ବରୀ ଦାଶ

# ପାଗଳାବାବାଙ୍କ ଟାଇମ୍ ମେସିନ୍



(ପୂର୍ବ ପ୍ରକାଶିତ ଉତ୍ତାରୁ)

ଭୟରେ ସେ ଗୋଟାପଣ ଥରୁଥିଲା। ଶୀଘ୍ର ଜାଗା ଛାଡି ଚାଲିଯିବାକୁ ମନୀଷକୁ ଅନୁରୋଧ କଲା। ମାତ୍ର ମନୀଷ ତାକୁ ଆଶ୍ୱାସନା ଦେଇ କହିଲା - ଦେଖ୍ ସୋମୁ ତୁ ମିଛଟାରେ ଡରୁଛୁ। ଲୋକଙ୍କ କଥା ତତେ ଡରାଉଛି। ଏଇଟା ଭୂତପ୍ରେତ କି ତନ୍ତ୍ରମନ୍ତ୍ର ସ୍ଥାନ ନୁହେଁ। ଏଇଟା ଗୋଟେ ଗବେଷଣାଗାର, ରିସର୍ଚ୍ଚ ସେଂଟର। ଆମ ସ୍କୁଲ ବିଜ୍ଞାନାଗାର ଦେଖିଚୁ ନା...- ସେମିତିକା। ପାଗଳାବାବା ନାହାନ୍ତି ଆମେ ତାଙ୍କ ଗବେଷଣାଗାର ବୁଲି ଦେଖିବା, ବହୁତ୍ କଥା ବି ଜାଣିବା। କୌଣସି ଜିନିଷ ଏପଟ ସେପଟ କରିବାନି କି ନଷ୍ଟ କରିବାନି। ଆମେ ଭିତରକୁ ଆସିଛେ ବୋଲି କିଏ କାଇଁ ଜାଣିବ-।

ସୋମୁ ଖୁବ୍ ଡରକୁଳା ସ୍ୱଭାବର ପିଲା। ତା'ର ଭିତରକୁ ଯିବାର ଇଚ୍ଛାନଥିଲେ ବି ସେ ମନିଷୀର କଥା କାଟିପାରିଲାନାହିଁ ସେ ତା ସାଙ୍ଗକୁ ଭଲ ଭାବରେ ଜାଣେ। ସେ ନ ଗଲେ ବି ମନୀଷ ଏକା ଯିବ। ଭିତରେ ତା ସାଙ୍ଗର ଯଦି କିଛି ଅସୁବିଧା ହେବ ...ନା ନା ଡର ଲାଗୁପଛେ ସେ ତା' ସହ ଯିବ। ମନେମନେ ଏ କଥା ଚିନ୍ତା କରି ସୋମୁ ଝରକା ପାଖକୁ ଗଲା। ସେତେବେଳକୁ ମନୀଷ ଝରକା ଉପରକୁ ଚଢି ଯାଇଥିଲା। ସୋମୁଠାରୁ ସେ ଖୁବ୍ ଡେଙ୍ଗା ଥିଲା। ଏଣୁ ତାକୁ ଚଢିବାକୁ ଅସୁବିଧା ହେଲାନି। ସୋମୁ ତ ଗେଡା ପିଲା। ସେ ଚେଷ୍ଟା କରି ବି ଚଢିପାରୁ ନ ଥାଏ। ମନୀଷ ଭିତରକୁ ଯାଇ ଏକ ଟେବୁଲ୍ ଟାଣିଟାଣି ଆଣି ଝରକା କଡରେ ପକାଇଲା। ତା' ଉପରେ ଛିଡାହୋଇ ସୋମୁର ହାତ ଧରିଉଠାଇଲା ବହୁକଷ୍ଟରେ ସେ ତାକୁ ଭିତରକୁ ନେଲା।

ଭିତରର ଦୃଶ୍ୟ ଦେଖି ଦୁହେଁ ଆଶ୍ଚର୍ଯ୍ୟ ହୋଇଗଲେ। ସାଧାରଣତଃ ଗବେଷଣାଗାରରେ ଯେଉଁ ଯନ୍ତ୍ରପାତି, ରାସାୟନିକ ତରଳ ପଦାର୍ଥ ଥାଏ ତାହା ସେଠାରେ ଥିଲା। କିନ୍ତୁ କାନ୍ଥସାରା ଅନେକ ଛୋଟବଡ ବିଚିତ୍ର ଘଂଟା ଲାଗିଥିଲା ଏକ ଅଦ୍ଭୁତ ଯାନ ପାଖରେ ଯାଇ ସେ ଦୁହେଁ ପହଚିଂଲେ, ଯାହା ଉପରେ କାଚର ଏକ ଗୋଲାକାର କଭର୍ ଥିଲା। ଯାନଟିର ଓସାର ପ୍ରାୟ ୪ ମିଟର ଆଉ ଲମ୍ବ ୬ ମିଟର ଥିଲା। ପ୍ରାୟତଃ ଛୋଟ ହେଲିକପ୍ଟର ପରି ଦିଶୁଥିଲା। ପଛ ପଟଠାରୁ ଆଗ ପଟଟା ଖୁବ୍ ଓସାର ଥିଲା। କାର୍‌ର ଷ୍ଟିଅରିଙ୍ଗ୍ ଥିଲା ପରି ଏହାଭିତରେ ବିରାଟ ଘଂଟାଟିଏ ଥିଲା। ସେହି ଘଂଟା ଭିତରେ ଅନେକ ଛୋଟଛୋଟ ଘଂଟା ଖା ହୋଇଥିଲା। ପ୍ରତି ଘଂଟା ମଝିରେ ବିଭିନ୍ନ ରଙ୍ଗର ସୁଇଚ୍ ଲାଗିଥିଲା ଘଂଟାପାଖକୁ ଗୋଟେ ବଡ ସିଟ୍ ଥିଲା; ଜଣେ ବସିଲା ଭଳି।

ମନୀଷ ଯାନଟିକୁ ନିରୀକ୍ଷଣ କରିକରି ଖୁସିରେ ଚିତ୍କାର କରିଉଠିଲା। ସୋମୁ ବିକଳରେ ତା'ପାଟିରେ ହାତ ଦେଇଦେଲା। ତା'ପାଟି ବାହାରକୁ ଶୁଣାଗଲେ ଅନର୍ଥ ଘଟିବ। ମନୀଷ ବି ସଚେତନ ହୋଇଗଲା ସୋମୁ ତାକୁ କହିଲା- ହଁ ଜାଣିପାରୁଛି। ଏଇଟା ଗୋଟେ ଟାଇମ୍ ମେସିନ୍। ଟିଭି ସିରିଅଲରେ ଆମେ ଏମିତିକା ଦେଖିଛେ। ମନୀଷ୍ ଯାନଟିର ଚାରିପଟେ ପୁଣି ଥରେ ବୁଲି ପରଖିଲା। ଏଣେତେଣେ ସୁଇଚ୍‌ରେ ହାତ ମାରି ଟିପାଟିପି କରୁକରୁ କାଚ କଭର୍‌ଟା ଟେକି ହେଇଗଲା; ଯେମିତି ବାୟୁସେନା ଯୁଦ୍ଧ ଯାନର ପାଇଲଟ୍ ବସିବା ସ୍ଥାନର ଢାଙ୍କୁଣି ଟେକି ହେଇଯାଏ। ମନୀଷ ଖୁସିରେ ଆତ୍ମହରା ହୋଇ ତା' ଉପରେ ତା ଉପରେ ଚଢିଯାଇ ସିଟ୍‌ରେ ବସିଗଲା। ସୋମୁକୁ ଡାକ ଛାଡିଲା-ଆରେ ଚଢିଆ। ବସ ମୋ ପାଖରେ। କେମିତି ମଜା ଲାଗୁଛି ଜାଣିବୁ। ସୋମୁକୁ ଖୁବ୍ ଡର ଲାଗୁଥାଏ। ସେ କୁନ୍ଥୁକୁନ୍ଥୁ ହେଉଥାଏ। ମନୀଷ ବିରକ୍ତ ହେଇ କହିଲା - ଧେତ୍ ଡରୁଚୁ କାହିଁକି ? ଆସ୍ ମୁଁ ପରା ଅଛି।

ଜୀବନରେ ଟାଇମ୍‌ମେସିନ୍‌ରେ ବସିବା ତ ସ୍ୱପ୍ନ ଦେଖି ପାରି ନଥାନ୍ତେ। ସୁଯୋଗ ମିଳିଛି ଯେତେବେଳେ ନ ବସିବା କାହିଁକି-। ପାଗଳବାବାଙ୍କୁ ଧନ୍ୟବାଦ ଦେଇ ଚଢିଆ।

ସୋମୁ ମନେମନେ ଚିନ୍ତା କଲା ...ମୁଁ ନ ଚଢିଲେ ବି ଅସୁବିଧା। ଯାନ ଭିତରେ ମନୀଷ ଏକା ବସିଛି। ତା'ଭିତରେ ଯଦି କିଛି ଅସୁବିଧା ହବ ...! ନା-ନା। ଡର ଲାଗିଲେ ବି ମନୀଷକୁ ସେ ଏକା ଛାଡିବନି ମନୀଷ ବିଳମ୍ବ ନକରି ସୋମୁ ଟାଇମ୍ ମେସିନ୍ ମଧ୍ୟକୁ ଚଢିଗଲା।

(କ୍ରମଶଃ)

+ପୁରୋହିତପୁର, ଜଗତସିଂହପୁର
ମୋ:୯୭୭୮୫୨୦୩୭୦

---

କବିତା
ତୁମ ପାଇଁ

## ଦେଖିଲା କୁନା ଗୁଣ୍ଡିଚା ଯାତ

ଧ୍ରୁବ ଚରଣ ବେହେରା

କୁନାର ଜିଦି କଲା ପୁରୀକୁ ଯିବି
କାଳିଆର ରଥ ଯାତ ଦେଖିବି।
ବରଷକେ ଥରେ କଳା ଠାକୁର
ଗମ୍ଭିରି ଭିତରୁ ହେଲେ ବାହାର।
ପହଣ୍ଡି ବିଜୟ କରନ୍ତି ସେହି
କୋଟି ଭକତଙ୍କୁ ପାଶେ ଡକାଇ।
ଦେଖିଲେ ତାହାର ଅପୂର୍ବ ବେଶ
ମନ ଧ୍ୟାନେ ଭକ୍ତି କରଇ ବାସ।
ସେଥି ଲାଗି କୁନା ଉଛନ ହୋଇ
ବାପାଙ୍କ ନିକଟେ ଜିଦି କରଇ।
କୁନା ଜିଦି ଦେଖି ବାପା କହିଲେ
କରୋନା ଆସିଛି ଦେଶକୁ ଭଲେ
ବଡ ମହାମାରୀ ଅଟେ ସେ ରୋଗ
ଗଲେ ବାହାରକୁ ବିପଦ ହେବ।
ସରକାରଙ୍କର ଆଦେଶ ନାହିଁ
ଏକାଳେ ଯିବାଟା ଭଲ ନୁହଇ।
ଏହି ଆଦେଶକୁ ଆମେ ମାନିବା
କରୋନା ରୋଗରୁ ରକ୍ଷା ପାଇବା।
ବାପା ବୁଝାଇକି କହିଲେ କୁନା
ଅଝଟ ଜମା ତୁ ଆଉ ହୁଅନା।
ଟିଭିରେ ଦେଖିବା ଗୁଣ୍ଡିଚା ଯାତ
ବଡ ଦାଣ୍ଡେ ବିଜେ ତିନୋଟି ରଥ।
ବାପାଙ୍କର କଥା କୁନା ମାନିଲା
ଟିଭିରେ ଗୁଣ୍ଡିଚା ଯାତ ଦେଖିଲା।
ଗୁରୁଜନଙ୍କର କଥା ମାନିଲେ
ସୁନା ପିଲା ଆମେ ହେବେବରେ ପିଲେ।

+ଭାରତୀୟ ସାମରିକ ସେନା
ଝାଡଖଣ୍ଡ।
ମୋ:-୮୩୨୮୯୩୦୫୫୪

---

## ପରିବେଶର ଅଙ୍ଗ ପ୍ରତ୍ୟଙ୍ଗ

କୁନା ସେଠୀ



ମଣିଷ ଜୀବନ ଅଟଇ ମହାନ
ଜାଣିଛନ୍ତି ସୁଜ୍ଞଜନ
ବଞ୍ଚି ନ ଜାଣିଲେ ଲାଗଇ ବିରକ୍ତି
ଛଟପଟ ହୁଏ ମନ।
ହାଡ, ରକ୍ତ, ମାଂସ ଶରୀର ଆମର
ପାଣି ପବନ ରେ ଗଢା
ଆମ ଚାରିପାଖ ସଫା ଥିଲେ ପରା
ହୋଇବା ଦୃଢ଼ରେ ଛିଡା।

ମାଟି
ଆମ ପରିବେଶ ପାଦ ଅଟେ ପରା
ଗୁଡ଼ି ମାଟି ବାଲି ପଥର
ଦୂଷିତ ନ ହୋଇ ସୁସ୍ଥ ରହିଥିଲେ
ଫସଲ ଟା ଲାଗେ ମଧୁର।
କର୍ଷଣ କରିଣ ମଣିଷ ତାହାକୁ
ଉପୁଜାଏ ତାର ଫସଲ
ସେହି ଫସଲ ରେ ଜୀବନ ଜୀବିକା
ପାଇଥାଏ ତାର ମୂଳ।

ପାଣି
ପରିବେଶ ଟିର ଅମୃତ ଅଟଇ
ବହୁଥିବା ନୀର ତାର
ସେହି ନୀର ପିଇ ଜୀବ ଗଣ ଯେତେ
ବୋଲାନ୍ତି ନିଜକୁ ବୀର।
ବିଶୁଦ୍ଧ ରହିଲେ ତାହାରି ଜଳ ଯେ
ପରିବେଶ ହସୁଥିବ
ଦୂଷିତ ହୋଇଲେ ସର୍ବ ଜୀବ ଗଣ
ଅକାଳେ ଜୀବନ ଯିବ।

ପବନ
ପରିବେଶ ପ୍ରାଣ ଅଟଇ ପବନ
ବହୁଅଛି ଦେହ ଛୁଇଁ
ଅମ୍ଳଜାନ ସହ କେତେ ବାଷ୍ପ ଧରି
ଚାଲୁଛି ଜୀବନ ଦେଇ।
ଦୂଷିତ ନ ହୋଇ ସୁସ୍ଥ ରହିଥିଲେ
ଜୀବନ ହସିବ ଭାଇ
ପ୍ରଦୂଷିତ ହେଲେ ନର୍କ ହୋଇଯିବ
ଜୀବନ ରୂପକ ନଇ।

ଗଛଲତା
ପରିବେଶ ଦେହ ଅଟଇ ବୃକ୍ଷ ଯେ
ଏକଥା ଜାଣନ୍ତି ଜନେ
ତାହାପାଇଁ ପରା ହସେ ପରିବେଶ
ଛନ ଛନ ଭରା ମନେ।
ବୃକ୍ଷଲତା ବିନା ନାଆଁ ନାହିଁ ତାର
ଏକଥା ହୋଇଛି ଲେଖା
ଯେତେ ଗଛଲତା କୋଳେ ତା ହସିବ
ଜୀବନ ହୋଇବ ରକ୍ଷା।

ପଶୁ ପକ୍ଷୀ
ପରିବେଶ ଟିର ସନ୍ତାନ ଅଟନ୍ତି
ପଶୁପକ୍ଷୀ ପରା ଯେତେ
ତା କୋଳରେ ରହି ଭାରସାମ୍ୟ ଦେଇ
ବୁଲନ୍ତି ଆନନ୍ଦେ କେତେ।
ପଶୁପକ୍ଷୀ ବିନା ସୁନ୍ଦର ଲାଗେନା
ପରିବେଶ ଟିର ଶୋଭା
କେତେ କୋଳାହଳ କେତେ ରଡ଼ି ଦେଇ
ସଜାନ୍ତି ତାହାର ଗଭା।

ଏଇ ପରିବେଶ ଜୀବନକୁ ଆମ
ଗଢ଼ଇ ସୁନ୍ଦର କରି
ଖାଦ୍ୟ ବସ୍ତ୍ର ଆଉ ବାସଗୃହ ନେଇ
ରହିଛୁ ଜୀବନ ଧରି।
ପରିବେଶ ଅଙ୍ଗ ପ୍ରତ୍ୟଙ୍ଗ ଗୁଡ଼ିକ
ରହିଲେ ସତେଜ ହୋଇ
ଜୀବନ ଟା ଆମ ହୋଇବ ସୁନ୍ଦର
ସୁସ୍ଥ ପରିବେଶ ପାଇ।

+ଭୂତସରସିଙ୍ଗି, ଗଞ୍ଜାମ

---

ଦେବେନ୍ଦ୍ର କର

# ସପନପୁରର ଗଦାନନା



ଗାଁଟିର ନାଁ ସପନପୁର। ଗାଁ ମଝିରେ ମାଟିକାନ୍ଥ ଚାଳ ଛପରର ଛୋଟିଏ ସଉଦା ଦେକାନଟିଏ ଗଦାନନାର। ଦୋକାନରେ ସବୁ ଦୁଇ ନମ୍ବର ଜିନଷ। କିଏ କହିଲାଣି ନନା ଦୋକାନର ଡାଲି ଶିଝୁନାହିଁ ତ କିଏ କହିଲାଣି ଚାଉଳରେ ଗୋଡି ତ ପୁଣି କାହାର ସୁଜି ଗମରା ପଡିଲାଣି। ସେଇଥିପାଇଁ ଗାଁ ଟା ଗୋଟାକଯାକ କୁହନ୍ତି ତା ଦୋକାନଟା ଧଇଁଆ। ଅତି ଦରକାର ପଡିଲେ ଗଦାନନା ଦୋକାନ ମାଡନ୍ତି ନହେଲେ ନାହିଁ। ସମସ୍ତଙ୍କର ପସନ୍ଦ ବଜାର ଉପର ମକରା ଦୋକାନ। ଏକନମ୍ବର ଜିନଷ ସୁଲଭ ମୂଲ୍ୟରେ ମିଳେ ଆଉ ଦରକାର ପଡିଲେ ବାକିଆ ରଖେ। ଗଦାନନାର ଦୋକାନରେ ଦୈନିକ ବେପାର ଟଙ୍କା ଶହେ ଛୁଇଁବା ବି କଷ୍ଟ। ଗଦା ପରିବାରରେ ପାଞ୍ଚ ପ୍ରାଣୀ। ବାପା ମା' ସ୍ତ୍ରୀ ଓ ଚାରି ବର୍ଷର ଟିକି ଝିଅଟିଏ। ବାପା ଗାଁ ମନ୍ଦିରରେ ପୂଜକ। ସଂକ୍ରାନ୍ତି ପୁନେଇ ପର୍ବରେ ବାପାଙ୍କର ଭଲ ଦି ପଇସା ହୁଏ। ନହେଲେ ଗଦା ରୋଜଗାରରେ ପରିବାର ଚଳିବା ମୁସ୍କିଲ। ଗଦାନନା ୟା ପୂର୍ବରୁ ସହରର ମନ୍ଦିରେ ପୂଜାପୂଜି କରୁଥିଲା। କଣ ମନ ହେଲା ବାହାଘର ପରେ ସହର ଛାଡି ଗାଁରେ ସଉଦା ଦୋକାନଟେ ଆରମ୍ଭ କଲା। ଭାରି ପରିଶ୍ରମି ଲୋକ ସହଜେ ହାର ମାନିବା ଲୋକ ନୁହନ୍ତି। ଗଦା ସ୍ତ୍ରୀ ଦିନେ ଉପାୟଟିଏ ବତାଇଲା। କେତେ ଦିନ ଆଉ ଏମିତି ପଡିରହିବ ଗୋଟ କାମ କର ସଉଦା ଦୋକାନ ଅଛି ଥାଉ ତା ସାଙ୍ଗକୁ ଚା ଦୋକାନଟେ କର। ମୁଁ ଶୁଣିଚି ଚାହାରେ ଲାଭ ଅଧିକ। ଗଦା ପ୍ରଥମେ ମଙ୍ଗୁ ନଥିଲା ପରେ ରାଜି ହେଇଗଲା। ଜିନିଷ ପତ୍ର ଯୋଗାଡରେ ଲାଗିପଡିଲା। ଆରମ୍ଭ ହେଲା ଚା ବେପାର। ପ୍ରଥମେ ଦିନେ ଦୁଇ ଦିନ ଫାଙ୍କା ପଡିଲା ତାପରେ କାଁ ଭାଁ ଗାଁର କେଇଟା ବେକାରି ଟେକା ପହଞ୍ଚିଲେ। ସେଥିରେ ପୁଣି ଦୁନିଆ କଥା ଉଠେଇଲେ। ମନ ହେଲେ ପଇସା ଦେଲେ ନ ହେଲେ ନାହିଁ। ଲାଭ ବଦଳରେ କ୍ଷତି ବଢିଲା। ଶେଷରେ ଏମିତି ହେଲା ଚା ବେପାର ବନ୍ଦ। ଦିନ ଗଡୁଥାଏ ଗଦାନନାଙ୍କ ଅବସ୍ଥା ସୁଧୁରିବାର ନାଁ ନଉ ନଥାଏ। ଇଆଡେ ଘରେ ସବୁବେଳେ ଅଶାନ୍ତି। ସେଦିନ ଉଦାଶିଆ ମୁହଁରେ ଗଦାନନା ବସିଥାଏ ଦୋକାନରେ। ସପନପୁର ଗାଁ ସରପଞ୍ଚଙ୍କ ସ୍ତ୍ରୀ ଆସିଥିଲେ ତା ଦୋକାନକୁ। କହିଲେ ଗଦା କିରେ ମୁଁ ଏବେ ଶୁଣିଲି କୁଆଡେ ବାତ୍ୟା ହେବ। ଗଦା କହିଲା ମା ମୋ ଜୀବନ ଯାକ ତ ଦୁଃଖ କଷ୍ଟରେ ବିତୁଛି। ଏବେ ଉପରବାଲା ଯାହା ବିଚାର କରିବ ମୁଣ୍ଡପାତି ସହିବି ଆସୁ ବନ୍ୟା କି ବାତ୍ୟା। ଦିହିଁଙ୍କର କଥା ସରିନି ଗାଁରେ ବାତ୍ୟା ସୁରକ୍ଷାପାଇଁ ସରକାରଙ୍କ ପ୍ରଚାର ଗାଡି ବୁଲିଲା। ଲୋକେ ନିତ୍ୟବ୍ୟବହାର୍ଯ୍ୟ ଜିନଷ ସଞ୍ଚିବା ପାଇଁ ତତ୍ପର ହେଲେ। ଅଚାନକ ଗଦାନନା ଦୋକାନକୁ ଲୋକେ ଧାଇଁଆସିଲେ। ଆରମ୍ଭ ହେଇଗଲା ସବୁଆଡେ କଳାବଜାରି। ପାଞ୍ଚ ଟଙ୍କା ଜିନଷ ପଚାଶ ଟଙ୍କାରେ ବିକ୍ରିହେଲା। ଅଟା ଚୁଡା ଗୁଡ ଲଣ୍ଠନ ଦାମ ନକହିଲେ ଭଲ। ଗଦାଦୋକାନରେ ବହୁତ ଦିନରୁ ପଡିଥିବା ପୁରୁଣା ସଉଦା ସବୁ ଖାଲି ହେଇଗଲା। ବାତ୍ୟା ପବନରେ ଗାଁରେ ବିଶେଷ କିଛି କ୍ଷତି ହେଲାନି ସତ କିନ୍ତୁ ଗଦାନନା ବେସ୍ ଦିପଇସା ସାଇତି ଦେଲା। ଗଦା ପରିବାର କିଛି ମାସ ଖୁସିରେ ଚଳିଗଲେ। ବାତ୍ୟା ପରେ ବେପାର ପୁଣି ପୁରୁଣା ଅବସ୍ଥାକୁ ଫେରିଗଲା। ଏଥର ପୁଣି ମାଛି ଘଉଡାଇ ଘଉଡାଇ ଦିନ ବିତିଲା। ଗଦାର ପୁଣି ଚିନ୍ତା ପଡିଲା। ଆଶାକରୁଥାଏ ଆଉ ଗୋଟିଏ ବାତ୍ୟା ହୁଅନ୍ତାକି। ଟିକିଏ ବରଷା ପବନ ହେଲେ ଗଦାନନା ଦୋକାନରୁ ବାହାରିଆସି ଆକାଶକୁ ଚାହିଁରୁହେ। ଦିନ ପରେ ଦିନ ବିତିଲା ଗଦା ବିଚରା ନିରାଶ ହୋଇ ଘରକୁ ଫେରେ।

ଦ୍ୱିପ୍ରହର ସମୟ ଗାଁ ରାସ୍ତା ଏକଦମ୍ ଶୁନ୍‌ଶାନ୍। ଆଖିରେ ଆଖିଏ ସ୍ୱପ୍ନ ନେଇ ଗଦାନନା ବସିଥାଏ ଦୋକାନ ବରଣ୍ଡାରେ। ସବୁଦିନ ଏଇ ସମୟରେ ଘରକୁ ଯାଏ ଖାଇବାକୁ ହେଲେ ଆଜି ମନ ମାନୁନି। ଏତିକିବେଳେ ଗାଁର ନାହାକ ନାରଣ ବୁଢା ସେଇବାଟ ଦେଇ ଯାଉଥିଲା। ଗଦାକୁ ଦେଖି ଅଟକିଗଲା। ପାଖକୁ ମାଡିଆସି କହିଲା କେତେ ଦିନ ଏମିତି ବସିଥିବୁ କିରେ ? ମୋ କଥା ମାନେ ଯା ସହରରେ କିଛି କାମରେ ଲାଗିଯା। ଏଠି ବସିରହିଲେ ଏମିତି ବସିଥିବୁ। ସେଦିନ ଖରାବେଳେ ସ୍ତ୍ରୀ ଖାଇବା ଥାଳି ବାଢିଲା। ଗଦା କହିଲା ମୁଁ ଭାବୁଛି ଏଥର ପରିବା ଦୋକାନ କରିବି। ସ୍ତ୍ରୀ ସଙ୍ଗେ ସଙ୍ଗେ କହିଉଠିଲା ମୁଁ କଣ ବୋକୀ ନାଁ ହୁଣ୍ଡି। ସେଥର ଚା ଦୋକାନ କରିବାକୁ ମୋ କାନଫୁଲ ବନ୍ଧା ପକାଇଲ। ଆଜିଯାଏଁ ତାକୁ ମୁକୁଳେଇ ପାରୁନ। ପାଞ୍ଚ ବରଷ ହେଲାଣି ମୋର ଖଣ୍ଡେ ଶାଢି କରିନ। ରାଗ ତମ୍ ତମ୍ ହେଇ ରୋଷେଇ ଘରକୁ ଯାଉଯାଉ ପୁଣି କହୁଥାଏ ଗୋଟିଏ ବୋଲି ଛୁଆ ତାକୁ ଭଲକି ଗଣ୍ଡେ ଖାଇବାକୁ ପିନ୍ଧିବାକୁ ଦେଇପାରୁନ ଆହୁରି କଥା କହୁଚ। ଗଦା ବିଚରା ତଳକୁ ମୁହଁ କରି ଚୁପ୍ ହେଇ ଶୁଣୁଥିଲା। ଖାଇବା ଥାଳିକୁ କେମିତି ଆଉ ହାତ ଯିବ। ଏତେ କଥାରେ ତା ପେଟ ଭରିଯାଇଥାଏ। ବସିବା ଥାନରୁ ଉଠିପଡି ସଁ ସଁ ହୋଇ ମାଡିଗଲା ଦାଣ୍ଡଆଡକୁ। ଏଇ ସମୟରେ ପଛରୁ ଶୁଭିଲା ଗଦା କିରେ.. ଏ ଗଦା..ଶୁଣୁ ଶୁଣୁ। ଗଦା ଅଟକିଗଲା ତା ସାଙ୍ଗ ପଦନ ଡାକୁଥିଲା। ପଦନ କହିଲା ଆରେ ଶୁଣୁ ବରଷ ତଳେ ଯୋଉ ବାତ୍ୟା ଆସିଥିଲା ସେମିତିଆ ଆଉ ଗୋଟିଏ ଆସୁଛି। ଖୁବ୍ ଯୋରରେ ପବନ ସାଙ୍ଗକୁ ବର୍ଷା ହେବ। ଆଜି ଟିଭି ଦେଖିଲୁଣି ନାଁ ନାହିଁ। ମୁଣ୍ଡ ହଲାଇ ଗଦା ନାଁ କହିଲା। ଯା ତାହେଲ ଟିଭିରେ ଦେଖିବୁ ଘନଘନ ସତର୍କ କରୁଛି। ଲୋକେ ଏବେଠାରୁ ସଜାଗ ହେଲେଣି। ତୋ ଘରପାଇଁ ଯାହା ରଖିବା କଥା ରଖିଦେ ମୁଁ ଚାଲିଲି କହି ପଦନ ଆଗକୁ ବଢିଲା। ଗଦା କଣ କହିବ କଣ ଶୁଣିବ କିଛି ବୁଝି ପାରୁନଥିଲା। ଗଲାଥର ପରି ଏଥର ଆଉ ସୁଯୋଗ ହାତଛଡା କରିବନାହିଁ। ସଙ୍ଗେ ସଙ୍ଗେ ମହାଜାନ ପାଖରୁ ଟଙ୍କା ଉଦ୍ଧାର ନେଇ ଧାଇଁଲା ସହର। ଦୋକାନ ପାଇଁ ନୂଆ ନୂଆ ଏକନମ୍ବର ସଉଦା ସବୁ କିଣିଲା। ଗାଁରେ ନମିଳୁଥିବା ଜରୁରୀ ଘର ଉପକରଣ ଜନିଷ ସବୁ କିଣିଲା। ଦିନ ଗୋଟିଏରେ ଦୋକାନଟା ପୁରିଲା ପୁରିଲା ଦିଶିଲା। ଏପଟେ ବାତ୍ୟା ଆଶଙ୍କାରେ ସଉଦା ନେବାକୁ ଏଠିସେଠି ସବୁଆଡେ ଭିଡଲାଗିଲା। ଗଦାନନା ଦୋକାନରେ ବି ବେପାର ଜମିଲା। ଗଦାନନା ଅଳପ ଲାଭରେ ଜିନିଷ ଦେଲା। ଲୋକ ଖୁସିହେଲେ ପୁଣି ଆସିବାକୁ ଜବାବ ଦେଲେ। ଏଥର କିନ୍ତୁ ବାତ୍ୟା ସପନପୁର ଗାଁକୁ କିଛି ବି କ୍ଷତିକଲାନି। ଏପଟେ ଗଦାନନା ଦୋକାନର ସବୁ ଜିନିଷ ଭଲବୋଲି ସପନପୁର ଗାଁଟା ଯାକ ଚର୍ଚ୍ଚା ଚାଲିଲା। ବେପାର ବଢିବାରୁ ଗଦାନନା ଧୀରେ ଧୀରେ ମହାଜନ ପଇସା ବି ସୁଝିଦେଲା। ଗଦାପରିବାର ଏଥର ହସଖୁସିରେ ଦିନ କାଟିଲେ।

+ମଙ୍ଗଳାବାଗ, ନିୟୋଗି କଲୋନି,
କଟକ-୭,
ଫୋନ୍- ୯୯୩୭୯୬୩୯୧୦

# ମହଙ୍ଗା ଭତ୍ତା ଦାବିରେ ରାଜ୍ୟ ସରକାରୀ କର୍ମଚାରୀ ମାନଙ୍କ ପକ୍ଷରୁ ଜାତୀୟ ପ୍ରତିରୋଧ ଦିବସ ପାଳିତ

ଭୁବନେଶ୍ୱର,୧୬/୭ (ନି.ପ୍ର): ଅଖିଳ ଭାରତ ରାଜ୍ୟ ସରକାରୀ କର୍ମଚାରୀ ମହାସଂଘ ଆହ୍ୱାନରେ ଜୁଲାଇ ୧୫ ତାରିଖ ଦେଶବ୍ୟାପୀ 'ଜାତୀୟ ପ୍ରତିରୋଧ ଦିବସ'କୁ ଓଡ଼ିଶାରେ 'ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି' ନେତୃତ୍ୱରେ ପାଳନ କରାଯାଇଉ। ଏହାସହ ମୁଖ୍ୟମନ୍ତ୍ରୀଙ୍କୁ ୩ କିସ୍ତି ମହଙ୍ଗା ଭତା ନଗଦ ଆକାରରେ ପ୍ରଦାନ କରିବାକୁ ଦାବି କରି ରାଜ୍ୟର ବିଭିନ୍ନ ଜିଲ୍ଲାପାଳଙ୍କ ମାଧ୍ୟମରେ ସ୍ମାରକପତ୍ର ଦିଆଯାଇଛି ବୋଲି ସମନ୍ୱୟ ସମିତିର ସଭାପତି ଲିଙ୍ଗରାଜ ମହାନ୍ତି, ସାଧାରଣ ସମ୍ପାଦକ ନରୋତମ ପାର୍ଥସାରଥୀ, ହେଡ୍‌କ୍ୱାର୍ଟର ସମ୍ପାଦକ କାହ୍ନୁଚରଣ ମଲ୍ଲିକ ଏକ ପ୍ରେସ୍ ନୋଟରେ ପ୍ରକାଶ କରିଛନ୍ତି। କୋଭିଡ଼ ମହାମାରୀର ଆଳ ନେଇ କେନ୍ଦ୍ର ସରକାର ଓ ଓଡ଼ିଶା ରାଜ୍ୟ ସରକାର କର୍ମଚାରୀଙ୍କ ନ୍ୟାର୍ଯ୍ୟ ପ୍ରାପ୍ୟ ୨୦୨୦ ଜାନୁୟାରୀ ଠାରୁ ୨୦୨୧ ଜୁଲାଇ ପର୍ଯ୍ୟନ୍ତ ୧୮ ମାସର ୩ କିସ୍ତି ମହଙ୍ଗା ଭତା ଦିଆଯାଇନାହିଁ। ଏହି ୧୮ ମାସ ମଧ୍ୟରେ ପେଟ୍ରୋଲ, ଡ଼ିଜେଲ, ରନ୍ଧନଗ୍ୟାସ୍, ଔଷଧ, ଖାଇବା ତେଲ ଠାରୁ ଆରମ୍ଭ କରି ପ୍ରତିଟି ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥର ମୂଲ୍ୟ ବୃଦ୍ଧି ଯୋଗୁ ପ୍ରକୃତ ଦରମାର ମୂଲ୍ୟ ହ୍ରାସ ହୋଇ ଚାଲିଛି। କରୋନା ମହାମାରୀ ସମୟରେ ସରକାରଙ୍କ ସମସ୍ତ କାର୍ଯ୍ୟ ଓ ଯୋଜନାଗୁଡ଼ିକ ଚାଲୁ ରହିଛି। କର୍ମଚାରୀ ଓ ଶିକ୍ଷକମାନଙ୍କ କାର୍ଯ୍ୟର ଗୁରୁତ୍ୱକୁ ବିଚାର କରି ଅବିଳମ୍ବେ ୩ କିସ୍ତି ମହଙ୍ଗା ଭତା ଘୋଷଣା କରିବାକୁ ଦାବି କରି ଆଜି ରାଜ୍ୟ ସରକାରୀ କର୍ମଚାରୀ ପକ୍ଷରୁ ବ୍ରହ୍ମପୁର, କୋରାପୁଟ, ଭୁବନେଶ୍ୱର, ସମ୍ବଲପୁର, ଢେଙ୍କାନାଳ, କେନ୍ଦୁଝର ଓ କଟକ ସମେତ ବହୁ ଜିଲ୍ଲାରେ ସ୍ମାରକପତ୍ର ଦିଆଯାଇଛି। ଏଥିସହିତ ଖୋର୍ଦ୍ଧା ଜିଲ୍ଲା ଭୁବନେଶ୍ୱର ଶାଖା ତରଫରୁ ସଭାପତି ଅକ୍ଷୟ କୁମାର ଜେନା, ସମ୍ପାଦକ କାହ୍ନୁ ଚରଣ ମଲ୍ଲିକ ଓ ଉପଦେଷ୍ଟା କ୍ଷେତ୍ରମୋହନ ଦାସ ଓ ଅନ୍ୟାନ୍ୟ ସହକର୍ମୀଙ୍କ ସହିତ ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରିଥିଲେ।

# ମୁମୂର୍ଷ ଅବସ୍ଥାରେ ଅଣଓଡ଼ିଆ ବ୍ୟକ୍ତି ଉଦ୍ଧାର

## ପଚି ଯାଇଥିବା ଗୋଡ଼କୁ ପରିଷ୍କାର କଲେ ସାମାଜିକ କର୍ମୀ

ଭୁବନେଶ୍ୱର,୧୬/୭ (ନି.ପ୍ର): ବୟସ ପାଖାପାଖି ୫୦ ହେବ। ରାସ୍ତାକଡ଼ରେ ବ୍ୟକ୍ତିଜଣକ ପଡ଼ି ରହି ଯନ୍ତ୍ରଣାରେ କଲବଲ ହେଉଥାନ୍ତି। ବ୍ୟକ୍ତିଜଣଙ୍କର ଡ଼ାହାଣପଟ ଗୋଡ଼ଟି ପଚି ଯାଇଥିଲା। କ୍ଷତସ୍ଥାନକୁ ଗ୍ରିପଟୁ ମାଛିମାନେ ବେଢି ରହିଥାନ୍ତି। କ୍ଷତସ୍ଥାନଟି ପଚି ଯାଇଥିବାରୁ ଦୁର୍ଗନ୍ଧ ବି ବାହାରୁଥାଏ। ଆତଯାତ କରୁଥିବା ଲୋକମାନେ ନାକରେ ରୁମାଲ ଦେଇ ଯେଝା ବାଟ କାଟି ଗ୍ଳିଯାଉଥାନ୍ତି। କେହି ଆହା ପଦେ ବି କହିବାକୁ ନାହାଁନ୍ତି। ପାଟିରେ ପାଣି ମୁନ୍ଦେ ଦେବା ତ ଦୂରର କଥା। ଏ ହେଉଛି ଭୁବନେଶ୍ୱର ନୟାପଲ୍ଲୀ ବେହେରା ସାହି ନିକଟସ୍ଥ ମେଟ୍ରୋ ହାଉସ୍ ଆପାର୍ଟମେଣ୍ଟ ସାମ୍ନାର କରୁଣ ଦୃଶ୍ୟ। ସ୍ଥାନୀୟ ଅଞ୍ଚଳରେ ରହୁଥିବା ନାରାୟଣ ଚନ୍ଦ୍ର ବାରିକ ନାମକ ଜନୈକ ବ୍ୟକ୍ତି ଏତାଦୃଶ ଅବସ୍ଥା ଦେଖି ସେ ଆଉ ସମ୍ଭାଳି ପାରି ନଥିଲେ। ଆଖାପାଖ ଲୋକଙ୍କୁ ସାହାଯ୍ୟ ପାଇଁ ନାରାୟଣ ନିବେଦନ କରିଥିଲେ। କିନ୍ତୁ ସାହାଯ୍ୟ ପାଇପାରି ନଥିଲେ। କରୋନା ଭୟରେ ସମସ୍ତେ ରୋକ୍‌ଠୋକ୍ ମନାକରି ଦେଇଥିଲେ। ତତ୍‌ପରେ ନାରାୟଣ ଭୁବନେଶ୍ୱରର ଅସହାୟ ଓ ନିରାଶ୍ରୟ ପାଇଁ କାର୍ଯ୍ୟ କରୁଥିବା ସାମାଜିକ ଅନୁଷ୍ଠାନ ମିସିଂ ଫାଉଣ୍ଡେସନ ସହ ଯୋଗାଯୋଗ କରିଥିଲେ। ମୁମୂର୍ଷୁ ବ୍ୟକ୍ତିଙ୍କର ଏ ଅବସ୍ଥା ଶୁଣିବା ପରେ ଫାଉଣ୍ଡେସନ ପକ୍ଷରୁ ସାମାଜିକ କର୍ମୀ ସୁଶାନ୍ତ ସାହୁ ଏବଂ ପ୍ରିୟବ୍ରତ ପଣ୍ଡା ଘଟଣାସ୍ଥଳରେ ପହଞ୍ଚିଥିଲେ। ବ୍ୟକ୍ତି ଜଣଙ୍କର କ୍ଷତସ୍ଥାନକୁ ପ୍ରଥମେ ପରିଷ୍କାର ପରିଚ୍ଛନ୍ନ କରି ଫାଷ୍ଟଏଡ୍ ଚିକିତ୍ସା କରିଥିଲେ। ପରେ ୧୦୮ ଆମ୍ବୁଲାନ୍ସ ଯୋଗେ ରାଜଧାନୀ ମୁଖ୍ୟ ଚିକିତ୍ସାଳୟକୁ ବ୍ୟକ୍ତିଜଣଙ୍କୁ ସ୍ଥାନାନ୍ତରିତ କରିଥିଲେ। ବ୍ୟକ୍ତି ଜଣକ ଅଣଓଡ଼ିଆ। ମାନସିକ ସନ୍ତୁଳନ ହରାଇଥିବାରୁ ତାଙ୍କର ନାମ ଓ ଘର ଠିକଣା ସ୍ପଷ୍ଟ ରୂପେ ଜଣାପଡ଼ି ନାହିଁ ବୋଲି ଫାଉଣ୍ଡେସନ ପକ୍ଷରୁ ଶ୍ରୀ ସାହୁ ସୂଚନା ଦେଇଛନ୍ତି।

# ବିଜେପି ଯୁବ ମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧକ୍ଷା ଭାବେ ଅର୍ପିତା ଅପରାଜିତାଙ୍କୁ ଦାୟିତ୍ୱ

ଭୁବନେଶ୍ୱର,୧୬/୭ (ନି.ପ୍ର): ଭାରତୀୟ ଜନତା ପାର୍ଟୀ ରାଷ୍ଟ୍ରୀୟ ସଭାପତି ଜେ.ପି.ନଡ୍ଡାଙ୍କ ଅନୁମୋଦନ କ୍ରମେ ଯୁବ ମୋର୍ଚ୍ଚା ରାଷ୍ଟ୍ରୀୟ ଅଧ୍ୟକ୍ଷ ତେଜସ୍ୱୀ ସୂର୍ଯ୍ୟା ଯୁବ ମୋର୍ଚ୍ଚା ରାଷ୍ଟ୍ରୀୟ ପଦାଧିକାରୀଙ୍କ ନାମ ଘୋଷଣା କରିଛନ୍ତି । ବିଜେପି ଯୁବ ମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧକ୍ଷା ଭାବେ ଓଡିଶାର ଅର୍ପିତା ଅପରାଜିତା ବଡଜେନାଙ୍କୁ ଦାୟିତ୍ୱ ଦିଆଯାଇଛି । ଏଥିପାଇଁ ରାଷ୍ଟ୍ରୀୟ ସଭାପତି ଜେ.ପି.ନଡ୍ଡା, ଯୁବ ମୋର୍ଚ୍ଚା ରାଷ୍ଟ୍ରୀୟ ଅଧ୍ୟକ୍ଷ ତେଜସ୍ୱୀ ସୂର୍ଯ୍ୟା ଏବଂ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କୁ ଯୁବ ମୋର୍ଚ୍ଚା ରାଜ୍ୟ ସଭାପତି ଇରାସିସ ଆଚାର୍ଯ୍ୟ ଆନ୍ତରିକ ଧନ୍ୟବାଦ ଜ୍ଞାପନ କରିଛନ୍ତି । ରାଷ୍ଟ୍ରୀୟ ନେତୃବୃନ୍ଦ ସର୍ବଦା ଓଡିଶାକୁ ପ୍ରାଧାନ୍ୟ ଦେଇ ଆସୁଛନ୍ତି । ଓଡିଶାର ଏକ ପ୍ରତିଭାବାନ ଯୁବ ନେତ୍ରୀଙ୍କୁ ଯୁବ ମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧକ୍ଷା ଘୋଷଣା କରିବା ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ । ଏହା ରାଜ୍ୟର ଅନ୍ୟ କାର୍ଯ୍ୟକର୍ତାଙ୍କ ମନୋବଳ ବୃଦ୍ଧି କରିବା ସହ ଦଳ ପାଇଁ ସମର୍ପିତ ଭାବେ କାର୍ଯ୍ୟ କରିବା ପାଇଁ ପ୍ରେରଣା ଯୋଗାଇବ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି ।

# କୃଷି ଓ ସମବାୟ ବିଭାଗର ମନ୍ତ୍ରୀ ସ୍ତରୀୟ ଯୁଗ୍ମ ବୈଠକ

♦ପ୍ରତିମାସରେ ଉଭୟ ବିଭାଗର ବରିଷ୍ଠ ଅଧିକାରୀ ସ୍ତରରେ ମିଳିତ ବୈଠକ ଉପରେ ଗୁରୁତ୍ୱ

♦ଖରିଫ ଧାନ ସଂଗ୍ରହ ପାଇଁ ଯାଂଚ ବ୍ୟବସ୍ଥାକୁ କଡ଼ାକଡ଼ି ଓ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବ

ଭୁବନେଶ୍ୱର, ୧୫ ଜୁଲାଇ - କୃଷି ଓ କୃଷକର ଉନ୍ନତି ନିମନ୍ତେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ ସମବାୟ ବିଭାଗ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା ପରିପ୍ରେକ୍ଷୀରେ ଦୁଇ ବିଭାଗ ମଧ୍ୟରେ ଏକାଭିମୁଖିତା ଉପରେ ଗୁରୁତ୍ୱ ଦିଆଯାଇଛି । ରାଜ୍ୟ ସ୍ତରରେ ନିୟମିତ ଭାବେ ପ୍ରତି ମାସରେ ଉଭୟ ବିଭାଗର ବରିଷ୍ଠ ଅଧିକାରୀ ସ୍ତରୀୟ ବୈଠକ ଆୟୋଜନ କରିବା ସହିତ ଜିଲ୍ଲା ଓ ବ୍ଲକ୍ ସ୍ତରରେ ନିୟମିତ ବୈଠକ କରି ଚାଷୀଙ୍କ ସମସ୍ୟା ତୁରନ୍ତ ସମାଧାନ କରିବା ଦିଗରେ ପଦକ୍ଷେପ ନେବା ପାଇଁ କୁହାଯାଇଛି । ଆଜି କୃଷି ଭବନଠାରେ ଆୟୋଜିତ ଯୁଗ୍ମ ବୈଠକରେ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ଏବଂ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ଚଳିତ ଖରିଫରେ ବିଭାଗ ଦ୍ୱୟ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସଂପର୍କରେ ବିଶଦ ଭାବରେ ଆଲୋଚନା କରିବା ଅବସରରେ ସମସ୍ୟାର ସମାଧାନ ଦିଗରେ ତୁରନ୍ତ ପଦକ୍ଷେପ ନେବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଚଳିତ ବର୍ଷ ଧାର୍ଯ୍ୟ ଲକ୍ଷ୍ୟ ୯୦୦୦ କୋଟି ଟଙ୍କାର ଫସଲ ଋଣ ମଧ୍ୟରୁ ଅଦ୍ୟାବଧି ୧୨ ଲକ୍ଷ ୭୬ ହଜାର ୪୪୫ ଜଣ ଚାଷୀଙ୍କୁ ୫ ହଜାର ୮୦୨ କୋଟି ଟଙ୍କା ଋଣ ବାବଦରେ ଯୋଗାଇ ଦିଆଯାଇଛି । ଫସଲ ଋଣ ପ୍ରଦାନ ଦିଗରେ ଯୁଗ୍ମ ଦେୟ ଗୋଷ୍ଠୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଅଗ୍ରାଧିକାର ଦେବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଥିଲେ । ଏଥି ସହିତ ଋଣ ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବା ପାଇଁ ସମବାୟ ମନ୍ତ୍ରୀ ଶ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଥିଲେ । ଚାଷ କାର୍ଯ୍ୟ, ଫସଲ ଅମଳ ଓ ଫସଲର ବିକ୍ରିବଟା ସହିତ ସମବାୟ ବିଭାଗ ଚାଷୀମାନଙ୍କ ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଏହି ପରିପ୍ରେକ୍ଷୀରେ ଚାଷୀମାନଙ୍କର ଆବଶ୍ୟକତାକୁ ପୂରଣ କରିବା ଦିଗରେ ଉଭୟ କୃଷି ଓ ସମବାୟ ବିଭାଗ ସର୍ବଦା ମିଳିତ ପ୍ରୟାସ କରିବା ଉପରେ ସମବାୟ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି। କୃଷି କାର୍ଯ୍ୟରେ ବୈଷୟିକ ଜ୍ଞାନକୌଶଳ ଓ ଯନ୍ତ୍ରପାତିର ବହୁଳ ବ୍ୟବହାର ଉପରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଗୁରୁତ୍ୱାରୋପ କରିଥିଲେ । ଚଳିତ ଖରିଫରେ ଓଡ଼ିଶା ରାଜ୍ୟ ବିହନ ନିଗମ ପକ୍ଷରୁ ଚାଷୀମାନଙ୍କୁ ଅଦ୍ୟାବଧି ୩ ଲକ୍ଷ ୬୦ ହଜାର କ୍ୱିଂଟାଲ ବିହନ ଯୋଗାଇ ଦିଆଯାଉଛି । ଆଉ ୧ ଲକ୍ଷ କ୍ୱିଂଟାଲ ବିହନକୁ ପ୍ୟାକ୍ସଗୁଡ଼ିକୁ ତୁରନ୍ତ ପ୍ରେରଣ କରିବା ପାଇଁ କୃଷି ମନ୍ତ୍ରୀ ଡ. ସାହୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଚାଷୀମାନଙ୍କୁ ଠିକ୍ ସମୟରେ ପର୍ଯ୍ୟାପ୍ତ ସାର ଯୋଗାଇଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

ଚଳିତ ଜୁଲାଇ ୧୫ ତାରିଖଠାରୁ ଖରିଫ ଧାନ ସଂଗ୍ରହ ନିମନ୍ତେ ଚାଷୀମାନଙ୍କ ଅନ୍‌ଲାଇନ୍ ମାଧ୍ୟମରେ ନାମ ପଂଜୀକରଣ କାର୍ଯ୍ୟ ଆରମ୍ଭ ହୋଇଛି। ନିର୍ଭୁଲ ଚାଷୀ ପଂଜୀକରଣ ପ୍ରସ୍ତୁତ ନିମନ୍ତେ ଯାଂଚ କାର୍ଯ୍ୟରେ ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରୟୋଗ ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ଏଥି ସହିତ ଫସଲର ବିବିଧିକରଣ କରି ଅଣଧାନ ଚାଷରେ ଚାଷୀମାନେ ଯେପରି ଅଧିକ ଅର୍ଥ ଉପାର୍ଜନ କରିପାରିବେ ସେଥି ନିମନ୍ତେ ଆବଶ୍ୟକ ପଦକ୍ଷେପ ଦିଗରେ ବୈଠକରେ ଆଲୋଚନା ହୋଇଥିଲା । ସେହିପରି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଫସଲ ନଷ୍ଟ ହେଲେ ଚାଷୀ ଯେପରି ବୀମା କଂପାନୀଠାରୁ କ୍ଷତିପୂରଣ ଅର୍ଥ ପାଇପାରିବେ, ସେଥି ନିମନ୍ତେ ଅଧିକରୁ ଅଧିକ ଚାଷୀଙ୍କୁ ବୀମାଭୁକ୍ତ କରାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ବୈଠକରେ କୃଷି ଯାନ୍ତ୍ରିକୀକରଣ ଏବଂ ପ୍ୟାକ୍ସ/ଲ୍ୟାମ୍ପସ୍‌କୁ ୱାନ୍ ଷ୍ଟପ୍ ସପ୍, ଓଡ଼ିଶା ରାଜ୍ୟ କୃଷି ବିପଣନ ପରିଷଦ ଦ୍ୱାରା ଇ-ନାମ ମାଧ୍ୟମରେ କୃଷି ସାମଗ୍ରୀ ବିକ୍ରିବଟା, ରାଜ୍ୟରେ ଶୀତଳ ଭଣ୍ଡାରର ସ୍ଥିତି ଆଦି ବିଷୟରେ ବିଶଦ ଭାବରେ ଆଲୋଚନା ହୋଇଥିଲା । ବୈଠକ ପ୍ରାରମ୍ଭରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଡ. ଏମ୍. ମୁଥୁକୁମାର କୃଷି ବିଭାଗ ପକ୍ଷରୁ ସମବାୟ ବିଭାଗ ମାଧ୍ୟମରେ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର ତଥା ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ପଂଚାୟତ ସ୍ତରରେ ଏବଂ ବ୍ଲକ୍ ସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହିତ ନିୟମିତ ବୈଠକ ଅନୁଷ୍ଠିତ ହେଉଥିବା କହିଥିଲେ ।

ବୈଠକ ରେ ଓଡ଼ିଶା ରାଜ୍ୟ କୃଷି ବିପଣନ ପରିଷଦର ସଦ ସ୍ୟ ସଚିବ, ଉଦ୍ୟାନ କୃଷି ନିର୍ଦ୍ଦେଶକ, ନିବନ୍ଧକ ସମବାୟ ସମିତି ସମୂହ, ସମବାୟ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ, ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ, ମାର୍କଫେଡ଼ର ପରିଚାଳନା ନିର୍ଦ୍ଦେଶକ, ଓଡ଼ିଶା ରାଜ୍ୟ ବିହନ ନିଗମର ପରିଚାଳନା ନିର୍ଦ୍ଦେଶକ, ଓଡ଼ିଶା କୃଷିଶିଳ୍ପ ନିଗମର ପରିଚାଳନା ନିର୍ଦ୍ଦେଶକ, ଆପିକଲର ପରିଚାଳନା ନିର୍ଦ୍ଦେଶକ, ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟିର ରାଜ୍ୟ ସଂଯୋଜକଙ୍କ ସମେତ ଦୁଇ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ ।

# ପୂଜ୍ୟପୂଜା ଓ ଭାଷାପ୍ରାଣ ଲକ୍ଷ୍ମୀଧର ବେହେରାଙ୍କୁ ଚକ୍ରଧର ବେହେରା ସ୍ମୃତି ସମ୍ମାନ

ଭୁବନେଶ୍ୱର,୧୬/୭ (ନି.ପ୍ର): କନିକା ପ୍ରଜା ଆନ୍ଦୋଳନର ପ୍ରମୁଖ କାଣ୍ଡାରୀ , ସ୍ୱାଧୀନତା ସଂଗ୍ରାମୀ , ବିଧାୟକ ତଥା ଭଦ୍ରକ ମାଟିର ଉଜ୍ଜ୍ୱଳ ସନ୍ତାନ ବିପ୍ଳବୀ ଚକ୍ରଧର ବେହେରାଙ୍କ ୧୨୭ତମ ଜୟନ୍ତୀ ସ୍ଥାନୀୟ ୟୁନିଟ-୮ ସ୍ଥିତ ପ୍ରତିମୂର୍ତିଠାରେ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଆନୁକୂଲ୍ୟରେ ପୁଷ୍ପମାଲ୍ୟ ଅର୍ପଣ ସହ ଏକ ସ୍ମୃତିସଭା ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ତଥା ଅଧ୍ୟକ୍ଷ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପ୍ରଦ୍ୟୁମ୍ନ ଶତପଥୀ ସ୍ମୃତିଚାରଣ ପୂର୍ବକ ମତବ୍ୟକ୍ତ କରିଥିଲେ ଯେ, ବିପ୍ଳବୀ ଚକ୍ରଧର ସାଧାରଣ ଲୋକଙ୍କ ପାଇଁ ସମର୍ପିତ ଭାବେ କାର୍ଯ୍ୟ କରିବା ସହିତ ଜଣେ ମହାନ ସ୍ୱାଧୀନତା ସଂଗ୍ରାମୀ, ଦେଶଭକ୍ତ ତଥା ରାଜତନ୍ତ୍ରର ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ସ୍ୱର ଉତୋଳନ କରିବା ସହିତ ପ୍ରଜାଙ୍କ ସ୍ୱାର୍ଥ ରକ୍ଷାରେ ସାରା ଜୀବନ ସମର୍ପିତ କରିଥିଲେ।

# କଟକ ଓ ଭୁବନେଶ୍ୱରରେ କରୋନା ସଂକ୍ରମଣ ନ କମିବାର ମୁଖ୍ୟ କାରଣ କହିଲେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୧୬/୭ (ନି.ପ୍ର): କରୋନା ସମ୍ପର୍କରେ ସୂଚନା ଦେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି, ସରକାର ସବୁ ଦୃଷ୍ଟିରୁ ଚିନ୍ତା କରି ଲକଡାଉନକୁ କୋହଳ କରିଛନ୍ତି। ଆମର ସର୍ଭେଲାନ୍ସ, ଟିକାକରଣ ଯେଭଳି ଚାଲିଛି, ସେମିତି ଚାଲିବ। ସମସ୍ତଙ୍କୁ ଅନୁରୋଧ ନିୟମକୁ ମାନନ୍ତୁ, ଖୋଲା ସମୟରେ ହେଉ ବା କର୍ଫ୍ୟୁ ସମୟରେ। ସେ ଆହୁରି କହିଛନ୍ତି, ସବୁ ଦାୟିତ୍ୱ ସରକାରଙ୍କ ଭାବିବା ଠିକ ନୁହେଁ। ଏଥିରେ କମ୍ୟୁନିଟିର ମଧ୍ୟ ସାହାଯ୍ୟ ଦରକାର। ସରକାର ଓ କମ୍ୟୁନିଟି ମିଶିଲେ ହି ମହାମାରୀକୁ ନିୟନ୍ତ୍ରଣ କରାଯାଇପାରିବ । କଟକ ଓ ଭୁବନେଶ୍ୱରରେ କରୋନା ସଂକ୍ରମଣ ନ କମିବାର ବଡ଼ କାରଣ ହେଉଛି, ଏଠାକୁ ବିଭିନ୍ନ ସ୍ଥାନରୁ ଲୋକଙ୍କ ଯାତାୟାତ ହେଉଛି। ବସ୍, ଟ୍ରେନ୍ ଓ ଫ୍ଲାଇଟରେ ସବୁବେଳେ ଚଳପ୍ରଚଳ ଚାଲିଛି। ଯିଏ ଆସୁଛି, ସେ ଲକ୍ଷଣହୀନ ସଂକ୍ରମିତ ହୋଇଥିବାର ସମ୍ଭାବନାକୁ ଏଡାଯାଇ ନ ପାରେ। ଦ୍ୱିତୀୟରେ ପ୍ରଶାସନ ଦୋକାନ ବଜାର ବନ୍ଦ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ନିୟମର ଉଲ୍ଲଙ୍ଘନ। ତୃତୀୟରେ ଯେଉଁ ଅଞ୍ଚଳରେ କ୍ଲଷ୍ଟର ସଂକ୍ରମଣ ହେଉଛି ସେଠି କଣ୍ଟେନମେଣ୍ଟ ଜୋନ କରାଯାଉଛି। କୋହଳ ହେଇଗଲା ବୋଲି ଆମେ ଚୁପ ବସିବୁ ନାହିଁ । କଟକ ଓ ଭୁବନେଶ୍ୱରରେ ସବୁଦିନ ସଂକ୍ରମଣ ପ୍ଲାଟୋ ଅବସ୍ଥାରେ ରହୁଛି। ତାକୁ କିଭଳି କମ୍ କରାଯିବ, ସେ ଦିଗରେ କାମ କରୁଛୁ। ଆଡମିସନ, ସିଭିଅରିଟି ହାର କମିଛି। ଭେଣ୍ଟିଲେଟର, ଆଇସିୟୁ ଓ ଜେନେରାଲ ବେଡ ରୋଗୀଙ୍କ ସଂଖ୍ୟା କମିଛି। ସଂକ୍ରମଣ ଥିଲେ ବି ରୋଗୀ ଗୁରୁତର ହେବା କମିଛି। ଟୀକା ନେଲେ ବି ସଂକ୍ରମଣ ହେଉଛି ।

# ଚଳିତ ଖରିଫ୍ ଧାନ ସଂଗ୍ରହ ପାଇଁ ବିଜେଡ଼ି ସରକାରର ଆଉ ଏକ ନୂଆ ଭେଳିକି: ପିସିସି କିଷାନ କଂଗ୍ରେସ

ଭୁବନେଶ୍ୱର,୧୬/୭ (ନି.ପ୍ର): ଚଳିତ ବର୍ଷର ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣରେ ସରକାର ଆଉ ଏକ ନୂଆ ଫଣ୍ଡା ଆପଣାଇଲେଣି। ଧାନ କିଣାରେ ପୂର୍ବ ନିଷ୍ପତି ଓ ଘୋଷଣା ଅନୁଯାୟୀ ସରକାର ଚାଷୀଙ୍କୁ ପ୍ରତିଶ୍ରୁତି ଦେଇ ପ୍ରତାରଣା କଲେ। ଯାହାର ନିଚ୍ଛକ ନମୂନା ଗତ ଖରିଫ୍ ଓ ରବିରେ ମୋଟ ପଞ୍ଜିକୃତ ଚାଷୀଙ୍କ ମଧ୍ୟରୁ ୩ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀଙ୍କଠାରୁ ଆଦୌ ଧାନ କ୍ରୟ କରାଗଲା ନାହିଁ। ତୃଟିପୂର୍ଣ୍ଣ ନିଷ୍ପତି ଯୋଗୁଁ ହଜାର ହଜାର ଟୋକନ ଲାପ୍ସ କଲା। ଠିକଣା ସମୟରେ ଆକଳନ ଅନୁଯାୟୀ ମଣ୍ଡିକୁ ଟାର୍ଗେଟ ଦିଆଗଲା ନାହିଁ। ଫଳରେ ଚାଷୀ ଅଭାବୀ ବିକ୍ରିର ଶୀକାର ହେଲେ। ଏବେ ବିଭାଗୀୟ ମନ୍ତ୍ରୀ କହୁଛନ୍ତି ବର୍ତମାନ ଧାନ ସଂଗ୍ରହରେ ପୂର୍ବ ପଞ୍ଜିକରଣର ଆଉ ନବୀକରଣ ନକରି ସାନି ପଞ୍ଜିକରଣ କରାଯିବ। ବିଜେଡ଼ି ସରକାର ଦୀର୍ଘ ୨୧ ବର୍ଷ ଶାସନ ମଧ୍ୟରେ ଚାଷୀ କେତେ ଜାଣି ପାରିଲେ ନାହିଁ। ଏବେ ପରିସଂଖ୍ୟାନ କରିବାକୁ ନୂଆ କଳ୍ପନା। ଭାଗଚାଷୀଙ୍କୁ ଜମି ମାଲିକଙ୍କ ସମ୍ମତି ହେଲା ବାଧ୍ୟତାମୂଳକ। ଆଜି ପର୍ଯ୍ୟନ୍ତ ଭାଗଚାଷୀଙ୍କ ପାଇଁ ଆଇନଗତ ବ୍ୟବସ୍ଥା କରାଗଲାନାହିଁ। ଧାନ କିଣାବିକା ପ୍ରସଙ୍ଗରେ ବାରମ୍ବାର ଦେଖା ଯାଉଥିବା ବିଭିନ୍ନ ଜଟିଳ ସମସ୍ୟାର ସମାଧାନ ପାଇଁ ସରକାରଙ୍କର ଆଦୌ ଆନ୍ତରିକତା ନ ଥିବା ଜଣାପଡୁଛି ବୋଲି ଆଜି ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ରାଜ୍ୟ ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି। ରାଜ୍ୟରେ ବଡ଼ଚାଷୀ, ଭାଗଚାଷୀ, କ୍ଷୁଦ୍ର ଓ ନାମମାତ୍ର ଚାଷୀ କେତେ ଏବଂ ରବି ଏବଂ ଖରିଫରେ କେତେ ଜମିରେ ଧାନ ଚାଷ କରାଯାଇଛି ଏହାର ଉତ୍ପାଦନ ପରିମାଣ କେତେ ତାହାର ସଠିକ୍ ପରିସଂଖ୍ୟାନ ନାହିଁ। କେବଳ ସରକାର ବାରମ୍ବାର ଚାଷୀଙ୍କୁ ଧାନ କିଣା ସମୟରେ ଅନେକ ନୂଆ ଭେଳିକି ଦେଖାଉଛନ୍ତି। ବାସ୍ତବତାକୁ ଉପଲବ୍ଧି କରି ସରକାର ଚାଷୀଙ୍କ ସବୁ ବଳକା ଧାନ ନିର୍ଦ୍ଧାରିତ ସମୟ ଓ ମୂଲ୍ୟରେ କ୍ରୟ କରିବାକୁ କଂଗ୍ରେସ କୃଷକ ସେଲ୍ ପକ୍ଷରୁ କୁହାଯାଇଛି। ଧାନକିଣା ପ୍ରସଙ୍ଗରେ ରାଜ୍ୟ ସରକାର ଅଭିଜ୍ଞ କୃଷିବିତ୍, ବିଭାଗୀୟ ଅଧିକାରୀ, ଚାଷୀ ପ୍ରତିନିଧିଙ୍କୁ ନେଇ ଏକ ଟାକସ୍ଫୋର୍ସ କମିଟି ଗଠନ କରିବା ସହିତ ଟୋକନ ଅବଧି ପ୍ରକ୍ରିୟାକୁ ସରଳୀକରଣ, ଆକଳନ ଅନୁଯାୟୀ ମଣ୍ଡିକୁ ନିର୍ଦ୍ଧାରିତ ସମୟରେ ଟାର୍ଗେଟ ଦେବା, ମଣ୍ଡି ଭିତିଭୂମି ସୁଦୃଢ଼ୀକରଣ, ଭୁବନେଶ୍ୱରରୁ ଟୋକନ ଇସ୍ୟୁ ନୀତିର ସଂଶୋଧନ, ପୂର୍ବପରି ପ୍ରତି ଜିଲ୍ଲାସ୍ତରରେ ଧାନ କ୍ରୟ କମିଟି ପ୍ରଚଳନ, ଅନ୍ୟ ରାଜ୍ୟ ସରକାରଙ୍କ ଭଳି ଓଡ଼ିଶା ସରକାର ଚାଷୀଙ୍କୁ ଧାନରେ କ୍ୱିଂଟାଲ ପିଛା ୫୦୦ ଟଙ୍କା ବୋନସ୍ ଦେବାକୁ ଶ୍ରୀ ପଟ୍ଟନାୟକ ଦୃଢ଼ ଦାବୀ କରିଛନ୍ତି।

# ସାମ୍ବାଦିକାଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କାର ସହାୟତା ମଂଜୁର କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୬/୭ (ନି.ପ୍ର): କୋଭିଡ୍‌ରେ ମୃତ୍ୟୁବରଣ କରିଥିବା ସାମ୍ବାଦିକା ବିଜୟଲକ୍ଷ୍ମୀ ମହାନ୍ତିଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଦିନ ଏହି ସହାୟତା ମଂଜୁର କରିଛନ୍ତି। ଦୈନିକ ଖବରକାଗଜ ଆଜିକାଲିର ସମ୍ପାଦିକା ବିଜୟଲକ୍ଷ୍ମୀ ମହାନ୍ତି କୋଭିଡ୍ ରେ ଆକ୍ରାନ୍ତ ହୋଇ ଗତବର୍ଷ ଅଗଷ୍ଟ ମାସ ୨୭ ତାରିଖରେ ମୃତ୍ୟୁବରଣ କରିଥିଲେ ।

# ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୨,୦୭୦ ଜଣ କରୋନା ପଜିଟିଭ ଚିହ୍ନଟ: ଖୋର୍ଦ୍ଧାରୁ ସର୍ବାଧିକ ୪୪୬

ଭୁବନେଶ୍ୱର,୧୬/୭ (ନି.ପ୍ର): ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୨,୦୭୦ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୧୧୯୫ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବାବେଳେ ସ୍ଥାନୀୟ ସଂକ୍ରମଣରୁ ୮୭୫ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ସର୍ବାଧିକ ୪୪୬ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳରୁ ୫୭ଜଣ, ବାଲେଶ୍ୱରରୁ ୧୭୬ଜଣ, ବରଗଡ଼ରୁ ୧୫ଜଣ, ଭଦ୍ରକରୁ ୬୬ଜଣ, ବଲାଙ୍ଗୀରରୁ ୭ଜଣ, ବୌଦ୍ଧରୁ ୧୧ଜଣ, କଟକରୁ ୩୧୯ଜଣ, ଦେବଗଡ଼ରୁ ୩ଜଣ, ଢେଙ୍କାନାଳରୁ ୪୪ଜଣ, ଗଜପତିରୁ ୬ଜଣ, ଗଞ୍ଜାମରୁ ୧୨ ଜଣ, ଜଗତସିଂହପୁରରୁ ୯୭ ଜଣ, ଯାଜପୁରରୁ ୧୩୬ଜଣ, ଝାରସୁଗୁଡ଼ାରୁ ୮ ଜଣ, କଳାହାଣ୍ଡିରୁ ୧୨ଜଣ, କନ୍ଧମାଳରୁ ୧୮ ଜଣ, କେନ୍ଦ୍ରାପଡ଼ାରୁ ୭୭ଜଣ, କେଉଁଝରରୁ ୫୬ ଜଣ, ଖୋର୍ଦ୍ଧାରୁ ୪୪୬ ଜଣ, କୋରାପୁଟରୁ ୨୩ଜଣ, ମାଲକାନଗିରିରୁ ୨୦ ଜଣ, ମୟୁରଭଞ୍ଜରୁ ୮୧ଜଣ, ନବରଙ୍ଗପୁରରୁ ୧୧ ଜଣ, ନୟାଗଡ଼ରୁ ୫୯ ଜଣ, ନୂଆପଡ଼ାରୁ ୭ଜଣ, ପୁରୀରୁ ୧୧୦ଜଣ, ରାୟଗଡ଼ାରୁ ୧୮ଜଣ, ସମ୍ବଲପୁରରୁ ୧୬ଜଣ, ସୋନପୁରରୁ ୮, ସୁନ୍ଦରଗଡ଼ରୁ ୬୬ ଓ ଷ୍ଟେଟ ପୁଲରୁ ୮୫ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୯,୪୯,୯୨୯ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ୯,୨୩,୨୦୯ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୨୧, ୭୪୨ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

# ଏବେ ସବୁ ସହାୟତା ନମ୍ବର ୧୧୨ରେ

ଭୁବନେଶ୍ୱର ,୧୬/୭ (ନି.ପ୍ର): ଜରୁରୀକାଳୀନ ସହାୟତା ନମ୍ବର(ଇଆରଏସ୍ଏସ୍) ୧୧୨ ରାଜ୍ୟରେ କାର୍ଯ୍ୟକ୍ଷମ ହୋଇଛି। ପ୍ରଥମ ପର୍ଯ୍ୟାୟରେ ପୁଲିସ ସହାୟତା ନମ୍ବର ୧୦୦ ଓ ଅଗ୍ନିଶମ ନମ୍ବର ୧୦୧କୁ ୧୧୨ନମ୍ବର ସହିତ ମିଶ୍ରଣ କରାଯାଇଛି। ତେବେ ରାଜ୍ୟରେ କାର୍ଯ୍ୟ କରୁଥିବା ଅନ୍ୟ ନମ୍ବରଗୁଡ଼ିକୁ ମଧ୍ୟ ପର୍ଯ୍ୟାୟକ୍ରମେ ୧୧୨ ନମ୍ବର ସହିତ ଯୋଡ଼ାଯିବ ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏ ନେଇ ଲୋକସେବା ଭବନରେ ମୁଖ୍ୟଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୌଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଇଆରଏସ୍ଏସ୍ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ସହିତ ରେସପନ୍‌ସ ସମୟକୁ ବା କଲ୍ ଆସିବାଠାରୁ ଡେଲିଭରି ପଏଣ୍ଟରେ ଗାଡ଼ି ପହଞ୍ଚିବା ସମୟ ଯେପରି ହ୍ରାସ ହୋଇପାରିବ ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା। ପୁଲିସ ଓ ଅଗ୍ନିଶମ ନମ୍ବରକୁ ବାଦ୍ ଦେଲେ ରାଜ୍ୟରେ ୧୦୨-ଜନନୀ ଏକ୍ସପ୍ରେସ୍, ୧୦୪-କୋଭିଡ ହେଲ୍‌ପ ଡେସ୍କ, ୧୦୮-ଆମ୍ବୁଲାନ୍‌ସ, ୧୮୧-ମହିଳା ସହାୟତା ନମ୍ବର, ୧୦୯୮-ଶିଶୁ ସହାୟତା ନମ୍ବର ସମେତ ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ ଅଲଗା ନମ୍ବର କାର୍ଯ୍ୟ କରୁଛି। ତେଣୁ ଆସନ୍ତା ଅଗଷ୍ଟ ସୁଦ୍ଧା ପର୍ଯ୍ୟାୟ କ୍ରମେ ଅନ୍ୟ ନମ୍ବରଗୁଡ଼ିକୁ ଇଆରଏସ୍ଏସ୍‌ରେ ସାମିଲ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଯାହାଫଳରେ ଅନ୍ୟ ନମ୍ବର ଗୁଡ଼ିକୁ ଧୀରେ ଧୀରେ ବନ୍ଦ କରି ଦିଆଯିବ। ଇଆରଏସ୍ଏସ୍ ବ୍ୟବସ୍ଥା ପାଇଁ ଆବଶ୍ୟକ ମାନବ ସମ୍ବଳ ଓ ଯାନବାହନ ନିଯୁକ୍ତ କରିବା ଲାଗି ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ଜରୁରୀକାଳୀନ ରେସପନ୍‌ସ କେନ୍ଦ୍ର ବା ଏସ୍ଇଆରସି ଏବେ ୨୪ଘଣ୍ଟା କାର୍ଯ୍ୟ କରୁଛି। କେନ୍ଦ୍ରରେ କଲ୍ ପାଇଁ ୬୦ଜଣ ଥିବା ବେଳେ ୧୨ କମ୍ପ୍ୟୁଟର ସହାୟତା ଡିଜିଟାଲ ବ୍ୟବସ୍ଥା, ୧୫୧ ଗାଡ଼ି ଓ ୪ଶହ ଅଗ୍ନିଶମ ଗାଡ଼ି ରହିଛି। ଚଳିତବର୍ଷ ମାର୍ଚ୍ଚ ୧୯ତାରିଖରୁ ମେ'ମାସ ଭିତରେ ଏଠାକୁ ୨୦,୮୧୧ କଲ୍ ଆସିଥିବା ବେଳେ ଏଥିରେ ୭୩ ପ୍ରତିଶତ କଲ୍ ପୁଲିସ୍ ଓ ୨୭ ପ୍ରତିଶତ ନିଆଁ ଲାଗିବା ଭଳି କଲ୍ ରହିଛି। ଏହାସହ ଆମ୍ବୁଲାନ୍‌ସ ସହାୟତା ବାବଦରେ ୫୪୧୫ କଲ୍ ଆସିଥିବା ବେଳେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ସେହିପରି ଜୁନ୍ ମାସରେ ୮୮୦୭ କେସ୍ ପଞ୍ଜୀକୃତ ହୋଇଥିବା ବେଳେ ତହିଁରେ ୯୩ ପ୍ରତିଶତ ପୁଲିସ ଓ ୭ ପ୍ରତିଶତ ଅଗ୍ନିଶମ ବିଭାଗର ରହିଛି।

# ଛାତ୍ର କଂଗ୍ରେସର ପ୍ରଥମ କାର୍ଯ୍ୟକାରଣୀ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର,୧୬/୭ (ନି.ପ୍ର): ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ସଭାପତି ସୟଦ ୟାସିର୍ ନୱାଜ୍ ଅଧ୍ୟକ୍ଷତାରେ ରାଜ୍ୟ କଂଗ୍ରେସ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପି.ସି.ସି. ସଭାପତି ନିରଞ୍ଜନ ପଟ୍ଟନାୟକ କହିଥିଲେ ଯେ ଓଡ଼ିଶାରେ ଖଣିଜସମ୍ପଦ ଭରପୁର ରହିଥିଲାବେଳେ ରାଜନେତାମାନଙ୍କ ଇଚ୍ଛାଶକ୍ତି ଅଭାବରୁ ଓଡ଼ିଶା ଆଜି ଭାରତ ବର୍ଷର ପଛୁଆ ରାଜ୍ୟ ଭାବେ ଦୁର୍ନାମ ମୁଣ୍ଡାଉଛି। ଜଣେ ଛାତ୍ର କଂଗ୍ରେସ କର୍ମୀର ଲକ୍ଷ୍ୟ, ବିଚାରଧାରା ଓ କାର୍ଯ୍ୟକ୍ରମ କ'ଣ ରହିବା ଦରକାର, ସେ ସମ୍ପର୍କରେ ଶ୍ରୀ ପଟ୍ଟନାୟକ ଦିଗ୍‌ଦର୍ଶନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏ.ଆଇ.ସି.ସି. ସମ୍ପାଦକ ତଥା ଓଡ଼ିଶା ସହପ୍ରଭାରୀ ରୁଦ୍ର ରାଜୁ କହିଥିଲେ ଛାତ୍ର କଂଗ୍ରେସ ବ୍ୟାପକ ଆନ୍ଦୋଳନାତ୍ମକ ପନ୍ଥା ମାଧ୍ୟମରେ ଓଡ଼ିଶାର ରାଜନୈତିକ ଦୃଶ୍ୟପଟ୍ଟକୁ ପରିବର୍ତନ କରିପାରିବ।

ଏହି କାର୍ଯ୍ୟକାରିଣୀରେ ରାଜନୈତିକ ପସ୍ତାବ ମଧ୍ୟରେ କରୋନା ମହାମାରୀରେ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥପ୍ରତି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦାସୀନ। କରୋନା ମୁକାବିଲାକୁ ନେଇ ଦୁର୍ନୀତି କରିଥିବା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତା ଲୋକ ଲୋଚନକୁ ଆସିଛି। ମହଙ୍ଗାମାଡ଼ ଓ ବେକାରୀ ସମସ୍ୟା ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା ହୋଇଥିଲା। ଏହି ଆଲୋଚନାରେ ଅଂଶଗ୍ରହଣ କରି ଛାତ୍ର କଂଗ୍ରେସର ରାଷ୍ଟ୍ରୀୟ ପ୍ରଭାରୀ ସୁଶ୍ରୀ ଅନୁଲେଖା ବୋଷା କହିଥିଲେ ଯେ ନବଗଠିତ ଛାତ୍ରକଂଗ୍ରେସର କର୍ମକର୍ତା ଓ ଜିଲ୍ଲା ସଭାପତିମାନେ ନବୀନ ଓ ମୋଦି ସରକାରର ଭ୍ରଷ୍ଟାଚାର, ଦୁର୍ନୀତି, ଅପାରଗତା ତୃଣମୂଳ ସ୍ତରରେ ପହଂଚାଇବା ପାଇଁ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରନ୍ତୁ। ଉଭୟ ମୋଦି ଓ ନବୀନ ସରକାରର କରୋନା ମହାମାରୀ ସମୟରେ ଛାତ୍ରଛାତ୍ରୀମାନଙ୍କର ସ୍ୱାର୍ଥପ୍ରତି ସମ୍ପୂର୍ଣ୍ଣ ଉଦାସୀନ ରହିବା ଅତ୍ୟନ୍ତ କ୍ଷୋଭର ବିଷୟ। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର୍ ନୱାଜ୍ କହିଥିଲେ ଯେ, ବେସରକାରୀ ସ୍କୁଲ୍‌ର ମାଲିକ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁଁ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ଉପେକ୍ଷିତ। କରୋନା ମହାମାରୀରେ ଦୁଃସ୍ଥ ହୋଇ ପଡ଼ିଥିବା ଅଭିଭାବକଙ୍କ ରକ୍ତ ଶୋଷଣ କରାଯାଉଛି। ଛାତ୍ରଛାତ୍ରୀଙ୍କୁ ମାଗଣା ମୋବାଇଲ୍ ଓ ନେଟ୍ ସୁବିଧା ଦେବା ସହ ଛାତ୍ରଛାତ୍ରୀଙ୍କୁ ତୁରନ୍ତ ଟିକା ବ୍ୟବସ୍ଥା କରିବା ପାଇଁ ସେ ଦାବି ରଖିଛନ୍ତି। ଉତ୍କଟ ମହଙ୍ଗାମାଡ଼, ବେକାରୀ ସମସ୍ୟା, ଦାରିଦ୍ର୍ୟ ପ୍ରସଙ୍ଗରେ ସରକାରଙ୍କ ମୁଖା ଖୋଲି ଆଗାମୀ ଦିନରେ ନିର୍ବାଚନ ମଣ୍ଡଳୀ ସ୍ତରରେ ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କରିବା ପାଇଁ ଏହି ବୈଠକରେ ନିଷ୍ପତି ନିଆଯାଇଥିଲା।

ବୈଠକର ପ୍ରାରମ୍ଭରେ ପରଲୋକ ଗମନ କରିଥିବା କଂଗ୍ରେସ ନେତା ଛାତ୍ରକଂଗ୍ରେସ ଓ ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ପରିଶେଷରେ ମୁଖ୍ୟ ମୁଖପାତ୍ର ବିଶ୍ୱଭୂଷଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବେଆଇନ ଡିଲର ନିଯୁକ୍ତିକୁ ନେଇ ଖାଉଟି ସୁରକ୍ଷା ମଂଚ ପକ୍ଷରୁ ଉପଜିଲ୍ଲାପାଳଙ୍କ ଅଫିସ ଆଗରେ ଧାରଣା



ନୀଳଗିରି,୧୬/୦୭ (ନି.ପ୍ର): ବେଆଇନ ଡିଲର ନିଯୁକ୍ତିକୁ ନେଇ ଖାଉଟି ସୁରକ୍ଷା ମଂଚ ପକ୍ଷରୁ ପୂର୍ବାହ୍ନ ୧୧ଘଟିକା ସମୟରେ ଶତାଧିକ ହିତାଧିକାରୀମାନେ ନୀଳଗିରି ଉପଜିଲ୍ଲାପାଳଙ୍କ ଜରିଆରେ ବାଲେଶ୍ୱର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଦେଇଛନ୍ତି । ସୂଚନା ଅନୁସାରେ ନୀଳଗିରି ଉପଖଣ୍ଡ ବାଉଁଶବଣିଆ ପଞ୍ଚାୟତର ଗୁହାଳିଆ, ସାନପାଟପୁର, କୁମ୍ଭକଉଣିଆ, କାନ୍ଥିପଦା, ମାନଗଡ଼, ହାଟସାହି, ଦକ୍ଷିଣକୁଅଁରପୁର ରାଜସ୍ୱ ଗ୍ରାମର ପାଖାପାଖି ୮୦୦ ରୁ ଉର୍ଦ୍ଧ୍ୱ ରାସନ କାର୍ଡ ଧାରୀ ଥିବା ବେଳେ ରାଜ୍ୟ ସରକାରଙ୍କ ଖାଉଟି ନିୟମରେ ପାଞ୍ଚ ଶହ କାର୍ଡ ଧାରୀଙ୍କୁ ନେଇ ଏକ ରିଟେଲର ସେଣ୍ଟର ହେବାର ନିୟମ ଥିବା ବେଳେ ପ୍ରଶାସନ ଓ ଯୋଗାଣ ବିଭାଗ କେଉଁ ଦୃଷ୍ଟିରୁ ଜନମତ ନ ନେଇ ଦୁଇଟି ରିଟେଲର ସେଣ୍ଟରକୁ ଗୋଟିଏ ସେଣ୍ଟର କରି ନିଯୁକ୍ତି ଦେଲେ ସେ ନେଇ ଖାଉଟିମାନେ ଅଭିଯୋଗ କରିଛନ୍ତି । ଅପରପକ୍ଷରେ ଜନମତକୁ ଦୃଷ୍ଟି ନ ନେବା, ସ୍ଥାନୀୟ ଥିବା ଏସ.ଏଚ.ଜି. କୁ ଚୟନ କରା ନ ଯାଇ ବାହାର ଅଞ୍ଚଳର ଏସ.ଏଚ.ଜି. କୁ ଚୟନ କରିବା, ରାସନକାର୍ଡଧାରୀମାନେ ନିୟମରେ ସେଣ୍ଟର ଖୋଲିବାରେ ପାତର ଅନ୍ତର କରିବା ହିତାଧିକାରୀମାନଙ୍କୁ ଧମକ ଦେବା ଘଟଣାକୁ ବିରୋଧ କରି ଶତାଧିକ ହିତାଧିକାରୀ ପୁରୁଷ ମହିଳା ଶୋଭାଯାତ୍ରା ରେ ଆସି ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ । ଉକ୍ତ ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ହିତାଧିକାରୀମାନଙ୍କର ଦାବୀ କୁ ଆଖି ଆଗରେ ରଖି ସାଧାରଣ ଜନତାକୁ ନ୍ୟାୟ ଦେବା ପାଇଁ ଖାଉଟି ସୁରକ୍ଷା ମଂଚର ବରିଷ୍ଠ ସଦସ୍ୟ ତଥା ପୂର୍ବତନ ସରପଞ୍ଚ ନିରଂଜନ ବାରିକ, କୈଳାସ ପଣ୍ଡା, ନିହାର ରଂଜନ ଜେନା,ଅନିୟା ଜେନା, ପ୍ରମୁଖ ବହୁ ପୁରୁଷ ଓ ମହିଳା ଏହି ଧାରଣରେ ସାମିଲ ଥିଲେ । ଘଟଣାସ୍ଥଳରେ ଉପଜିଲ୍ଲାପାଳ ପହଞ୍ଚି ଦାବୀ ପତ୍ର ନେବା ସହ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି ।

## ଜନ୍ମଦିନ ପାଳନ ପରେ କର୍କଟ ପୀଡିତ ଶିଶୁଙ୍କ ମୃତ୍ୟୁ



ଜଳେଶ୍ୱର ୧୬/୭(ନିପ୍ର): ମୃତ୍ୟୁ ବି ଏପରି ଆସେ, ଜଣେ ୧୦ବର୍ଷର ଶିଶୁ ଦୀର୍ଘଦିନ କର୍କଟ ରୋଗରେ ପିଡିତ ଥାଇ ନିଜ ଜନ୍ମ ଦିନ ପାଳନ ପରେ ମୃତ୍ୟୁ ହେବା ସମସ୍ତଙ୍କୁ ଶୋକାଭିମୁଖ କରିଛି । ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନଛିମପୁର ପଂଚାୟତର ଶାହାଡାପଡା ଗ୍ରାମର ଏକଦା ଶ୍ରେଷ୍ଠ ଚାଷୀଭାବେ ପରିଚିତ ତ୍ରୈଲୋକ୍ୟ ସେଣଙ୍କ ପୁତ୍ର ଅଭିମନ୍ୟୁ ସେଣଙ୍କର ଏକମାତ୍ର ପୁତ୍ର ଗୋପାଳ ରକ୍ତ କର୍କଟପରି ଦୂରାରୋଗ୍ୟରେ ପିଡିତ ହୋଇଥିବା ଜଣାପଡିଥିଲା । ବହୁ ଖର୍ଚ୍ଚ କରି ବମ୍ବେର ଟାଟା ମେମୋରିଆଲରୁ ଚିକିତ୍ସିତ ହେଉଥିଲେ ମଧ୍ୟ ଲକ୍‌ଡାଉନ୍ ଯୋଗୁଁ ପୁଣି ଯାଇ ଚିକିତ୍ସିତ ହେବା ସମ୍ଭବ ହୋଇ ପାରିନଥିଲା । ଗତ ୧୨ ତାରିଖରେ ତାର ଜନ୍ମଦିନ ପାଳନ କରାଯାଇଥିବା ବେଳେ ୧୫ତାରିଖରେ ହଠାତ୍ ଅସୁସ୍ଥ ହୋଇଥିଲା । ପରେ ତାକୁ ଜିକେ ଭଟ୍ଟର ହସ୍‌ପିଟାଲକୁ ଅଣାଯାଇଥିଲା । ଚିକିତ୍ସାଧିନ ଅବସ୍ଥାରେ ତାର ମୃତ୍ୟୁ ହୋଇଥିଲା । ଏପରି ଘଟଣା ଘିବାପରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳି ଯାଇଛି ।

## ବାଲିଆପାଳ ଶ୍ରଦ୍ଧାକ୍ଷେତ୍ରରେ ହେରାପଂଚମୀ ପାଳିତ



ବାଲିଆପାଳ,୧୬/୦୭ (ନି.ପ୍ର): ବାଲିଆପାଳ ଶ୍ରଦ୍ଧା କ୍ଷେତ୍ରରେ କୋଭିଡ କଟକଣାକୁ ଦୃଷ୍ଟିରେ ରଖି ହେରାପଂଚମୀ ପାଳିତ ହୋଇଯାଇଛି । ଏଥି ପାଇଁ ପ୍ରତ୍ୟୁଷରୁ ଶ୍ରୀ ଜୀଉ ମାନଙ୍କର ସମସ୍ତ ନୀତିକାନ୍ତି ପରମ୍ପରା ଅନୁଯାୟୀ ପାଳିତ ହୋଇଛି । ମନ୍ଦିର ବେଢାରେ ଏକ ଅସ୍ଥାୟୀ ଗୃହରେ ରଥଯାତ୍ରା ଦିନ ଠାକୁରମାନେ ପହଣ୍ଡିରେ ଆସି ଅସ୍ଥାୟୀ ରତ୍ନବେଦୀରେ ବିରାଜ ମାନ ହୋଇଛନ୍ତି । ଏବେ କରୋନା ମହାମାରୀ ଯୋଗୁଁ ଭକ୍ତମାନଙ୍କୁ ମନ୍ଦିର ଭିତରକୁ ଯିବା ପାଇଁ ବାରଣ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ଠାକୁରଙ୍କ ସେବକ ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତି, ଟ୍ରଷ୍ଟ ବୋର୍ଡର ମଧୁସୂଦନ ବାରି, ମୁରଲୀମୋହନ ବାରିକ, ସୁଶାନ୍ତ ଚକ୍ରବର୍ତୀ, ମଧୁସୂଦନ ସାହୁ, କାଳୀଚରଣ ଦେ, ପୂଜକ ବଳଦେବ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ । ତେବେ ରଥ ନଥିବାରୁ ମାତା ଲକ୍ଷ୍ମୀଙ୍କ ସେବକମାନେ ଜଗନ୍ନାଥଙ୍କ ରଥ ନନ୍ଦୀଘୋଷକୁ ଭାଙ୍ଗିପାରିନାହାନ୍ତି । ହେରାପଂଚମୀ ଉପଲକ୍ଷେ ମନ୍ଦିରରେ ଖେଚୁଡ଼ି ଭୋଗ ବଂଟା ଯାଇଥିଲା । ମଙ୍ଗଳବାର ଏଠାରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହେବ ।

## ସୁବ୍ରତ ମୁଖୀ କେଶରୀୟା ହିନ୍ଦୁ ବାହିନୀର ମୟୁରଭଞ୍ଜ ଜିଲ୍ଲା ସଭାପତି ମନୋନୀତ



ବାରିପଦା,୧୬/୦୭ (ନି.ପ୍ର): ଦୀର୍ଘଦିନ ହେବ କେଶରୀୟା ହିନ୍ଦୁ ବାହିନୀର ଜିଲ୍ଲା ସଂଗଠନ ମନ୍ତ୍ରୀ ରୂପେ କାର୍ଯ୍ୟ କରି ଆସୁଥିବା ସୁବ୍ରତ ମୁଖୀ ସଂଘଠନ ର ବିଭିନ୍ନ କାର୍ଯ୍ୟ ସୁଚାରୁରୂପେ ତୁଲାଇ ଆସୁଥିବା ବେଳେ, ଆଜି ତାଙ୍କୁ ମୟୁରଭଞ୍ଜ ଜିଲ୍ଲା କେଶରୀୟା ହିନ୍ଦୁ ବାହିନୀର ସଭାପତି ଭାବେ ରାଜ୍ୟ କୋର କମିଟି ଅଧକ୍ଷ୍ୟ ଶ୍ରୀ ଦିଲ୍ଲୀପ ଦାସ, ରାଜ୍ୟ ସଭାପତି ଶ୍ରୀ ସନ୍ତୋଷ ଭୋଳଙ୍କ ନେତୃତ୍ୱରେ ମନୋନୀତ କରାଯାଇଥିବାରୁ ଜିଲ୍ଲା ସଂଗଠନର କର୍ମୀଙ୍କ ମନରେ ଖୁସିର ଲହରୀ ଖେଳି ଯାଇଛି । ଏହି ଅବସର ରେ ଆଜି ଜିଲ୍ଲା କାର୍ଯ୍ୟାଳୟ ଠାରେ ସଂଗଠନର ମହିଳା ମୋର୍ଚ୍ଚା ସଭାପତି ଶ୍ରୀମତୀ ହେମଲତା ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ଶ୍ରୀ ମୁଖିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ସମ୍ବର୍ଦ୍ଧନା ରେ ମମତା ମଣ୍ଡଳ, ସୌଦାମିନୀ ସାହୁ, ସ୍ମିତା ଦାସ, ସେବତୀ ବେହେରା, ସ୍ନେହଲତା ଦାସ, ଇନ୍ଦୁବତୀ ଜେନା, ସୁଜାତା ବାରିକ, ମୀରା ବାଇ, ସୁଜୟ ପଣ୍ଡା, ସୌମିତ୍ର ଘୋଷ, ଅବନୀ ପତି,କଳ୍ପତରୁ ରାୟ, ସଂଜୀବ ଦାସ, ନିତ୍ୟସିଦ୍ଧ ନାୟକ, ପୃଥିରାଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଦ୍ୟୁତ ଶୁଳ୍କ ବୃଦ୍ଧି ପ୍ରତିବାଦରେ ବିଜେପି ପକ୍ଷରୁ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଓ



ବାଲେଶ୍ୱର,୧୬/୦୭ (ନି.ପ୍ର): ବିଦ୍ୟୁତ ଶୁଳ୍କ ବୃଦ୍ଧି ଓ ଅଘୋଷିତ ବିଦ୍ୟୁତ କାଟ ପ୍ରତିବାଦରେ ବିଜେପି ପକ୍ଷରୁ ବାଲିଆସ୍ଥିତ ବିଦ୍ୟୁତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଶୁକ୍ରବାର ଘେରାଉ କରାଯାଇଥିଲା । ରାଜ୍ୟ ବିଜେପି ଯୁବମୋର୍ଚ୍ଚା ଉପ-ସଭାପତି ମାନସ କୁମାର ଦତ୍ତଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଦଳର ବହୁ କର୍ମକର୍ତ୍ତାଙ୍କ ସମେତ ଶତାଧିକ ସଦସ୍ୟ ଯୋଗଦେଇ ରାଜ୍ୟ ସରକାରଙ୍କ ବିଦ୍ୟୁତ ଉପଭୋକ୍ତା ଶୋଷଣ ନୀତିକୁ ତୀବ୍ର ସମାଲୋଚନା କରିଥିଲେ । କରୋନା ଭଳି ବିପଦ ସମୟରେ ଲୋକେ ଜୀବିକା ହରାଇ ଦୁର୍ବିସହ ଜୀବନ ବିତାଉଥିବା ବେଳେ ରାଜ୍ୟ ସରକାରଙ୍କ ବିଦ୍ୟୁତ ଦେୟ ବୃଦ୍ଧି ଜନସାଧାରଣଙ୍କ ପାଇଁ ବୋଝ ଉପରେ ନଳିତା ବଡ଼ା ସଦୃଶ ହୋଇଛି ବୋଲି ଶ୍ରୀ ଦତ୍ତ ଅଭିଯୋଗ କରିଥିଲେ । ଏପ୍ରିଲ ମାସରୁ ରାଜ୍ୟ ସରକାର ବିଦ୍ୟୁତ ବିଲରେ ୟୁନିଟ ପିଛା ୩୦ ପଇସା ବୃଦ୍ଧି କରି ନିରୀହ ଜନତାଙ୍କୁ ଶୋଷଣ କରିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ସେ କହିଥିଲେ । ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ବରିଷ୍ଠ ବିଜେପି ନେତା ରବିନାରାୟଣ ମହାପାତ୍ର, ଗଙ୍ଗାଧର ରାଉତ, ସୀତାକାନ୍ତ ସ୍ୱାଇଁ, ଗୌରାଙ୍ଗ ଦାସ, ସତ୍ୟଜିତ ମିଶ୍ର, ସୁଜିତ ଦେବ, ଉପେନ୍ଦ୍ର ଶତପଥୀ, ଲୋକନାଥ ଭୂୟାଁ, ବିଜୟ ପାଣିଗ୍ରାହୀ, ଦୁକୁଲ ଘଡେଇ ପ୍ରମୁଖ ଏଥିରେ ଯୋଗଦେଇ ରାଜ୍ୟ ସରକାର ବିଦ୍ୟୁତ ନୀତିର ପ୍ରତିବାଦ କରିଥିଲେ । ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ଯୋଗୁଁ ୯୨ ଲକ୍ଷ ବିଦ୍ୟୁତ ଉପଭୋକ୍ତା ଏବେ କଷ୍ଟରେ ଅଛନ୍ତି । ଓଡ଼ିଶା ସରକାର ବାହାର ରାଜ୍ୟକୁ ବିଦ୍ୟୁତ ୟୁନିଟ ପିଛା ମୂଲ୍ୟ ୩ଟଙ୍କା ୨୧ପଇସା ଯୋଗାଉଥିବା ବେଳେ ବାହାର ରାଜ୍ୟରୁ କିଣୁଛନ୍ତି ୟୁନିଟ୩ଟଙ୍କା ୮୧ପଇସା ମୂଲ୍ୟରେ । ଏହି ବିଚିତ୍ର ନୀତିର ଫଳ ସାଧାରଣ ବିଦ୍ୟୁତ ଉପଭୋକ୍ତାଙ୍କୁ ସହିବାକୁ ପଡୁଛି ବୋଲି ବିଜେପି ନେତାମାନେ ଆରୋପ କରିଥିଲେ । ତୁରନ୍ତ ବିଦ୍ୟୁତ ଶୁଳ୍କ ହ୍ରାସ ସହ ଜିଲାର ବିଦ୍ୟୁତ ସେବାକୁ ସ୍ୱାଭାବିକ ପାଇଁ ସେମାନେ ଦାବି କରିଥିଲେ । ଏହି ଅବସରରେ ବିଜେପି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୫ ଦଫା ସମ୍ବଳିତ ସ୍ମାରକପତ୍ର ଟାଟା ପାୱାର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା । ଏହି ଘେରାଓ କାର୍ଯ୍ୟକ୍ରମରେ ବିଜେପିର ବହୁ କର୍ମୀ ଓ ସମର୍ଥକ ସାମିଲ ହୋଇଥିଲେ ।

## ଏକ କଣ୍ଟିନରରୁ ଚୋରି : ଥାନାରେ ଏତଲା

ପାରାଦ୍ୱୀପ,୧୬/୦୭ (ନି.ପ୍ର): ପାରାଦ୍ୱୀପ ଷଣ୍ଡକୁଦ ନିକଟରେ ଥିବା ଡିସିଆଇ କମ୍ପାନୀ ର ଏକ କଣ୍ଟିନର ରୁ ଚୋରି । ଜଟାଧାର ସାମୁଦ୍ରିକ ଥାନା ରେ ଏତଲା । ପାରାଦ୍ୱୀପ ଷଣ୍ଡକୁଦ ନିକଟରେ ଏକ କମ୍ପାନୀର ଡ୍ରେଜିଙ୍ଗ କାର୍ଯ୍ୟ ପାଇଁ ପାଇପଲାଇନ ବିଛାଇଥିବା ଡ୍ରେଜିଙ୍ଗ କର୍ପୋରସନ ଇଣ୍ଡିଆ ବା ଡି ସି ଆଇ କମ୍ପାନୀ ଷଣ୍ଡକୁଦ ଛକ ନିକଟରେ ସମୁଦ୍ରକୂଳ ସାଇଟ କୁ ଏକ କଣ୍ଟିନର ରେ ନଟ, ବୋଲ୍ଟ ଓ ଅନ୍ୟାନ୍ୟ କିଛି ସାମଗ୍ରୀ ରଖାଯାଇଥିଲା । ତେବେ ଏହି କଣ୍ଟିନର ର ତାଲା ଭାଙ୍ଗି କେହି ଦୁର୍ବୃତ୍ତ ଏହି କଣ୍ଟିନର ରୁ ଲୁହା ନଟ, ବୋଲ୍ଟ ସବୁ ଚୋରି କରି ନେଇ ଯାଇଥିବା ର କମ୍ପାନୀ ର କର୍ମଚାରୀ ମାନେ ଦେଖିବା ପରେ ଜଟାଧାର ମୁହାଁଣ ସାମୁଦ୍ରିକ ଥାନା ରେ ଏତଲା ଦିଆଯିବା ପରେ ପୋଲିସ ପକ୍ଷରୁ ଘଟଣା ର ଅନୁସନ୍ଧାନ ଜାରି ରହିଛି । କଣ୍ଟିନର ରୁ ଚୋରି ହୋଇଥିବା ଜିନିଷ ର ଆନୁମାନିକ ମୂଲ୍ୟ ୨୦ ହଜାର ରୁ ଉର୍ଦ୍ଧ ଟଙ୍କା ହେବ ବୋଲି ଏତଲା ପୋଲିସ ପକ୍ଷରୁ ସୂଚନା ମିଳିଛି ।

## ବେଆଇନ୍ ବାଲି, ପଥର ଯାନ ଜବତ୍ : ୧ଲକ୍ଷ୭୫ ହଜାର ଟଙ୍କା ଜୋରିମାନା

ଜଳେଶ୍ୱର ୧୬/୭(ନିପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ତହସିଲ ଅନ୍ତର୍ଗତ ସୁବର୍ଣ୍ଣରେଖାର ଶ୍ରୀରାମପୁର ଗ୍ରାମନିକଟରୁ ପ୍ରତିଦିନ ଶହ ଶହ ଟ୍ରାକ୍ଟର ବେଆଇନ୍ ବାଲି ପରିବହନ କରୁଥିବାରୁ ଜଳେଶ୍ୱର ତହସିଲଦାର ଶଂକର ପଟ୍ଟନାୟକ ସେଥିରୁ ୪ଟି ଟ୍ରାକ୍ଟର ଜବତ୍ କରିଛନ୍ତି । ଏହି ଟ୍ରାକ୍ଟର ଗୁଡିକଠାରୁ ଆଜି ଶୁକ୍ରବାର ୧୫ହଜାର ଟଙ୍କା ଲେଖାଏଁ ମୋଟ ୬୦ହଜାର ଟଙ୍କା ଆଦାୟ କରାଯାଇଛି । ସେହିପରି ୨ଟି ବେଆଇନ୍ ବାଲି ପରିବହନ କରୁଥିବା ଡମ୍ପର ଠାରୁ ୮୦ ହଜାର ଟଙ୍କା ଓ ଅନ୍ୟଏକ ବେଆଇନ୍ ପଥର ପରିବହନ କରୁଥିବା ଡମ୍ପର ଠାରୁ ୩୫ହଜାର ଟଙ୍କା ଆଦାୟ କରାଯାଇଛି । ଏପରି ମୋଟ ୧ଲକ୍ଷ ୭୫ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ଶ୍ରୀ ପଟ୍ଟନାୟକ ସାମ୍ବାଦିକଙ୍କୁ ସୂଚନା ଦେଇଛନ୍ତି ।

## ସିଲ୍ ହେଲା ଶ୍ରୀକ୍ଷେତ୍ର ଲଜ୍

ପୁରୀ,୧୬/୦୭ (ନି.ପ୍ର): ଗତ ୧୨ ତାରିଖ ଦିନ ରଥଯାତ୍ରା ସମୟରେ ଯାରି କରାଯାଇଥିବା କର୍ଫ୍ୟୁ କଟକଣା ଉଲଂଘନ କାରୀ ମାନଙ୍କ ବିରୁଧରେ କଠୋର ଆଭିମୁଖ୍ୟ ଗ୍ରହଣ କରିଛି ଜିଲା ପ୍ରଶାସନ । ବଡଦାଣ୍ଡ ରେ ରଥାରୂଢ଼ ଶ୍ରୀଜିଉ ମାନଙ୍କ ରଥଯାତ୍ରା ସମୟରେ ନିୟମ ଉଲଂଘନ କରି ଯାତ୍ରୀ ଙ୍କୁ ରଖି ରଥ ଦର୍ଶନ ର ସୁଯୋଗ ଦେଇଥିବା ଅଭିଯୋଗରେ ବଳଗଣ୍ଡି ସ୍ଥିତ ଶ୍ରୀକ୍ଷେତ୍ର ଲଜ୍ କୁ ଆଜି ଜିଲା ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି । ଗତକାଲି ଅକ୍ଷୟପାତ୍ର ଫାଉଣ୍ଡେସନ ବିଲଡିଂକୁ ସିଲ କରଯାଇଥିବା ବେଳେ ପୂର୍ବରୁ ଗଙ୍ଗା ଲଜ୍ ଓ ସାଗର ଇନ ଲଜ କୁ ମଧ ସିଲ୍ କରାଯାଇଥିଲା । ପ୍ରଶାସନ ପକ୍ଷରୁ ଭିଡିଓ ଫୋଟେଜ ଅନୁଧାନ କରାଯାଉଥିବାରୁ ଆଗାମୀ ଦିନରେ ଅନ୍ୟ କେତେକ ଲଜ୍ ଓ ହୋଟେଲ ବିରୁଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପରେ ବୋଲି ଜିଲା ପ୍ରଶାସନ ର ବରିଷ୍ଠ ଅଧିକାରୀ କହିଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## କେନ୍ଦ୍ର ବିରୋଧରେ ବିଜେଡିର ....

ମେଟ୍ରିକ ଟନ୍ ଚାଉଳକୁ କେନ୍ଦ୍ର ସରକାର ଉଠାଇବା ପାଇଁ ବିଜେଡି ଦାବି କରିଛି । ଏହା ବ୍ୟତୀତ ବିଭିନ୍ନ କାରଣ ଯୋଗୁଁ ଖରିଫ ଧାନ ସଂଗ୍ରହ ସମୟ ଅବଧି ୩୦ ଜୁନ୍ ୨୦୨୧ରୁ ୩୦ ସେପ୍ଟେମ୍ବର ୨୦୨୧କୁ ବଢାଇବା ପାଇଁ ଓଡିଶା ସରକାର କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲେ । କିନ୍ତୁ କେନ୍ଦ୍ର ସରକାର ଏହାକୁ ୩୧ ଜୁଲାଇ ୨୦୨୧ ପର୍ଯ୍ୟନ୍ତ ବଢାଇଛନ୍ତି ।ଏହି ସଂଗ୍ରହ ସମୟସୀମାକୁ ସେପ୍ଟେମ୍ବର ୩୦ ତାରିଖକୁ ବୃଦ୍ଧି କରାଯାଉ । ଖରିଫ ଧାନ ସଂଗ୍ରହ ପାଇଁ ଟୋକନ ଅବଧି ୩୦ ଦିନ । ରବି ଧାନ ସଂଗ୍ରହ ପାଇଁ ଏହା ୧୫ ଦିନ । ରବି ଧାନ ସଂଗ୍ରହ ସୀମିତ ସମୟ ଦୁଇ ମାସ ପାଇଁ କରାଯାଏ ଏବଂ ଏହାର କାରଣ ହେଉଛି ଟୋକନ ବୈଧତା ଅବଧି ୧୫ ଦିନ ପାଇଁ ସୀମିତ । ଖରିଫ ଧାନ ସଂଗ୍ରହ ନଭେମ୍ବରରୁ ମାର୍ଚ୍ଚ ମଧ୍ୟରେ ହେଉଥିବାବେଳେ ରବି ଧାନ ମଇରୁ ଜୁନ୍ ମଧ୍ୟରେ ହୋଇଥାଏ । ଧାନ ସଂଗ୍ରହ ପୂର୍ବରୁ ଭାରତ ସରକାର ଏହି ସମୟକୁ ଅନୁମୋଦନ କରିଥାନ୍ତି । ବିଗତ ଦୁଇବର୍ଷ ମଧ୍ୟରେ ୩.୮୩ ଲକ୍ଷ ନୂଆ ଚାଷୀ ଧାନ କିଣା ପ୍ରକ୍ରିୟାରେ ସାମିଲ ହୋଇଛନ୍ତି ଯାହାକି ୩୮ ପ୍ରତିଶତ ଅଭିବୃଦ୍ଧି ଅଟେ । ସେହିଭଳି ଦୁଇ ବର୍ଷରେ ୧୮ ପ୍ରତିଶତ ଅଧିକ ପରିମାଣ ଧାନ ସଂଗ୍ରହ ହୋଇଛି ବୋଲି ବିଜେଡି ନେତ୍ରୀ କହିଛନ୍ତି । ବିଜେପି ନେତାମାନେ କୁମ୍ଭୀର କାନ୍ଦଣା ବନ୍ଦ କରି କେନ୍ଦ୍ର ସରକାର କିଭଳି ଓଡିଶାର ଧାନ ସଂଗ୍ରହ ପ୍ରକ୍ରିୟାରେ ସହଯୋଗ କରୁନାହାନ୍ତି ତାହାର ସତ୍ୟାସତ୍ୟ ଲୋକଙ୍କ ଆଗରେ ରଖନ୍ତୁ ।ଓଡିଶା ଚାଷୀଙ୍କ ପ୍ରତି ଏଭଳି ଅବହେଳା ପ୍ରତିବାଦରେ ବିଜେଡି ପକ୍ଷରୁ ଆସନ୍ତା ୨୦ ତାରିଖରେ ଭାରତୀୟ ଖାଦ୍ୟ ନିଗମର ଦପ୍ତର ଓ ଗୋଦାମ ସମ୍ମୁଖରେ ପ୍ରତିବାଦ କରାଯିବ । ଭାରତୀୟ ଖାଦ୍ୟ ନିଗମ ଧାନ କିଣା କ୍ଷେତ୍ରରେ ଆବଶ୍ୟକ ପଦକ୍ଷେପ ଗ୍ରହଣ ସହିତ କେନ୍ଦ୍ର ସରକାର ଓଡିଶାର ଦାବିଗୁଡିକୁ ତୁରନ୍ତ ମାନି ନେବାକୁ ସାମ୍ବାଦିକ ସମ୍ମିଳନୀରେ ବିଜେଡି ନେତ୍ରୀଦ୍ୱୟ ଦାବି କରିଛନ୍ତି ।

## ସ୍ୱାଧୀନତାର ଅମୃତ ମହୋତ୍ସବ ୱେବିନାର

ବାଲେଶ୍ୱର,୧୬/୦୭ (ନି.ପ୍ର): ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଧୀନସ୍ଥ କ୍ଷେତ୍ର ଜନସମ୍ପର୍କ କାର୍ଯ୍ୟାଳୟ ବାଲେଶ୍ୱର ଏବଂ କେନ୍ଦୁଝରର ମିଳିତ ଆନୁକୂଲ୍ୟରେ "ସ୍ୱାଧୀନତାର ଅମୃତ ମହୋତ୍ସବ" ଶୀର୍ଷକ ୱେବିନାର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପତ୍ରସୂଚନା କାର୍ଯ୍ୟାଳୟ ଏବଂ ଆଂଚଳିକ ଜନସମ୍ପର୍କ କାର୍ଯ୍ୟାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ରାଜିନ୍ଦର ଚୌଧୁରୀ ଯୋଗଦେଇଥିବା ବେଳେ ସମ୍ମାନିତ ଭାବେ ଆଂଚଳିକ ଜନସମ୍ପର୍କ କାର୍ଯ୍ୟାଳୟ, ଭୁବନେଶ୍ୱର ନିର୍ଦ୍ଦେଶକ ଶ୍ରୀ ଅଖିଳ କୁମାର ମିଶ୍ର ଯୋଗ ଦେଇଥିଲେ । ଅତିଥି ବକ୍ତା ଭାବରେ ବାଲେଶ୍ୱର ଆର୍ଟ ଏବଂ କ୍ରାଫ୍ଟସ କଲେଜର ଅଧକ୍ଷ ଶ୍ରୀ ନିକୁଞ୍ଜ ବିହାରୀ ଦାଶ, ସନ୍ତୋଷୀ ମା' ଆଂଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅର୍ଥଶାସ୍ତ୍ରୀ ଅଧ୍ୟାପକ ଶ୍ରୀ ଅମୀୟ ସାମନ୍ତରା ଏବଂ ଫକୀରମୋହନ ବିଶ୍ୱବିଦ୍ୟାଳୟର ଆସୋସିଏଟ ପ୍ରଫେସର ଆଣ୍ଡ ହେଡ୍, ପିଜି ଡିପାର୍ଟମେଂଟ ଅଫ ଏଜୁକେସନର ଡାକ୍ତର ଅମୂଲ୍ୟ କୁମାର ଆଚାର୍ଯ୍ୟ ଯୋଗଦେଇଥିଲେ । ଦେଶ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି (୧୫ଅଗଷ୍ଟ, ୨୦୨୨) ଅବସରରେ ସମଗ୍ର ଦେଶରେ ଆଜାଦି କା ଅମୃତ ମହୋତ୍ସବ ବା ସ୍ୱାଧୀନତାର ଅମୃତ ମହୋତ୍ସବ ଗତ ମାର୍ଚ୍ଚ ମାସ ୧୨ତାରିଖରୁ ଅର୍ଥାତ୍ ୭୫ବର୍ଷ ପୂର୍ତ୍ତିର ୭୫ ସପ୍ତାହ ପୂର୍ବରୁ ଦେଶର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଗୁଜରାଟର ଅହମ୍ମଦାବାଦସ୍ଥିତ ସାବରମତୀ ଆଶ୍ରମରୁ ଆରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମ ଅଗଷ୍ଟ ୧୫, ୨୦୨୩ ପର୍ଯ୍ୟନ୍ତ ଚାଲିବ । ଆମ ଦେଶକୁ ସ୍ୱାଧୀନତା ଦେଇଥିବା ଜାତିର ପିତା ମହାତ୍ମା ଗାନ୍ଧୀ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ସୁବାଷ ଚନ୍ଦ୍ର ବୋଷ, ଡକ୍ଟର ଆମ୍ବେଦକର, ଖୁଦିରାମ ବୋଷ, ଭଗତସିଂ, ରାଜଗୁରୁ, ପଣ୍ଡିତ ଗୋପବନ୍ଧୁ ଦାସ, ଶହୀଦ ଲକ୍ଷ୍ମଣ ନାୟକ, ବାଜିରାଉତ, ବୀରସୁରେନ୍ଦ୍ର ସାଏ, ରମାଦେବୀ ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ ଅଗ୍ରଣୀ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଭୂମିକା ତଥା ସ୍ୱାଧୀନତାର ଗାଥା ସମ୍ପର୍କରେ ଆଜିକାର ଏହି କାର୍ଯ୍ୟକ୍ରମରେ ଅତିଥିମାନେ ଆଲୋକପାତ କରିବା ସହିତ ସ୍ୱାଧୀନତାର ଗାଥା ଲୋକମାନଙ୍କ ପାଖରେ, ମୁଖ୍ୟତଃ ଛାତ୍ରଛାତ୍ରୀ ତଥା ଭବିଷ୍ୟତ ଭାରତବାସୀଙ୍କ ପାଖରେ ପହଂଚାଇବା ପାଇଁ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ଶିକ୍ଷକବୃନ୍ଦ, ବିଭିନ୍ନ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନର କର୍ମକର୍ତା ତଥା ଜନସାଧାରଣ ଯୋଗଦେଇଥିଲେ । ତା'ଛଡା ବିଶେଷଭାବେ କେନ୍ଦୁଝର ଏବଂ ବାଲେଶ୍ୱରର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତା ଯୋଗଦେଇଥିଲେ ।

## ରାଜଧାନୀରେ ୨୪ ଘଂଟାରେ ୩୧୧ପଜିଟିଭ୍

ଭୁବନେଶ୍ୱର,୧୬/୦୭ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ଶୁକ୍ରବାର ଦିନ ଆଉ ୩୧୧ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେଥିରୁ ୮୨ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୨୨୯ ଲୋକାଲ୍ କେସ୍ ରହିଛନ୍ତି । ଅପରପକ୍ଷରେ ୨୪ ଘଂଟାରେ ୨୩୫ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି । ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ବିଏମସିର ସୂଚନା ଅନୁସାରେ ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ ନୟାପଲ୍ଲୀରୁ ସର୍ବାଧିକ ୧୯ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଲେଝାରପଡା , ଓଲ୍ଡଟାଉନ୍ , ଚନ୍ଦ୍ରଶେଖରପୁର, ଖଣ୍ଡଗିରି ଓ ପାତ୍ରପଡାରୁ ୯ଜଣ ଲେଖାଏଁ , ବରମୁଣ୍ଡା ଓ ୟୁନିଟ୍ ୮ରୁ ୮ ଜଣ ଲେଖାଏଁ, ବଡଗଡ, ସାମନ୍ତରାପୁର, ସୁନ୍ଦରପଦା ଓ ପଟିଆରୁ ୭ ଜଣ ଲେଖାଏଁ ,ରସୁଲଗଡ,ସତ୍ୟନଗର ଓ ୟୁନିଟ୍ ୬ ରୁ ୬ ଜଣ ଲେଖାଏଁ, ଶୈଳଶ୍ରୀବିହାର, ଚକେଇସିଆଣି, କଳିଙ୍ଗନଗରରୁ ୫ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି । ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୯୫୧୯୪ କୁ ବୃଦ୍ଧି ପାଇଛି । ସେହିପରି ସୁସ୍ଥଙ୍କ ସଂଖ୍ୟା ୯୩୩୩୨ କୁ ବୃଦ୍ଧି ପାଇଛି । ଭୁବନେଶ୍ୱରରେ ଏବେ ୧୨୪୬ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୫୯୫କୁ ବୃଦ୍ଧି ପାଇଛି ।

## କ୍ୟୁଓର ଲାଇଫ୍ ହେଲ୍‌ଥ ସାଇନ୍ସ ଉଦ୍‌ଘାଟନ

ଭୁବନେଶ୍ୱର,୧୬/୦୭ (ନି.ପ୍ର): ଖାଲି ସହରାଂଚଳ ନୁହେଁ, ଗ୍ରାମାଂଚଳରେ ବି ଚିକିତ୍ସାର ସବୁ ବ୍ୟବସ୍ଥା ରହିବା ଦରକାର । ଏହି ଲକ୍ଷ୍ୟରେ 'କ୍ୟୁଓର ଲାଇଫ୍ ହେଲଥ୍-ସାଇନ୍ସ' ସଂସ୍ଥା ଏବେ ସାରା ଓଡ଼ିଶାରେ ହେଲ୍‌ଥ ସେଂଟର ଖୋଲିବାକୁ ଯାଉଛି । ଆଜି ଝାରପଡ଼ାସ୍ଥିତ ଜଗନ୍ନାଥ ନଗର ଲେନ୍-୬ରେ ଏହାର ଏକ ଶାଖା ଖୋଲିଛି । ବର୍ଷ ଶେଷ ସୁଦ୍ଧା ଓଡ଼ିଶାରେ ୪୦ରୁ ୫୦ଟି ହେଲଥ୍ ସେଂଟର ଖୋଲିବାକୁ ଟାର୍ଗେଟ ରଖିଛି । ସିନେ ଅଭିନେତା ବବି ମିଶ୍ର ଝାରପଡ଼ାସ୍ଥିତ ସେଂଟର ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ସଂସ୍ଥାର ମ୍ୟାନେଜିଙ୍ଗ ପାର୍ଟନର ଆଦିତ୍ୟ କେଶରୀ ବଳ କହିଥିଲେ, କରୋନା ଭଳି ମହାମାରୀ ଯୋଗୁଁ ସାରା ବିଶ୍ୱ ଏବେ ସଙ୍କଟରେ । ସହରାଂଚଳକୁ ଛାଡ଼ିଲେ, ଓଡ଼ିଶାର ଗ୍ରାମାଂଚଳରେ ସ୍ୱାସ୍ଥ୍ୟର ଭିତିଭୂମି ଅବସ୍ଥା ବେହାଲ । ଏଣୁ ରାଜ୍ୟର ଛୋଟ ବଜାରରେ ବି ସଂସ୍ଥାର ଶାଖା ଖୋଲିବାକୁ ଆଶା ରଖିଛୁ । ରାଜେଶ କୁମାର ନାୟକ କହିଥିଲେ, କ୍ୟୁଓର ଲାଇଫ୍‌ରେ ପାଥୋଲାବ୍ ଓ କ୍ଲିନିକ୍‌ର ସବୁ ସୁବିଧା ମିଳିବ । ଗରିବ ଲୋକଟିଏ କମ୍ ମୂଲ୍ୟରେ, ଉତ୍ତମ ସେବା ଓ ଚିକିତ୍ସା ପାଇପାରିବ । ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ନିଳାଂଚନା ଚାଟାର୍ଜୀ, ମୌସୁମୀ ମିଶ୍ର ଅତିଥି ଭାବେ ଉପସ୍ଥିତ ଥିଲେ ।

## ପିପିଏଲ ସାର କାରଖାନା ମୁଖ୍ୟ ଫାଟକ ସମ୍ମୁଖରେ ଲାଇନଚ୍ୟୁତ ହେଲା ଟ୍ରେନ୍

### ୧୦ ଘଣ୍ଟା ଧରି ଯାତାୟତ ବାଧା ପ୍ରାପ୍ତ



ପାରାଦ୍ୱୀପ,୧୬/୦୭ (ନି.ପ୍ର): ପାରାଦୀପ ପିପିଏଲ ସାର କାରଖାନା ମୁଖ୍ୟ ଫାଟକ ସମ୍ମୁଖରେ ଲାଇନଚ୍ୟୁତ ହୋଇଛି ଟ୍ରେନ ବଗି । ୪ଟି ବଗି ଲାଇନଚ୍ୟୁତ ହୋଇଥିବା ବେଳେ ପିପିଏଲ କାରାଖାନା ଭିତରକୁ ଓ ବାହାରକୁ ଯିବା ଆସିବା ପ୍ରାୟ ୧୦ ଘଣ୍ଟା ଧରି ବନ୍ଦ ହୋଇଯାଇଥିଲା । ମିଳିଥିବା ସୂଚନା ଅନୁସାରେ ଟ୍ରେନ୍ ଟି ପିପିଏଲ କାରଖାନାରୁ ଜିପସମ ନେବାକୁ ଆସୁଥିବା ବେଳେ ଫାଟକ ନିକଟରେ ଏହାର ୪ଟି ବଗି ଲାଇଚ୍ୟୁତ ହୋଇଥିଲା । ଟ୍ରେନ ଲାଇନ ରୁ ବଗି ଛିଟିକି ବାହାରି ଯାଇଥିଲା । ତେବେ ଏଥିରେ କାହାରି କୌଣସି କ୍ଷତି ହୋଇ ନଥିବା ବେଳେ, ମେସିନ ସାହାର୍ଯ୍ୟରେ ବଗିକୁ ଲାଇନ ଉପରକୁ ନେବାକୁ ଚେଷ୍ଟା ଜାରି ରହିଛି । ତେବେ ଲାଇନଚ୍ୟୁତ ର କାରଣ ସ୍ପଷ୍ଟ ଜଣାପଡିନାହିଁ , ଲାଇନ ଉପରେ ଗୋଡି ପଡିଥିବାର ଏପରି ଘଟିଥିବା ଅନୁମାନ କରାଯାଇଛି । ଡବା ଖୋଲିଥିବାରୁ ଏହି ଗୋଡି ଟ୍ରେନ ଚକାରେ ଲାଗି, ଚକା ଛିଟିକି ଯାଇଥିବା ଅନୁମାନ କରାଯାଉଛି । ଦୀର୍ଘ ବର୍ଷ ଧରି ଏହି ସ୍ଥାନ ରେ ଓଭରବ୍ରିଜ୍ ନିର୍ମାଣ ପାଇଁ ଦାବୀ ହେଉଥିଲେ ବି ପିପିଏଲ୍ କର୍ତ୍ତୃପକ୍ଷ ଏହାକୁ ଏଡାଇ ଚାଲିଛନ୍ତି । ତୁରନ୍ତ ଏଠାରେ ଓଭରବ୍ରିଜ୍ ନିର୍ମାଣ ପାଇଁ ସାଧାରଣ ରେ ଦାବୀ ହେଉଛି ।

ଧ୍ୱନି ପ୍ରତିଧ୍ୱନି



# ମାଧ୍ୟମିକ ବିଦ୍ୟାଳୟ ରୂପାନ୍ତରଣ ସଂପର୍କିତ ବୈଠକ

ପୁରୀ,୧୬/୦୭ (ନି.ପ୍ର): ଜଗତିକରଣ ଯୁଗ ରେ ଶିକ୍ଷାନୁଷ୍ଠାନ ଗୁଡିକରେ ଉନ୍ନତ ଶୈକ୍ଷିକ ପରିବେଶ ସୃଷ୍ଟି ପାଇଁ କୃଷ୍ଣପ୍ରସାଦ,ବ୍ରହ୍ମଗିରି ଓ ପୁରୀ ସଦର ସମେତ ଜଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟ ଗୁଡିକୁ ୫-ଟି ରେ ସାମିଲ କରିବା ନିମନ୍ତେ ସରକାର ସ୍ୱୀକୃତି ପ୍ରଦାନ କରିଛନ୍ତି। ଏହି ବିଦ୍ୟାଳୟ ଗୁଡିକର ଭିତି ଭୂମି ସୁଦୃଢ କରିବା ନିମନ୍ତେ କାର୍ଯ୍ୟକ୍ରମ କୁ କିଭଳି ଆଗେଇ ନିଆଯାଇ ପାରିବ ଏଥିଲାଗି ଏକ ପ୍ରସ୍ତୁତି ବୈଠକ ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ସଞ୍ଜୟ କୁମାର ଦାସ ବର୍ମା ଙ୍କ ଅଧକ୍ଷାତରେ ସ୍ଥାନୀୟ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସେହି ହାଇସ୍କୁଲ ଗୁଡିକ ହେଲା କୃଷ୍ଣପ୍ରସାଦ ବ୍ଲକ ର ବଡଖାଡ ସ୍ଥିତ କମଳେଶ୍ୱର ନୋଡାଲ ବିଦ୍ୟାପୀଠ,ସିଆଣ୍ଡି ର ସାନସୀମା ନୋଡାଲ ହାଇସ୍କୁଲ , ଓରା, ପଣସପଦା ର ହରିହର ବିଦ୍ୟାପୀଠ ରହିଥିବା ବେଳେ ବ୍ରହ୍ମଗିରି ର ମଣପଡା ର ମଦନମୋହନ ହାଇସ୍କୁଲ, କୁଷୁବେଂଟି ର ରାଧାମୋହନ ବିଦ୍ୟାପୀଠ, ଭୂବନ ପୁରର କୃଷକ ବିଦ୍ୟାପୀଠ, ସୁନାମହିଁ, ରାୟ ବିଧାରର ଗଙ୍ଗାଧର ବିଦ୍ୟାପୀଠ,ଭଣ୍ଡାରୀ କୁଦା, ଖଜୁରିଆ ର ବାଲିଙ୍କେଶ୍ୱର ନୋଡାଲ ବିଦ୍ୟାପୀଠ,ବ୍ରହ୍ମଗିରି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପୁରୀ ସଦର ବ୍ଲକ ର ଭାର୍ଗବୀ ହାଇସ୍କୁଲ, ବିରନରସିଂହପୁର,ବାସୁଦେବ ପୁରର କନକଦୁର୍ଗା ହାଇସ୍କୁଲ ଅନ୍ତର୍ଭୁକ୍ତ। ବ୍ରହ୍ମଗିରି ସୈôଠିକ ବିକାଶ ରେ ସ୍ମାଟ୍ କ୍ଲାସରୁମ ଭଳି ଆବଶ୍ୟକତା ଥିବା ବେଳେ ଏହି ଯୋଜନା ଛାତ୍ର ଛାତ୍ରୀ ଙ୍କୁ ଗୁଣାତ୍ମକ ଓ ନୁତନ ପ୍ରଯୁକ୍ତି ବିଦ୍ୟା ସହିତ ଯୋଡିବାରେ ସହାୟକ ହେବ। କେବଳ ନୁତନ ଭିତି ଭୂମି ନୁହେଁ ଶିକ୍ଷା ବ୍ୟବସ୍ଥା ରେ ଯେଉଁ ବୈପ୍ଳବିକ ଓ ନୁଆ ଆହ୍ୱାନ ଆସିଛି ତାକୁ ସମ୍ମୁଖୀନ ହେବା ସହ ମାଧମିକ ଶିକ୍ଷା ରୁପାନ୍ତରିତ କରିବାରେ କେବଳ ସହାୟକ ହେବ ନାହିଁ ବରଂ ଶିକ୍ଷା କ୍ଷେତ୍ର ରେ ମାଇଲ ଖୁଂଟ ହେବ ବୋଲି ଶ୍ରୀ ଦାସ ବର୍ମା ଉକ୍ତ ବୈଠକରେ ମତ ବ୍ୟକ୍ତ କରିଥିଲେ। ପ୍ରମୁଖ ଭାବରେ ୫-ଟି ଅଧିନରେ ସ୍ମାଟ୍ ଶ୍ରେଣୀଗୃହ, ଶୌଚାଳୟ, ପାଠାଗାର, ପରୀକ୍ଷାଗାର, ଖେଳପଡିଆ, ବିଦ୍ୟାଳୟ ବାତାବରଣ ଓ ରାଜ୍ୟ ସରକାର ଙ୍କ ପକ୍ଷରୁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନଶ୍ଚିତ କର୍ମ ନିଯୁକ୍ତି ଯୋଜନା ଅଧିନରେ ବିଦ୍ୟାଳୟ ରୂପାୟନ ମାଧମରେ ପାଚେରୀ ନିର୍ମାଣ, ପାନୀୟ ଜଳ, ଶୌଚାଳୟ ଆଦି ର ବ୍ୟବସ୍ଥା କରାଯିବ।

# ଡକାୟତି ଯୋଜନା ପଣ୍ଡ : ଜଣେ ଗିରଫ ବନ୍ଧୁକ ଜବତ



ବାଲେଶ୍ୱର,୧୬/୦୭ (ନି.ପ୍ର): ଗତକାଲି ସନ୍ଧ୍ୟାରେ ବଡ ଧରଣର ଡକାୟିତ ଯୋଜନା ଚାଲିଥିବାବେଳେ ଜଳେଶ୍ୱର ପୋଲିସ ପଣ୍ଡ କରିଛି। ଉକ୍ତ ଘଟଣାରେ ଜଣକୁ ଗିରଫ କରିଥିବା ୫ଜଣ ଫେରାର ହୋଇଯାଇଛନ୍ତି। ସୂଚନା ମୁତାବକ ଗତକାଲି ସନ୍ଧ୍ୟାରେ ଜଳେଶ୍ୱର ବାଲିଆପାଳ ମୁଖ୍ୟ ରାସ୍ତାର କଣ୍ଟାପାଳ ଛକ ନିକଟରେ ୬ଜଣ ଦୁର୍ବୃତ୍ତ ଏକ ବଡ଼ ଧରଣର ଡକାୟିତ ଯୋଜନା କରୁଥିବାବେଳେ କୌଣସି ସୂତ୍ରରୁ ଖବର ପାଇ ଜଳେଶ୍ୱର ପୋଲିସ ଅତର୍କିତ ଚଢ଼ାଉ କରିଥିଲେ। ଘଟଣା ସ୍ଥଳରେ ୫ ଦୁର୍ବୃତ୍ତ ଫେରାର ହୋଇଯାଇଥିବା ବେଳେ ଜଳେଶ୍ୱର ଥାନା କଣ୍ଟାପାଳ ଗ୍ରାମର ଚନ୍ଦ୍ରକାନ୍ତ ପାଳଙ୍କୁ ପୋଲିସ ଗିରଫ କରିବା ସହ ତା ନିକଟରୁ ଦୁଇ ରାଉଣ୍ଡ ଗୋଳି, ବନ୍ଧୁକ, ଲଙ୍କା ଗୁଣ୍ଡ, ମୋବାଇଲ ଓ ଗୋଟିଏ ସ୍କୁଟର ଜବତ କରିଛି। ପୂର୍ବରୁ ଚନ୍ଦ୍ରକାନ୍ତ ନାମରେ ଜଳେଶ୍ୱର ଥାନାରେ ଚୋରି ରାହାଜାନି ଘଟଣାରେ ଏକାଧିକ ମାମଲା ରହିଛି ବୋଲି ଜଳେଶ୍ୱର ପୋଲିସ ସୂତ୍ରରୁ ଜଣା ପଡିଛି।

# ଛତିଶଗଡ ଦନ୍ତେୱାଡ଼ାରେ ପୁଲିସ-ମାଓବାଦୀ ମୁହାଁମୁହିଁ

## ପୁଲିସ ଗୁଳିରେ ଆଖି ବୁଜିଲେ ୩ ମାଓବାଦୀ



ଭୁବନେଶ୍ୱର,୧୬/୦୭(ନି.ପ୍ର): ଛତିଶଗଡ଼ ଦନ୍ତେୱାଡ଼ା ଜିଲ୍ଲାରେ ପୁଲିସ–ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ । ଦନ୍ତେୱାଡ଼ା ଜିଲ୍ଲା ଫର୍ସପାଲ ଥାନା ଅନ୍ତର୍ଗତ ଢୋଲକାଲ ଜଙ୍ଗଲରେ ମାଓବାଦୀଙ୍କ ଉପସ୍ଥିତିର ଖବର ପାଇ କୁମ୍ବିଂ ଅପରେସନ ଆରମ୍ଭ କରିଥିଲେ ଡ଼ିଆରଜି ଯବାନ । ଗତକାଲି ସଂଧ୍ୟା ସମୟରେ ପୁଲିସ ମାଓବାଦୀ ମୁହାଁମୁହିଁ ହୋଇଥିବା ବେଳେ ୩ଜଣ ମାଓବାଦୀ ପ୍ରାଣ ହରାଇଛନ୍ତି । ଘଟଣା ସ୍ଥଳରୁ ୩ଟି ବନ୍ଧୁକ, କିଟବ୍ୟାଗ ସମେତ ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ ହୋଇଛି । ମୃତ ମାଓବାଦୀ ମାନେ ସମସ୍ତେ ମାଓବାଦୀଙ୍କ ମିଲିଟାରୀ ପ୍ଲାଟୁନର ସଦସ୍ୟ ଥିବା ଜଣାପଡ଼ିଛି ।

# ଦିନକରେ ଚିହ୍ନଟ ୧୭୬ ସଂକ୍ରମିତ ଓ ୧୪୯ ସୁସ୍ଥ

ବାଲେଶ୍ୱର,୧୬/୦୭ (ନି.ପ୍ର): ରାଜ୍ୟର ବିଭିନ୍ନ ଜିଲାରେ କରୋନା ସଂକ୍ରମଣ ହାର ଅପେକ୍ଷାକୃତ କମ ରହୁଥିଲେ ବି ବାଲେଶ୍ୱରରେ ଅଦ୍ୟାବଧି ସଂକ୍ରମଣର ସ୍ଥିତି ସମ୍ପୂର୍ଣ୍ଣ ନିମ୍ନକୁ ଆସିପାରି ନାହିଁ। ଗତ କିଛି ଦିନ ଧରି ଦୈନିକ ସଂକ୍ରମଣ ୧୨୦ରୁ ନିମ୍ନରେ ରହିଥିବା ବେଳେ ଏବେ ତାହା ୨ଶହର ନିକଟତର ହୋଇଛି। ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗର ରିପୋର୍ଟ ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଜିଲାର ବିଭିନ୍ନ ଅଞ୍ଚଳରୁ ୧୭୬ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଚିହ୍ନଟଙ୍କ ମଧ୍ୟରେ ସହରର ସୁନହଟରୁ ୩ଜଣ, ମୋତିଗଞ୍ଜରୁ ୩ ଓ ଗୋପାଳଗାଁରୁ ୨ଜଣଙ୍କ ସମେତ ଅଙ୍ଗାରଗଡିଆ, ଆଜିମାବାଦ, ଜେଲ ରୋଡ, ମଠସାହି, ରାଜାବଗିଚା, ସହଦେବଖୁଣ୍ଟା ପ୍ରଭୃତି ଅଞ୍ଚଳରୁ ଜଣେ ଲେଖାଏଁ ସଂକ୍ରମିତ ରହିଛନ୍ତି। ସେହିଭଳି ବାହାନଗା ବ୍ଲକରୁ ୬ଜଣ, ବାଲିଆପାଳରୁ ୩, ବସ୍ତାରୁ ୧୧, ଭୋଗରାଇରୁ ୩୯, ଜଳେଶ୍ୱରରୁ ୨୩, ନୀଳଗିରିରୁ ୩୬, ଔପଦାରୁ ୨, ରେମୁଣାରୁ ୨୦, ସଦରରୁ ୨୦ ଓ ସୋର ବ୍ଲକରୁ ୨ଜଣ ନୂଆ ସଂକ୍ରମିତ ଭାବେ ଚିହ୍ନଟ ହୋଇଛନ୍ତି। ଅଦ୍ୟାବଧି ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୩୬,୪୩୭ରେ ପହଞ୍ଚିଥିବା ବେଳେ ଗତ ୨୪ ଘଣ୍ଟା ମଧ୍ୟରେ ୧୪୯ ଜଣ ସୁସ୍ଥ ହୋଇଛନ୍ତି। ଏବେ ସୁଦ୍ଧା ଜିଲାରେ ମୋଟ ୩୪,୬୫୭ ସଂକ୍ରମିତ ସୁସ୍ଥ ହୋଇଥିବା ସରକାରୀ ଭାବେ କୁହାଯାଇଛି। ଏବେ ସକ୍ରିୟ ଥିବା ୧୬୧୯ କରୋନା ଆକ୍ରାନ୍ତଙ୍କ ମଧ୍ୟରୁ ୧୨୨ଜଣ କୋଭିଡ ଡାକ୍ତରଖାନା, ୧୪୯୭ ଜଣ ଗୃହ ସଙ୍ଗରୋଧରେ ରହି ଚିକିତ୍ସିତ ହେଉଛନ୍ତି। ତେବେ ଗତ ୨୪ ଘଣ୍ଟା ମଧ୍ୟରେ କରୋନା ଆକ୍ରାନ୍ତ ୬୦, ୭୮, ୭୫, ୬୨, ୬୩, ୬୪, ବର୍ଷର ୬ ଜଣ ପୁରୁଷ ଏବଂ ୫୮ ଓ ୭୮ ବର୍ଷର ଦୁଇ ମହିଳାଙ୍କୁ ମିଶାଇ ମୋଟ ୮ଜଣଙ୍କ ମୃତ୍ୟୁ ହୋଇଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଜିଲାରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ଏବେ ୧୫୬ରେ ପହଞ୍ଚିଥିବା ସରକାରୀ ୱେବସାଇଟରେ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଟିକା ଅଭାବରୁ ଗତ ସାତ ଦିନ ଧରି ବାଲେଶ୍ୱରରେ ସାମୁହିକ ଟିକାକରଣ ବନ୍ଦ ରହିଥିବା ବେଳେ ଆଜି ଦିନକ ପାଇଁ ୧୫,୨୪୬ଜଣଙ୍କୁ ଟିକା ପ୍ରଦାନ କରାଯାଇଛି। ଅଦ୍ୟାବଧି ବାଲେଶ୍ୱର ଜିଲାରେ ମୋଟ ୭,୦୯,୫୨୮ ପାନ ଟିକା ଦିଆଯାଇଥିବା ବେଳେ ତନ୍ମଧ୍ୟରୁ ୫,୩୭,୬୪୭ ଜଣ ପ୍ରଥମ ପାନ ଓ ୧,୭୧,୮୮୧ଜଣ ଦ୍ୱିତୀୟ ପାନ ଟିକା ନେଇଥିବା ଜଣାପଡିଛି ।

# ମାନସିକ ଭାରସାମ୍ୟ ହରାଇ ଯୁବକର ଆତ୍ମହତ୍ୟା

ନୀଳଗିରି,୧୬/୦୭ (ନି.ପ୍ର): ଜନୈକ ଯୁବକ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିବା ଘଟଣା ନୀଳଗିରିର ଚର୍ଚ୍ଚାର ବିଷୟ ପାଲଟିଛି । ସୂଚନା ଅନୁସାରେ ବରହମପୁର ଅଧିନସ୍ଥ ଅଁଳାପାଳ ଗ୍ରାମର ଗଜେନ୍ଦ୍ର ଦାସଙ୍କ ପୁଅ ଅମିତ ଦାସ (୩୦) ଏକ ବର୍ଷ ପୂର୍ବରୁ ନରଣପୁର ଗ୍ରାମର ସନ୍ତୋଷ କୁମାର ଦାସ ଙ୍କ ଝିଅ ବର୍ଷାରାଣୀ କୁ ବୈଦିକ ରୀତିରେ ବିବାହ କରିଥିଲେ । ବିବାହାର ୨ମାସ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ୨ମାସ ପରେ ମନମାଳିନ୍ୟ ହୋଇଥିଲା । ସ୍ତ୍ରୀ ବର୍ଷା ସେବେ ଠାରୁ ବାପ ଘରେ ରହି ଆସୁଥିଲେ । ଏ ନେଇ ଉଭୟଙ୍କ ପକ୍ଷରୁ ଭଦ୍ର ବ୍ୟକ୍ତିମାନେ ବାରମ୍ବାର ସମାଧାନ କରି ମଧ୍ୟ ସଫଳ ହୋଇ ନଥିଲା । ସ୍ୱାମୀ ବାରମ୍ବାର ସ୍ତ୍ରୀ କୁ ନେବା ପାଇଁ ଶ୍ୱଶୁର ଘରକୁ ଆସୁଥିଲେ । ମାତ୍ର ସ୍ତ୍ରୀ ଯିଦ୍ ଆଗରେ ନିରାଶ ହୋଇ ଫେରୁଥିଲେ । ଶେଷରେ ୧୪/୭/୨୧ରିଖରେ ସ୍ତ୍ରୀ-ସ୍ୱାମୀଙ୍କ ବିରୋଧରେ ବରହମପୁର ଥାନାରେ ଯୌତୁକ ନିର୍ଯ୍ୟାତନା ନେଇ ଅଭିଯୋଗ କରିଥିଲେ । ଥାନା ପକ୍ଷରୁ ଅମିତ ବିରୁଦ୍ଧରେ ୪୬/୨୧ ଏକ ମାମଲା ଥାନା ପକ୍ଷରୁ ରୁଜୁ କରାଯାଇଥିଲା । ଅପରପକ୍ଷରେ ଏହାକୁ ନେଇ ଉଭୟ ପରିବାର ସମାଧାନ କରିବାକୁ ଚେଷ୍ଟା କରାଯାଇଥିଲା । ମାତ୍ର ଏଥିରେ କୌଣସି ସୁଫଳ ମିଳି ନ ଥିଲା । ଶେଷରେ ସ୍ୱାମୀ ଅମିତ ଗତକାଲି ରାତ୍ରିରେ ମାନସିକ ଭାରସାମ୍ୟ ହରାଇ ନିଜ ଘର ଠାରୁ ଅନତି ଦୂରରେ ଥିବା ଏକ ଆମ୍ବ ଗଛରେ ରଶି ଦେଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି । ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ୧୨/୨୧ ମାମଲା ରୁଜୁ କରାଯାଇ ବରହମପୁର ପୋଲିସ ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି । ଶବ ବ୍ୟବଚ୍ଛେଦ ପରେ ଶବକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

# ଟୁରିଷ୍ଟ୍ ବୋଟ୍ ଜାଳି ଦେଲେ ଦୁର୍ବୃତ୍ତ : ପୋଲିସ୍‌ର ତନାଘନା



ପାରାଦ୍ୱୀପ,୧୬/୦୭ (ନି.ପ୍ର): ପାରାଦ୍ୱୀପ ନେହେରୁବଙ୍ଗଳାସ୍ଥିତ ମାଛଧରା ବନ୍ଦର ପରିସର ରେ ଥିବା ଏକ ଟୁରିଷ୍ଟ୍ ବୋଟ୍ ଜଳି ପାଉଁଶ ହୋଇଯାଇଛି। ଗତ କିଛିଦିନ ହେଲା କରୋନା କଟକଣା ଯୋଗୁଁ ଏହି ବୋଟ କୁ ମାଛଧରା ବନ୍ଦର ରେ ରଖାଯାଇଥିଲା। ଗୁରୁବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଏଥିରେ ନିଆଁ ଲଗାଇ ଦେଇଥିବା ଅନୁମାନ କରାଯାଉଛି । ନେହେରୁବଙ୍ଗଳା ମହାନଦୀ ମୁହାଣ ନିକଟକୁ ଆସୁଥିବା ପର୍ଯ୍ୟଟକମାନେ ଏହି ବୋଟ ରେ ମୁହାଁଣରେ ବୁଲିବାର ସୁବିଧା ପାଇଥାନ୍ତି । କରୋନା ଯୋଗୁଁ ପର୍ଯ୍ୟଟକଙ୍କ ଆସିବା ବନ୍ଦ ହୋଇ ଯାଇଥିବାରୁ ବୋଟ କୁ ମାଛଧରା ବନ୍ଦର ରେ ରଖାଯାଇଥିଲା। ସକାଳୁ ଏହା ଜଳୁଥିବା ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ । ଘଟଣାସ୍ଥଳରେ ପାରାଦୀପ ମେରାଇନ ଥାନା ପୋଲିସ ପହଞ୍ଚି ତଦନ୍ତ କରୁଥିବା ବେଳେ ନିଆଁ ଲାଗିବାର ପ୍ରକୃତ କାରଣ ଜଣାପଡିନାହିଁ। ଟୁରିଷ୍ଟ୍ ବୋଟ୍ ପୋଡିବା ଘଟଣା କୁ ନେଇ ଚର୍ଚ୍ଚା ଜୋର୍ ଧରିଛି ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୨୩ ଗିରଫ, ୪୬୩ ବାହନ ଜବତ

ଭୁବନେଶ୍ୱର,୧୬/୦୭ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୨୩ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୪୬୩ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୫,୬୩,୮୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ପ୍ରଥମ ଦିନରେ ବାଲେଶ୍ୱର ଷ୍ଟାଣ୍ଡରୁ ଗଡ଼ିଲା ମାତ୍ର ୪ ଖଣ୍ଡ ବସ



ବାଲେଶ୍ୱର,୧୬/୦୭ (ନି.ପ୍ର): ଦ୍ୱିତୀୟ ଲହରରେ କରୋନା ସଂକ୍ରମଣ ହ୍ରାସ ସାଙ୍ଗକୁ ସରକାରଙ୍କ ପକ୍ଷରୁ ପର୍ଯ୍ୟାୟ କ୍ରମେ କଟକଣା କୋହଳ ହେବାରେ ଲାଗିଛି। ତେବେ ଜୁଲାଇମାସର ଦ୍ୱିତୀୟ ପର୍ଯ୍ୟାୟ ତାଲାବନ୍ଦ କୋହଳ ଘୋଷଣା କ୍ରମେ ମେ ମାସ ୫ ତାରିଖରୁ ବନ୍ଦ ଥିବା ବସସେବା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ବସଷ୍ଟାଣ୍ଡର ୨ଶହରୁ ଉର୍ଦ୍ଧ୍ୱ ବସରୁ ପ୍ରଥମ ଦିନରେ ମାତ୍ର ୪ଖଣ୍ଡ ଚଳାଚଳ ଆରମ୍ଭ କରିଥିବା ଦେଖିବାକୁ ମିଳିଛି। ଦୀର୍ଘ ଅଢ଼େଇ ମାସ ଧରି ବସସେବା ବନ୍ଦ ରହିବା ଫଳରେ ଏହାର କର୍ମଚାରୀମାନେ ଜୀବିକା ହରାଇ ଅନ୍ୟ କର୍ମସଂସ୍ଥାରେ କାଯ୍ୟକରି ପ୍ରତିପୋଷଣ ହେଉଥିଲେ। ସେମାନଙ୍କୁ ପୁଣି ବସ ଚଳାଚଳ କାର୍ଯ୍ୟକୁ ଫେରାଇ ଆଣିବା ପାଇଁ ଉଦ୍ୟମ ଜାରି ରଖିଥିବା କେତେକ ମାଲିକ କହିଛନ୍ତି। ଅନ୍ୟପକ୍ଷରେ ୨ମାସରୁ ଉର୍ଦ୍ଧ୍ୱକାଳ ବସ ବନ୍ଦ ରହିବା ଫଳରେ ବିଭିନ୍ନ ଯନ୍ତ୍ରାଂଶ ଖରାପ ହେବାକୁ ବସିଛି। ସେଗୁଡ଼ିକର ମରାମତି ବିନା ବସ ଚଳାଇବା ଆଦୌ ସମ୍ଭବ ନୁହେଁ ବୋଲି ସେମାନେ ସୂଚନା ଦେଇଛନ୍ତି। ତେବେ ସବୁଠାରୁ ବଡ଼କଥା ହେଲା ବ୍ୟବସାୟ ବନ୍ଦ ରହିବା ଯୋଗୁଁ ସେମାନେ ଅର୍ଥଶୂନ୍ୟ ହୋଇ ପଡ଼ିଥିବା ବେଳେ ବସ ମରାମତି କରିବା ପାଇଁ ଅର୍ଥ ଏକାନ୍ତ ଆବଶ୍ୟକ ହୋଇଛି। ଏଭଳି ସ୍ଥିତିରେ ପ୍ରତ୍ୟେକ ବସ ପାଇଁ ଅତିକମରେ ବିନା ସୁଧରେ ୧ ଲକ୍ଷ ଟଙ୍କାର ଋଣ ପ୍ରଦାନ ନିମନ୍ତେ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି ମାଲିକମାନେ। ସେହିଭଳି ବସ ଚଳାଚଳ ସ୍ୱାଭାବିକ ହେବାକୁ ଆହୁରି ମାସେରୁ ଉର୍ଦ୍ଧ୍ୱ ସମୟ ଲାଗିବ ବୋଲି ସେମାନେ ଆଶଙ୍କା କରିଛନ୍ତି। ଜୁଲାଇ ମାସ ଭଳି ଅଗଷ୍ଟ ଓ ସେପ୍ଟେମ୍ବର ମାସର ବି ଟିକସ ଛାଡ଼ ପାଇଁ ସେମାନେ ସରକାରଙ୍କଠାରେ ନିବେଦନ କରିଛନ୍ତି। ଅନ୍ୟପକ୍ଷରେ ସରକାରଙ୍କ ପକ୍ଷରୁ ବସସେବା ଘୋଷଣା କାର୍ଯ୍ୟକାରୀ ପାଇଁ ମାଲିକମାନେ ପ୍ରସ୍ତୁତ ଥିଲେ ବି କମ ସଂଖ୍ୟାକ ଯାତ୍ରୀ ବସ ଚଳାଚଳରେ ପ୍ରତିବନ୍ଧକ ହୋଇଛି। ସିଟ ସଂଖ୍ୟାନୁପାତରେ ବସରେ ଯାତ୍ରୀ ନେବାକୁ ସରକାରଙ୍କ ନିୟମ ମାନି ବସ ଚଳାଇବାକୁ ରାଜି ଥିଲେ ବି ସ୍ୱଳ୍ପ ସଂଖ୍ୟକ ଯାତ୍ରୀଙ୍କୁ ନେଇ କ୍ଷତି ସହିବାକୁ ମାଲିକମାନେ ଚାହୁଁ ନଥିବା ସେମାନେ କହିଛନ୍ତି। ତେବେ ସରକାରଙ୍କ ଘୋଷଣା ପରେ ବିଭିନ୍ନ ଅଞ୍ଚଳକୁ ଯିବା ପାଇଁ ବସଷ୍ଟାଣ୍ଡରେ ପହଞ୍ଚିଥିବା କେତେକ ଯାତ୍ରୀଙ୍କୁ ଶେଷରେ ନିରାଶ ହୋଇ ଫେରିବାକୁ ପଡ଼ିଥିବା ଦେଖିବାକୁ ମିଳିଛି।

# ବହୁ ଯୋଗ୍ୟ ହିତାଧିକାରୀ ଆବାସ ଯୋଜନାରୁ ବଂଚିତ : ବିଡିଓଙ୍କ ଦୃଷ୍ଟି ଆକର୍ଷଣ



ଜଳେଶ୍ୱର,୧୬/୦୭ (ନି.ପ୍ର): ତୃଟିପୂର୍ଣ୍ଣ ଜିଓ ଟେଗିଂ ଯୋଗୁଁ ଜଳେଶ୍ୱର ବ୍ଲକର ଶହ ଶହ ଯୋଗ୍ୟ ହିତାଧିକାରୀ ଆବସଯୋଜନା ପାଇବାରୁ ବଂଚିତ ହୋଇଛନ୍ତି। ଆଜି ରାୟାଁରାମଚନ୍ଦ୍ରପୁର ପଂଚାୟତର ପ୍ରାୟ ୩୦ଜଣ ହିତାଧିକାରୀ ଏ ସମ୍ପର୍କରେ ବିଡିଓଙ୍କ ସହିତ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନାରେ ସାମିଲ କରିବାକୁ ଆଜି ପଂଚାୟତବାସୀଙ୍କ ପକ୍ଷରୁ ଦାବି ହୋଇଛି । ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀ ଚୟନ ତାଲିକା ଗତ ୧୩ ତାରିଖରେ ପ୍ରକାଶ ପାଇଛି। କିନ୍ତୁ ସେଥିରେ ଶହ ଶହ ଯୋଗ୍ୟ ବ୍ୟକ୍ତିଙ୍କ ନାମ ବାଦ୍ ପଡିଥିବାର ଦେଖିବାକୁ ମିଳିଛି। ପ୍ରଥମ ଓ ୨ୟ ତାଲିକାରେ ପ୍ରକାଶ ପାଇଥିବା ତାଲିକାରେ ସେମାନଙ୍କ ନାମ ପ୍ରକାଶ ପାଇଥିବା ବେଳେ ଶେଷ ପର୍ଯ୍ୟାୟ ତାଲିକାରେ ନାମ ନ ଥିବାର ପଂଚାୟତରୁ ଗୌରହରୀ ବେହେରା ଓ ମଧୁସୂଦନ ସାହୁଙ୍କ ନେତୃତ୍ୱରେ ଅଭିଯୋଗ କରାଯାଇଛି । ଆଜି ପଂଚାୟତରୁ ଲକ୍ଷ୍ମୀକାନ୍ତ ପାଣିଗ୍ରାହୀ, ଅଶୋକ କୁମାର ଦାସ, ମିତାରାଣୀ ଜେନା, କରୁଣାକର ଜେନା, କମଳିନୀ ଜେନା, ଭବଶଂକର ବେହେରା, ମାୟାଧର ବେହେରା, ବଂକିମ ମହାନ୍ତି, ବିଷ୍ଣୁପଦ ପାତ୍ର, ସୁଦର୍ଶନ ସାହୁ, ଯଜ୍ଞେଶ୍ୱର ବାରିକଙ୍କ ନେତୃତ୍ୱରେ ପ୍ରାୟ ୩୦ଜଣ ଆଜି ବ୍ଲକ ପରିସରରେ ସମସ୍ତ ଦସ୍ତାବିଜ ସହିତ ପୂର୍ବରୁ ହୋଇଥିବା ଜିଓ ଟେଗ୍ ତାଲିକାର ଅବିକଳ ନକଲ ବିଡିଓଙ୍କୁ ଦେଇଛନ୍ତି । ଏ ସମ୍ପର୍କରେ ତଦନ୍ତ ହେବ ବୋଲି ବିଡିଓ କହିଛନ୍ତି ।

# ପାର୍ଲାମେଣ୍ଟରେ ସଶକ୍ତ ଓ କଠୋର ଜନ୍ମ ନିୟନ୍ତ୍ରଣ ବିଧେୟକ ପାରିତ ହେଉ

ଜଳେଶ୍ୱର, ୧୬/୭(ନିପ୍ର) : ଅସନ୍ତୁଳିତ ଜନସଂଖ୍ୟା କେବଳ ଦେଶର ଭବିଷ୍ୟତ ପାଇଁ ଉଦ୍‌ବେଗ ନୁହେଁ, ବରଂ ଭାରତୀୟ ସଂସ୍କୃତି, ଅସ୍ମିତା ତଥା ଇତିହାସ ଏବଂ ଗୌରବମୟ ପରମ୍ପରା ପ୍ରତି ବିପଦ ସୃଷ୍ଟି ହେଉଥିବାର ଆଜି ଜନସଂଖ୍ୟା ସମାଧାନ ଫାଉଣ୍ଡେସନ ପକ୍ଷରୁ ଏଠାରେ କୁହାଯାଇଛି । ଏକକିତା ଅଭିଯୋଗ ଫର୍ଦ୍ଦ ଅରୁଣ ବେଜଙ୍କ ନେତୃତ୍ୱରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ପ୍ରଦାନ କରାଯାଇଛି । ପ୍ରତି ମିନିଟ୍‌ରେ ଆମ ଦେଶରେଯ ୫୦ଜଣ ନବଜାତ ଶିଶୁ ଜନ୍ମ ନେଉଥିବା ବେଳେ ଆଗାମୀ ଦିନରେ ଭୟଙ୍କର ଜନ୍ମ ବିସ୍ଫୋରଣ ଦେଖା ଦେବାକୁ ଯାଉଛି। ଦେଶରେ ୨.୪ ପ୍ରତିଶତ ସ୍ଥଳଭାଗ ଥିବା ବେଳେ ୧ କି.ମି.ରେ ହାରାହାରି ୪୧୧ ଜଣ ଲୋକ ବସବାସ କରୁଛନ୍ତି । ସେହିପରି ଚୀନ୍‌ରେ ୧୫୩, ଆମେରିକାରେ ୩୭.୭୧, ରୁଷିଆରେ ୯ଜଣ, କାନାଡାରେ ୩.୯୨, ଅଷ୍ଟ୍ରେଲିଆରେ ୩.୩, ଜର୍ମାନୀରେ ୨୩୪, ବ୍ରିଟେନ୍‌ରେ ୨୭୫, ପାକିସ୍ଥାନରେ ୨୭୫ ଜଣ ଲୋକ ବାସ କରୁଛନ୍ତି । େ ଜନସଂଖ୍ୟା ଯୋଗୁଁ ବେକାରୀ ସଂଖ୍ୟା ବୃଦ୍ଧି ପାଉଛି । ଏହାର ସମାଧାନ ଲାଗି ବର୍ଦ୍ଧିତ ଜନସଂଖ୍ୟା ଉପରେ ଅଂକୁଶ ଲଗାଇବା । ଚୀନ୍ ପରି ଜନସଂଖ୍ୟା ନିୟନ୍ତ୍ରଣ ଆଇନ୍ ଦେଶରେ ଅଣାଯିବାକୁ ଜନସଂଖ୍ୟା ଫାଉଣ୍ଡେସନ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ପ୍ରତି ଦମ୍ପତିଙ୍କ ଲାଗି ୨ଟି ସନ୍ତାନ ବ୍ୟବସ୍ଥା କରିବାକୁ ଫାଉଣ୍ଡେସନର ଜଳେଶ୍ୱର ଶାଖା ପକ୍ଷରୁ ଅରୁଣ କୁମାର ବେଜ, ପ୍ରଦୀପ କୁମାର ମହାନ୍ତି, ସୁଶିଲ କୁମାର ପ୍ରଧାନ, ତପନ ଚରଣ ଗିରି, ଅଧିର ପାଣିଗ୍ରାହୀ, ଲକ୍ଷ୍ମୀନାରାୟଣ ପ୍ରଧାନ, ଜ୍ଞାନରଂଜନ ଦାସ, ପରେଶ ଘୋଷଙ୍କ ନେତୃତ୍ୱରେ ବହୁ ବ୍ୟକ୍ତି ତହସିଲଦାରଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି ।

# ମୟୂରଭଞ୍ଜର ସମସ୍ୟା ସମ୍ପର୍କରେ ଦିଲ୍ଲୀରେ ଦାବି

## ବିଭିନ୍ନ ବିଭାଗର କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା କଲେ ବରିଷ୍ଠ ବିଜେପି ନେତା ଜୀବନ ସାହୁ



ବାରିପଦା,୧୬/୦୭ (ନି.ପ୍ର): ବିଜେପି ରାଜ୍ୟ ପୂର୍ବତନ ମୁଖପାତ୍ର ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦଶ୍ୟ ଜୀବନ ସାହୁ ଦିଲ୍ଲୀରେ ନୂତନ ଦାୟୀତ୍ୱ ପାଇଥିବା କେନ୍ଦ୍ର ମନ୍ତ୍ରୀ ମଣ୍ଡଳର ପ୍ରମୁଖ ମନ୍ତ୍ରୀ ମାନଙ୍କୁ ସାକ୍ଷାତ କରି ମୟୂରଭଞ୍ଜ ଜିଲ୍ଲାରେ ଅଟକି ରହିଥିବା ବିଭିନ୍ନ ପ୍ରକଳ୍ପ ଓ ନୂତନ ପ୍ରକଳ୍ପ ଏବଂ ଓଡିଶା ସରକାରଙ୍କ ଦ୍ୱାରା ଅବହେଳିତ ହେଉଥିବା ବିଭିନ୍ନ ସମସ୍ୟାକୁ ନେଇ ବିଭିନ୍ନ ବିଭାଗର ମନ୍ତ୍ରୀ ମାନଙ୍କ ସମ୍ମୁଖରେ ଦୃଢ ଦାବୀ ଉପସ୍ଥାପନ କରିବା ସହିତ ତାହାର ସମାଧାନ ପାଇଁ ଆଲୋଚନା କରିଥିବାର ଜଣାଯାଇଛି । ଏହି ସାକ୍ଷାତକାର ରେ ସେ ଲୋକସଭା ବାଚସ୍ପତି ଶ୍ରୀ ଓମ ବିର୍ଲା, କେନ୍ଦ୍ର ସ୍ୱାସ୍ଥ୍ୟ, ପରିବାର, ସାର ଓ ରସାୟନ ମନ୍ତ୍ରୀ ଶ୍ରୀ ମନଶୁକ ଲାଲ ମାଣ୍ଡବିୟ, କେନ୍ଦ୍ର ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଜି. କିଶାନ ରେଡ୍ଡି, କେନ୍ଦ୍ର ବନ୍ଦର , ପରିବହନ, ଜଳପଥ ଓ ଆୟୁଷ ମନ୍ତ୍ରୀ ଶ୍ରୀ ସର୍ବାନନ୍ଦ ସୋନୁୱାଲ, ମୟୂରଭଞ୍ଜ ସାଂସଦ ତଥା କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳଶକ୍ତି ମନ୍ତ୍ରୀ ଇଂ ବିଶେଶ୍ୱର ଟୁଡୁ ଓ ବିଜେପିର ଓଡିଶା ପ୍ରଭାରୀ ଡି. ପରେନ୍ଦଶ୍ୱରୀଙ୍କୁ ଭେଟି ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ଦାବୀ ଉପସ୍ଥାପନ କରିଛନ୍ତି । ସେଗୁଡିକ ମଧ୍ୟରେ ଶିମିଳିପାଳ ଜୈବମଣ୍ଡଳର ସୁରକ୍ଷା, ଜାତୀୟ ଉଦ୍ୟାନର ମାନ୍ୟତା ସହ ପର୍ଯ୍ୟଟନ ଶିଳ୍ପର ବିକାଶ, ଜିଲ୍ଲାର ଛଉନୃତ୍ୟକୁ ବିଶ୍ୱ ସ୍ତରୀୟ ମାନ୍ୟତା, ପି.ଆର.ଏମ. ମେଡିକାଲ କଲେଜର ସମ୍ପ୍ରସାରଣ ସହ ଏକମୋ ଚିକିତ୍ସା ସେବା , ଆୟୁଷ ମନ୍ତ୍ରଣାଳୟର ସାଧାରଣ ଲୋକଙ୍କ ପାଇଁ ସରକାରୀ ସୁବିଧା, ଜିଲ୍ଲାରେ ଜଳଶକ୍ତି ବିଭାଗ ତରଫରୁ ସମସ୍ତଙ୍କୁ ପାନୀୟ ଜଳ ସହ ଜିଲ୍ଲାରେ ଆଦିବାସୀ ବିଶ୍ୱ ବିଦ୍ୟାଳୟ ସ୍ଥାପନ ସମ୍ପର୍କରେ ଆଲୋଚନା କରିଥିବାର ଜଣା ଯାଇଛି । ଶୁକ୍ରବାର କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ରାଜନାଥ ସିଂହ ଏବଂ ସୁଚନା ପ୍ରସାରଣ ମନ୍ତ୍ରୀ ଶ୍ରୀ ଅନୁରାଗ ଠାକୁରଙ୍କୁ ଭେଟି ରାସଗୋବିନ୍ଦପୁର ଏୟାରଷ୍ଟ୍ରିପ, ଆକାଶବାଣୀ କେନ୍ଦ୍ର ବାରିପଦା ଏବଂ ରାଇରଙ୍ଗପୁର ର ସଂପ୍ରସାରଣ ସମ୍ପର୍କରେ ଶ୍ରୀ ସାହୁ ଆଲୋଚନା କରିବେ ବୋଲି ଜଣା ଯାଇଛି । ତେବେ ବର୍ତମାନ କେନ୍ଦ୍ର ର ମୋଦୀ ସରକାର ପୂର୍ବ ଭାରତର ବିକାଶ ତଥା ମୟୂରଭଞ୍ଜ ଜିଲ୍ଲା ଉପରେ ବିଶେଷ ଧ୍ୟାନ ଦେଉଥିବାରୁ ଏହି ଆଲୋଚନା ଜିଲ୍ଲାର ବିକାଶ ପାଇଁ ବହୁତ ତାତ୍ପର୍ଯ୍ୟ ରଖୁଛି ବୋଲି ବୁଦ୍ଧିଜିବୀ ମହଲରେ ଆଲୋଚନା ହେଉଛି ।

# ଫେସ୍‌ବୁକ୍‌ରେ ପ୍ରେମ ସଂପର୍କ ପରେ ନାବାଳିକା ଅପହରଣ

ଜଳେଶ୍ୱର,୧୬/୦୭ (ନି.ପ୍ର): ସୋସିଆଲ ଓ ଫେସ୍‌ବୁକ୍‌ରେ ଏବେ ଗଢି ଉଠୁଥିବା ବହୁ ପ୍ରେମ ସମ୍ପର୍କ ପରେ ଅପରାଧର ରୂପ ନେଉଛି । ଏପରି ଏକ ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲାର ଜଳେଶ୍ୱର ଥାନା ଅଧିନସ୍ଥ ନଛିମପୁର ପଂଚାୟତର ଅର୍ଜୁନୀ ଗାଁରେ । ସେହି କିଛିଦିନ ପୂର୍ବରୁ ଅର୍ଜୁନୀ ଗାଁର ଜଗା ଓରଫ ପ୍ରହଲ୍ଲାଦ ଜେନା ସହିତ ମୋବାଇଲ୍‌ରେ ଚିଲିକାର କାଳିଜାଇ ଅଂଚଳର ଜଣେ ନାବାଳିକା ଝିଅ ସହିତ ପ୍ରେମ ସମ୍ପର୍କ ଗଢିଉଠିଥିଲା । ଶେଷରେ ଜଗା ନାବାଳିକା ଝିଅଟିକୁ ମିଥ୍ୟା ପ୍ରଲୋଭନ ଦେଖାଇ ନିଜ ଗାଁକୁ ନେଇ ଆସିଥିଲା । ୪ ଦିନ ତଳେ ନିଜ ଗାଁରେ ଲୁଚାଇ ରଖି ଏକ ମନ୍ଦିରରେ ବିବାହ କରିଥିଲା । ଏ ସମ୍ପର୍କରେ ଜଗା ନାବାଳିକା ର ବାପା, ମା ସହିତ ଫୋନ୍‌ରେ ଆଲୋଚନା କରିଥିବାରୁ ସେମାନେ ମୋବାଇଲ ଟ୍ରାକିଂ କରି ସେଠାକାର ପୁଲିସ୍ ସହାୟତାରେ ଜଳେଶ୍ୱରରେ ପହଞ୍ଚିଥିଲେ। ଉଭୟ ପୁଲିସ୍‌ର ମିଳିତ ସହଯୋଗରେ ସେମାନେ ଆଜି ସକାଳେ ନାବାଳିକା ଓ ଜଗାକୁ ଉଠାଇ ନେଇ ଯାଇଥିବାର ଜଣାଯାଇଛି । ଏହି ଘଟଣାଟି ଏହି ଅଂଚଳର ଆଲୋଚ୍ୟର ବିଷୟ ହୋଇଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo